ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୨/୨୦୨୫ (୧୬ ପୃଷ୍ଠା) Bhubaneswar, Wednesday, January 22/2025 Page 16 ₹ 7.00
୫୧ଶ ଭାଗ ୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 60 ମୂଲ୍ୟ ₹୭/-

### ପୁଞ୍ଜିବଜାରରେ ଟ୍ରମ୍ପ୍ ପ୍ରଭାବ

# ନିବେଶକ ହରାଇଲେ ୭ ଲକ୍ଷ କୋଟି

ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଭାରତୀୟ ପୁଞ୍ଜିବଜାର ଧରାଶାୟୀ ହୋଇଯାଇଛି। ମଙ୍ଗଳବାର ଟ୍ରେଡିଂ ସେସନ୍‌ରେ ସେନ୍‌ସେକ୍ସ ୧୨୩୫ ପଏଣ୍ଟ ଖସିଯାଇଛି, ଯାହାକି ଗତ ୭ ମାସରେ ସର୍ବାଧିକ। ଏଥିଯୋଗୁ ଭାରତୀୟ ନିବେଶକମାନେ ଦିନକରେ ୭ ଲକ୍ଷ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି। ଟ୍ରମ୍ପ୍ ଶପଥ ନେବା ପରେ ବିଦେଶରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ଅଧିକ ସୀମାଶୁଳ୍କ ଲଗାଇବେ ବୋଲି ନିଜ ବକ୍ତବ୍ୟରେ କହିଥିବାରୁ ଭାରତୀୟ ବଜାରରେ ଏଭଳି ଆତଙ୍କ ସୃଷ୍ଟି ହୋଇଥିବା ମନେକରାଯାଉଛି। ସେହିପରି ଆମେରିକୀୟ ଡଲାରକୁ ମଧ୍ୟ ସେ ଅଧିକ ମଜଭୁତ କରିବାକୁ ଘୋଷଣା କରିଛନ୍ତି। ଡଲାର ଯେତିକି ଶକ୍ତିଶାଳୀ ହେବ, ଭାରତୀୟ ଟଙ୍କା ସେତିକି ଦୁର୍ବଳ ହେବ। ବିଦେଶୀ ସଂସ୍ଥାଗତ ନିବେଶକ ମଧ୍ୟ ଭାରତୀୟ ବଜାରରୁ ମୁହଁ ଫେରାଇନେବାକୁ ଆରମ୍ଭ କଲେଣି। ଏହି ଦୃଷ୍ଟିରୁ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଭାରତର ଅର୍ଥନୀତି ପାଇଁ କ୍ଷତିକାରକ ହୋଇପାରେ ବୋଲି ପୁଞ୍ଜି ବଜାର ଆଶଙ୍କା କଲା ଭଳି ମନେହେଉଛି।

ମୁମ୍ବାଇ,୨୧।୧(ପି.ଟି.)

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିବା ମାତ୍ରେ ଦୋହଲିଗଲା ଭାରତୀୟ ପୁଞ୍ଜିବଜାର। ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ଯୋଗୁ ମଙ୍ଗଳବାର ସେସନ୍‌ରେ ବିଏସ୍‌ଇ ସେନ୍‌ସେକ୍ସ ୧୨୩୫ ପଏଣ୍ଟ (୧.୬୦%) ଖସି ୭୫,୮୩୮.୩୬ରେ ସ୍ଥିର ରହିଛି। ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୩୨୦ ପଏଣ୍ଟ (୧.୩୭%) ନିମ୍ନଗାମୀ ହୋଇ ୨୩,୦୨୪.୬୫ରେ ରହିଛି। ଫଳରେ ଭାରତୀୟ ନିବେଶକମାନେ ଦିନକ ଭିତରେ ୭ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିଛନ୍ତି। ସେନ୍‌ସେକ୍ସର

### ସେନ୍‌ସେକ୍ସ ଖସିଲା ୧୨୩୫ ପଏଣ୍ଟ



ଜମାଟୋ, ଏନ୍‌ଟିପିସି, ଆଦାନୀ ପୋର୍ଟ୍ସ, ଆଇସିଆଇସିଆଇ ବ୍ୟାଙ୍କ, ଏସ୍‌ବିଆଇ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭଳି କମ୍ପାନୀ ସବୁଠୁ ଅଧିକ ତଳକୁ ଖସିଛି। ସେହିପରି ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ୍‌ରେ ☞ପୃଷ୍ଠା-୪




# ୧୬ ମାଓବାଦୀ ନିହତ, ସନ୍ଦେହରେ ଏନ୍‌କାଉଣ୍ଟର

ନୂଆପଡ଼ା ଜିଲା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧରେ ସୋମବାର ରାତିରୁ ଚାଲିଥିବା ମିଳିତ ଏନ୍‌କାଉଣ୍ଟରରେ ଅଦ୍ୟାବଧି ୧୬ ମାଓବାଦୀ ନିହତ ହୋଇଥିବା ପଡ଼ୋଶୀ ରାଜ୍ୟର ପୋଲିସ ଦାବି କରିଛି। ୨୦୨୪ ମେ'ରେ ୧୨ ଏବଂ ସେହିବର୍ଷ ଡିସେମ୍ବରରେ ୫ ମାଓବାଦୀଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରିଥିବା ଛତିଶଗଡ଼ ପୋଲିସ ଦାବି କରିଥିଲା, ଯାହାକୁ ଗାଁ ଲୋକେ କହିଲେ ସେମାନେ ମାଓବାଦୀ ନୁହେଁ, ବରଂ ସାଧାରଣ ଗ୍ରାମବାସୀ ଥିଲେ। ଏଥର ଘଟଣା ମଧ୍ୟ ସନ୍ଦେହରୁ ମୁକ୍ତ ନୁହେଁ। କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ଟାର୍ଗେଟ ପୂରଣ ପାଇଁ ମାଓବାଦୀ ନିପାତ କାର୍ଯ୍ୟକ୍ରମରେ ପୋଲିସ ଗ୍ରାମବାସୀଙ୍କୁ ଗୁଳିକରି ହତ୍ୟା କରୁଥିବା କୁହାଯାଉଛି। ପ୍ରାଣ ହରାଉଥିବା ଲୋକେ ପ୍ରକୃତରେ ମାଓବାଦୀ ନା ନିରୀହ ଅସମ୍ପୃକ୍ତ ଗ୍ରାମବାସୀ, ତାହା କୌଣସି ତୃତୀୟ ପକ୍ଷ ଜାଣିବାର ଅବକାଶ ନାହିଁ। ଗଣମାଧ୍ୟମ ମଧ୍ୟ କେବଳ ପୋଲିସ ତଥ୍ୟକୁ ନେଇ ରିପୋର୍ଟ ପ୍ରକାଶ କରିବାକୁ ବାଧ୍ୟ ହେଉଛି। ଦେଖିବାକୁ ଗଲେ ମାଓବାଦ ଏକ ଚିନ୍ତାଧାରା, ଏହା ପଦପଦବୀ ଭଳି ସ୍ଥିର ଦାୟିତ୍ୱ ନୁହେଁ। ଏପରି କି ଜେହାଦୀ କିମ୍ବା ଆତଙ୍କବାଦଠାରୁ ମଧ୍ୟ ଏହା ସମ୍ପୂର୍ଣ୍ଣ ଭିନ୍ନ। ଦାରିଦ୍ର୍ୟର କଷାଘାତ ଓ ଆର୍ଥିକ ଅସମାନତାରୁ ନକ୍ସଲବାଦର ଜନ୍ମ। ଯେପର୍ଯ୍ୟନ୍ତ ଲୋକେ ଦାରିଦ୍ର୍ୟ ସହି ନ ପାରି ରହିଥିବେ, ସେପର୍ଯ୍ୟନ୍ତ ଦେଶରେ ବାମପନ୍ଥୀ କଠୋରବାଦ ବଞ୍ଚିରହିଥିବ ବୋଲି ଆଶଙ୍କା କରାଯାଉଛି।

ନୂଆପଡ଼ା,୨୧।୧(ମକାରୁ ବେମାଲ)

ଛତିଶଗଡ଼-ନୂଆପଡ଼ା ଜିଲା ସୀମାର ଅନତି ଦୂରରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରିରହିଛି। ଏଥିରେ ସୋମବାର ୨ଜଣ ମହିଳା ମାଓବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ଆହତ ହୋଇଥିଲେ। ସେହିପରି ମଙ୍ଗଳବାର ୧୪ ମାଓବାଦୀ ନିହତ ହୋଇଥିବା ବେଳେ ଜଣେ ଯବାନ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ହାର୍ଡକୋର ମାଓବାଦୀ ଜୟରାମ ରହିଛନ୍ତି। ସେ କେନ୍ଦ୍ରୀୟ ☞ପୃଷ୍ଠା-୪




## ୧୩ରୁ ବିଧାନସଭା

### ୧୭ରେ ବଜେଟ

ଭୁବନେଶ୍ୱର,୨୧।୧(ଅନିଲ ଦାସ)

ଆସନ୍ତା ଫେବୃଆରୀ ୧୩ ତାରିଖରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ତାରିଖ ଯାଏ ଚାଲିବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ରୁ ୨୧ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ଯାଏ ଚାଲିବ। ଏ ନେଇ ମଙ୍ଗଳବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ☞ପୃଷ୍ଠା-୪

## ବାହାରେ ରହୁଥିବା ମହିଳା 'ସୁଭଦ୍ରା' ଆବେଦନ କରନ୍ତୁ: ପ୍ରଭାତୀ

ଭୁବନେଶ୍ୱର,୨୧।୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାରେ ଜିଲାଭିତ୍ତିକ ସମୀକ୍ଷାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଡ଼ ସୂଚନା ଦେଇଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତାଙ୍କର ଅନୁଭବ ହେଉଛି ରାଜ୍ୟ ବାହାରେ ବହୁ ମହିଳା ଅଛନ୍ତି,ଯେଉଁମାନେ ସୁଭଦ୍ରାରେ ସାମିଲ ପାଇଁ ଆବେଦନ କରିନାହାନ୍ତି। ସେମାନେ ଆବେଦନ କରନ୍ତୁ। ତୁରନ୍ତ ସେମାନେ ☞ପୃଷ୍ଠା-୪







**ଆଜିର ସମ୍ପାଦକୀୟ**

**ଗଭୀର ଅମଳା**

# ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ: ମୁଖ୍ୟମନ୍ତ୍ରୀ

**ନୂତନ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ଜାତୀୟ କର୍ମଶାଳା**

- ପ୍ରି-ସ୍କୁଲ ପିଲାଙ୍କ ପାଇଁ ଶିଶୁବାଟିକା ଖୋଲାଯିବ
- ପ୍ରତି ପଞ୍ଚାୟତର ଗୋଟିଏ ବିଦ୍ୟାଳୟ ହେବ ଆଦର୍ଶ ବିଦ୍ୟାଳୟ
- ରାଜ୍ୟ ପାଠ୍ୟକ୍ରମରେ ଓଡ଼ିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ବରପୁତ୍ର ସ୍ଥାନ ପାଇବା ଆବଶ୍ୟକ- କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ନୂତନ ଶିକ୍ଷାନୀତିରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ଆସନ୍ତା ଶିକ୍ଷାବର୍ଷଠାରୁ ଏହି ନୂଆ ନୀତି କାର୍ଯ୍ୟକାରୀ ହେବ। ପ୍ରି-ସ୍କୁଲ ଶିକ୍ଷା ପାଇଁ ପିଲାଙ୍କ ନିମନ୍ତେ ଶିଶୁବାଟିକା ଖୋଲାଯିବ। ଶିଶୁବାଟିକାରେ ପିଲାଙ୍କ ଉପରେ ବିନା କୌଣସି ଚାପରେ ସେମାନଙ୍କ ମୌଳିକ ଓ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଜାତୀୟ ନୂଆ ଶିକ୍ଷା ନୀତି-୨୦୨୦ ସମ୍ପର୍କିତ ତିନିଦିନିଆ ଜାତୀୟ କର୍ମଶାଳାକୁ ମଙ୍ଗଳବାର ଲୋକସେବା ଭବନ କନଭେନ୍‌ଶନ୍ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରି କହିଛନ୍ତି, ନୂଆ ଶିକ୍ଷାନୀତିରେ ଶିକ୍ଷା ଭିତ୍ତିଭୂମି, ଖେଳ ମାଧ୍ୟମରେ ଶିକ୍ଷା, ମୌଳିକ ଶିକ୍ଷା, ବାହ୍ୟଜ୍ଞାନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷାରେ ଟେକ୍ନୋଲୋଜିର ପ୍ରୟୋଗକୁ ବ୍ୟାପକ କରାଯିବ। ଟେକ୍ନୋଲୋଜି ଜରିଆରେ ଶିକ୍ଷା ପ୍ରଦାନ ଆମ ଶିକ୍ଷା ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ହେବ। ସେହିପରି ୧୦+୨ ବ୍ୟବସ୍ଥା ବଦଳରେ ରାଜ୍ୟରେ ୫+୩+୩+୪ ବ୍ୟବସ୍ଥା ଲାଗୁ କରାଯିବ। ଏଥିପାଇଁ ଆଗାମୀ ବର୍ଷଗୁଡ଼ିକରେ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରାଯିବ। ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତିକା ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବ। ଏକ ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଲକ୍ଷ୍ୟକୁ ସାକାର କରିବା ଦିଗରେ ନୂଆ ଶିକ୍ଷାନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଛାତ୍ର ଓ ଯୁବ ସମାଜକୁ ଏକ ଆଧୁନିକ ଓ ସଶକ୍ତ ଭାରତ ଗଠନ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିପାରିବ। ରାଜ୍ୟରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି। ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରୀଛାତ୍ରଙ୍କ ଡ୍ରପ୍ ଆଉଟ ହାର କମ କରିବା ପାଇଁ ଉଦ୍ୟମ ଆରମ୍ଭ ହେଇଛି। ଆଜିର ଶିକ୍ଷାର୍ଥୀମାନେ ଆଗାମୀ କାଲିର ଭବିଷ୍ୟତ। ତେଣୁ ଗୁଣାତ୍ମକ ଶିକ୍ଷା ସହିତ ସେମାନଙ୍କ ସମୟାନୁବର୍ତ୍ତିତା ଏବଂ ଅନ୍ୟ ଆଦର୍ଶ ଗୁଣର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ରାଜ୍ୟର ପାଠ୍ୟକ୍ରମ ପ୍ରସ୍ତୁତି ଓ ଶିକ୍ଷା କ୍ଷେତ୍ରରେ ଦକ୍ଷତା ଏବଂ ଅଭିଜ୍ଞତା ଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ଗ୍ରହଣ କରାଯିବା ଆବଶ୍ୟକ। ପାଠ୍ୟକ୍ରମରେ ଓଡ଼ିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ବରପୁତ୍ରଙ୍କ ବିଷୟ ସ୍ଥାନ ପାଇବାର ଆବଶ୍ୟକତା ରହିଛି। ସମସ୍ତଙ୍କୁ ଯେପରି ସହଜରେ ଓ ସୁବିଧାରେ ଶିକ୍ଷା ମିଳିବ ସେ ଦିଗରେ ଶିକ୍ଷାନୀତି ଏକ ଆଦର୍ଶ ନୀତି ହେବ। ଜାତୀୟ ଶିକ୍ଷା ନୀତି ଏବଂ ରାଜ୍ୟ ଶିକ୍ଷା ନୀତି ଏକ ରୂପ ନେଇ ଓଡ଼ିଶାର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି ସେ କହିଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ନୂଆ ଶିକ୍ଷା ନୀତିରେ ମାତୃଭାଷା ସହିତ ବହୁଭାଷୀ ଶିକ୍ଷାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ରାଜ୍ୟର ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ସେହିପରି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦିନେଶ ସାକ୍‌ଲାନି କହିଛନ୍ତି, ନୂଆ ଜାତୀୟ ଶିକ୍ଷାନୀତିରେ ଦଶମ ଓ ଦ୍ୱାଦଶ ପରୀକ୍ଷା ବ୍ୟବସ୍ଥା ରହିଛି। ପିଲାମାନେ ପାଠ ପଢ଼ିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପରୀକ୍ଷାରେ ଫେଲ ହାର କମିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ଶିକ୍ଷାବିତ୍ ମଞ୍ଜୁଲ ଭାର୍ଗବ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ଏବଂ ଶିକ୍ଷାକ୍ଷେତ୍ରରେ କାର୍ଯ୍ୟରତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।



# ୨୮ରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)



ରାଜ୍ୟ ସରକାରଙ୍କ ପକ୍ଷରୁ ଜନତା ମଇଦାନ ଠାରେ ଆସନ୍ତା ୨୮ରୁ ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମର ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ରେ ଦିନିକିଆ ଓଡିଶା ଗସ୍ତରେ ଆସିବେ। ସେଦିନ ପୂର୍ବାହ୍ନ ୧୦ଟା ୩୫ ମିନିଟ୍‌ରେ ଜନତା ମଇଦାନ ଠାରେ ପହଞ୍ଚିବେ। ଦିନ ୧୧ଟାରୁ ୧୨ଟା ୩୦ ପର୍ଯ୍ୟନ୍ତ ସେ ଉତ୍କର୍ଷ ଓଡିଶା କନକ୍ଲେଭରେ ଉପସ୍ଥିତ ରହିବେ। ୧୨ଟା ୩୫ରେ ସେ ସଭାସ୍ଥଳରୁ ବାହାରି ବିମାନବନ୍ଦର ଅଭିମୁଖେ ଯିବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୧୦୦ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି।

# ପାଚିକାପାଚକଙ୍କ ଦରମା ୩ ହଜାରକୁ ବୃଦ୍ଧି

ଭୁବନେଶ୍ୱର,୨୧।୧(ସୁନିତ୍ ମିଶ୍ର)

ପିଏମ୍ ପୋଷଣ ଯୋଜନା (ମଧ୍ୟାହ୍ନଭୋଜନ)ରେ କାର୍ଯ୍ୟରତ ୧ ଲକ୍ଷରୁ ଅଧିକ ପାଚିକାପାଚକଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏହି ନିଷ୍ପତ୍ତି ନେଇଛନ୍ତି। ପାଚିକାପାଚକଙ୍କ ଦକ୍ଷତା ଓ ପରିଶ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସେମାନଙ୍କ ମାସିକ ପାରିଶ୍ରମିକ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପିଏମ୍ ପୋଷଣ ଯୋଜନାରେ ରାଜ୍ୟରେ ନିୟୋଜିତ ହୋଇଥିବା ୧,୧୨,୦୯୦ ଜଣ ପାଚିକାପାଚକ (କୁକ୍-କମ୍-ହେଲ୍‌ପର) ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହି ପାଚିକାପାଚକ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦,୬୧୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରୀଛାତ୍ରଙ୍କୁ ରନ୍ଧାଖାଦ୍ୟ ପରିବେଷଣ କରୁଛନ୍ତି।

# ନବ ଗଠିତ ପାକ୍ସ, ଲାମ୍ପ୍‌ସକୁ ମିଳିବ ୫ ଲକ୍ଷ

ଭୁବନେଶ୍ୱର,୨୧।୧(ଅନିଲ ଦାସ)

ରାଜ୍ୟରେ ଚାଷୀ ଓ ଅନ୍ୟାନ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସମବାୟ ମାଧ୍ୟମରେ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲାମ୍ପ୍ସ) ଗଠନ କରାଯାଇଛି। ଏହା ମଧ୍ୟରେ ୧୫୪୨ଟି ନୂଆ ପାକ୍ସ ଓ ଲାମ୍ପ୍ସ ଗଠନ କରାଯାଇଛି। ଏହି ନବଗଠିତ ସଂସ୍ଥାଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ନବଗଠିତ ପାକ୍ସ କିମ୍ବା ଲାମ୍ପ୍ସକୁ କାର୍ଯ୍ୟକ୍ଷମ ହେବା ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମୂଳଧନ ଦିଆଯିବ। ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଏହାଦ୍ୱାରା ନବଗଠିତ ୧୫୪୨ଟି ପାକ୍ସ ଓ ଲାମ୍ପ୍ସକୁ ମୂଳଧନ ଭାବରେ ୭୭.୮୦ କୋଟି ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ସମବାୟ କ୍ଷେତ୍ର ସୁଦୃଢ଼ ହେବା ସହିତ ଚାଷୀମାନେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

# ବଢ଼ିଲା ଶସ୍ୟ ପରିବହନ ଖର୍ଚ୍ଚ

- ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ(ଏସ୍‌ଏନ୍‌ପି)
- ସର୍ବାଧିକ ମୂଲ୍ୟ କୁଇଣ୍ଟାଲ ପିଛା ୭୫ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨୧।୧(ଅନିଲ ଦାସ)

ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ (ସପ୍ଲିମେଣ୍ଟାରି ନ୍ୟୁଟ୍ରିଶନ ପ୍ରୋଗ୍ରାମ) ଚାଉଳ ଓ ଗହମ ପରି ଶସ୍ୟ ପରିବହନ ପାଇଁ ରାଜ୍ୟ ସରକାର କୁଇଣ୍ଟାଲ ପିଛା ସର୍ବାଧିକ ମୂଲ୍ୟ ୭୫ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ ଗରମ ରନ୍ଧା ଖାଦ୍ୟ ପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଚାଉଳ ଯୋଗାଇ ଦିଆଯାଏ। ଏହା ସହିତ ଘରକୁ ରାଶନ ନେବା କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଗହମ ପ୍ରଦାନ କରାଯାଇଥାଏ। ଏହି ଚାଉଳ ଓ ଗହମ ପରିବହନ କରିବା ପାଇଁ ପରିବହନ ଏଜେଣ୍ଟମାନଙ୍କୁ ନିୟୋଜିତ କରାଯାଇଥାଏ। ୨୦୧୧ ପରଠାରୁ ଏହି ମୂଲ୍ୟରେ ଆଉ ବୃଦ୍ଧି କରାଯାଇ ନ ଥିଲା। ତେଣୁ ବଢୁଥିବା ଇନ୍ଧନ ଖର୍ଚ୍ଚ ଓ ଅନ୍ୟାନ୍ୟ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ପରିବହନ ମୂଲ୍ୟରେ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମୂଲ୍ୟ ବର୍ତ୍ତମାନ ନିୟୋଜିତ ଥିବା ପରିବହନ ଏଜେଣ୍ଟମାନେ ଦାବି କରିପାରିବେ ନାହିଁ। କେବଳ ନୂତନ ଭାବେ ନିୟୋଜିତ ହେବାକୁ ଥିବା ଏଜେଣ୍ଟମାନଙ୍କ ପାଇଁ ଏହା ଲାଗୁ ହେବ। ପରିବହନ ପାଇଁ ଯେଉଁ ନୂଆ ଏଜେଣ୍ଟମାନଙ୍କୁ ନିୟୋଜିତ କରାଯିବ, ଟେଣ୍ଡର ପ୍ରକ୍ରିୟା ଜରିଆରେ ଏହାର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରାଯିବ। ପରିବହନର ମୂଲ୍ୟ କୁଇଣ୍ଟାଲ ପିଛା ୧୫୦ ଟଙ୍କାରୁ ଅଧିକ ହୋଇପାରିବ ନାହିଁ।

DSPL-340

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ
ଅବଧି ୩୧ ଜାନୁୟାରୀ ୨୦୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୪-୨୫

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ଓ କ୍ରୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୧ ଜାନୁୟାରୀ ୨୦୨୫ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।
- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ୨୦୨୫ ରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ।
- ଚାଷୀ ମାନେ ନିଜର ପ୍ରାପ୍ୟ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ପାଇପାରିବେ।
- ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-01510/13/0036/2425

ମାଣ୍ଡିଆ ଚାଷୀ ପଞ୍ଜିକରଣ ପାଇଁ ଆବଶ୍ୟକତା

- କୃଷକ ଓଡ଼ିଶା(KO) ପଞ୍ଜିକରଣ
- ଆଧାର କାର୍ଡ
- ଆଧାର ସହିତ ସଂଲଗ୍ନ ମୋବାଇଲ ନଂ
- ଆଧାର ସଂଲଗ୍ନ ବ୍ୟାଙ୍କ ଖାତା
- ଭାଗ ଚାଷୀଙ୍କ ସ୍ୱୀକୃତି ପତ୍ର



ପଞ୍ଜିକରଣ ପ୍ରକ୍ରିୟା :

- କୃଷକ ଓଡ଼ିଶା (KO)ରେ ପଞ୍ଜିକୃତ ଚାଷୀମାନେ ହିଁ ମାଣ୍ଡିଆ କ୍ରୟ ଯୋଜନାରେ ନାମ ପଞ୍ଜିକରଣ ପାଇଁ ଯୋଗ୍ୟ ବିବେଚିତ ହେବେ।
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ କୃଷକ ଓଡ଼ିଶା ପୋର୍ଟାଲର ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଭାଗ ଚାଷୀ ଏବଂ ଜଙ୍ଗଲ ଜମିରେ ଚାଷ କରିଥିବା ଚାଷୀ ମଧ୍ୟ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ।

ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ଚାଷୀଙ୍କ ତଥ୍ୟକୁ ଜାନୁୟାରୀ ମାସ ୩୧ ତାରିଖ ମଧ୍ୟରେ MPAS ପୋର୍ଟାଲରେ ନିର୍ଭୁଲ ଭାବେ ପଞ୍ଜିକୃତ ସୁନିଶ୍ଚିତ କରିବେ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରିବା।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରାଇବା।

ମାଣ୍ଡିଆର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ଟ.୪୨୯୦/-
ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ପ୍ରୋତ୍ସାହନ ରାଶି କୁଇଣ୍ଟାଲ ପ୍ରତି ଟ.୨୧୦/-

ସର୍ବମୋଟ
₹ ୪,୫୦୦/-
କୁଇଣ୍ଟାଲ ପ୍ରତି
(୨୦୨୪-୨୫ ଖରିଫ ଋତୁ ପାଇଁ)

ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଛି।



Reliance
Growth is Life
SMART BAZAAR
MEHENGAI KA METER
LOW
HIGH
ମହଙ୍ଗାଇର ମିଟର ହେବ ଫେଲ
ଆସିଗଲା
ଫୁଲ ପଇସା ଅସୁଲ ସେଲ୍
22nd - 26th JAN
ଭାରତ ଚଣା ଡାଲି 1 kg / ଚାଉଳ 10 kg
₹34 /kg
MRP ₹70 / ₹340
ଆମ ମୂଲ୍ୟ ₹70/ ₹340
ସଫୋଲା ଗୋଲ୍ଡ ତେଲ 3 L + ଇଣ୍ଡିଆ ଗେଟ୍ ରୋଜାନା ବାସମତି ରାଇସ୍ 5 kg
କମ୍ବାଇଣ୍ଡ MRP ₹1255 ସଞ୍ଚୟ ₹456
ଆମ ମୂଲ୍ୟ ₹799
ବିସ୍କୁଟ୍ - ଲାର୍ଜ୍ ପ୍ୟାକ୍ / ରସ୍କ 230 g ଠେଲି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹120 ଠେଲି / ଯୁନିଟ୍
BUY ANY 2 GET ANY 1 FREE
ଚକୋଲେଟ୍ ହୋମ୍ ପ୍ୟାକ୍ (କ୍ୟାଡବେରୀ ପର୍କ / ଡାଏରୀ ମିଲ୍କ / ଜେମ୍ସ / 5 ଷ୍ଟାର / ନେସ୍ଲେ କିଟକ୍ୟାଟ୍ / ମଞ୍ଚ 118 g ଠେଲି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹100 ଠେଲି / ଯୁନିଟ୍
BUY ANY 2 GET ANY 1 FREE
ସ୍ପ୍ରାଇଟ୍ / କୋକାକୋଲା / ଥମ୍ସ ଅପ୍ / ମାଜା 600 ml ଠେଲି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹42 ଠେଲି / ଯୁନିଟ୍
BUY ANY 3 GET ANY 1 FREE
ଟାଟା ଟୀ ପ୍ରିମିଅମ୍ ଡଷ୍ଟ 500 g
MRP ₹200 ଠେଲି
ଆମ ମୂଲ୍ୟ ₹160 ଠେଲି
ସଞ୍ଚୟ ₹40
BUY ANY 2 GET ANY 1 FREE
ଅନ୍‌ପଲିସ୍‌ଡ୍ ଡାଲି ସମଗ୍ର ରେଞ୍ଜ (ଗୁଡ୍ ଲାଇଫ୍ / ଟାଟା)
MRP ₹78 ଠେଲି / ଯୁନିଟ୍
ଡିଟର୍ଜେଣ୍ଟ୍ସ ପାଉଡର 5 kg ଠେଲି ଲିକ୍ୱିଡ୍ 4 L ଠେଲି (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ 33% ଛାଡ଼
MRP ₹565 ଠେଲି
ଆମ ମୂଲ୍ୟ ₹379 ଠେଲି
ଟୁଥପେଷ୍ଟ 160 g ଠେଲି (ନିର୍ଦ୍ଦିଷ୍ଟ ପ୍ରକାରର)
ସର୍ବନିମ୍ନ 33% ଛାଡ଼
MRP ₹212 ଠେଲି
ସୋପ୍ 125 g ଠେଲି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
ସର୍ବନିମ୍ନ 40% ଛାଡ଼
MRP ₹175 ଠେଲି
ଡାଏରୀ / ଫ୍ରୋଜେନ୍ ଆଣ୍ଡ ବାକେରୀ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹15 ଠେଲି
ସର୍ବନିମ୍ନ 26% ଛାଡ଼
3 ପିସ୍ ବ୍ରାଣ୍ଡେଡ୍ ହାର୍ଡ୍ ଟ୍ରଲି ସେଟ୍
MRP ₹26000
ଆମ ମୂଲ୍ୟ ₹4999
ଶାମ୍ପୁ 580 ml ଠେଲି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹850 ଠେଲି
ସଞ୍ଚୟ ₹451 ଠେଲି
ଆମ ମୂଲ୍ୟ ₹399
100% କଟନ୍ ଡବଲ୍ ବେଡ୍‌ସିଟ୍ ପିଲୋ କଭର ସହିତ
MRP ₹2699 ଠେଲି
ଆମ ମୂଲ୍ୟ ₹699
SINGER Surya Flame LYF Kelvinator
3 ବ୍ରାସ୍ ବର୍ନର ଗ୍ଲାସ୍ ଟପ୍ ଗ୍ୟାସ୍ ଷ୍ଟୋଭ୍
MRP ₹7560 ଠେଲି
ଆମ ମୂଲ୍ୟ ₹1999
ଶର୍ଟ୍ସ, ଟି-ଶାର୍ଟ୍ସ, ଜିନ୍ସ, ଡ୍ରେସେସ୍, କୁର୍ତ୍ତା ଏବଂ ଅନେକ କିଛି
BUY 1 GET 1 FREE
ପ୍ରାରମ୍ଭିକ ମୂଲ୍ୟ ₹199
ଭୁବନେଶ୍ୱର: ନେକ୍ସସ୍ ଏସପ୍ଲାନେଡ୍ ମଲ, ରସୁଲଗଡ଼ • ସିମ୍ଫୋନୀ ମଲ, ରୁଦ୍ରପୁର • ଡିଏନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଟା ପ୍ଲାଜା, ନୟାପଲ୍ଲୀ • ସେଣ୍ଟ୍ରାଲ ବ୍ୟାଙ୍କ ପାଖ, ସାମନ୍ତରାପୁର • ରିଲାଏନ୍ସ ମଲ , ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ • ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ • ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ • ଫୋରମ୍ ମାର୍ଟ, ୟୁନିଟ-3, ରାମ ମନ୍ଦିର ନିକଟ, ସତ୍ୟ ନଗର, ଭୁବନେଶ୍ୱର । • ସମ୍ ଭେଟେନାରୀ ହସ୍ପିଟାଲ ନିକଟ, ଶାମପୁର କଟକ: ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ଚୌଦ୍ୱାର • ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର • କିତାବମହଲ ନିକଟ, କଲେଜ ଛକ • ଇପିକଲ ସର୍କଲ ନିକଟ, ଜଗତପୁର
10% INSTANT DISCOUNT* SBI card
*Min. Trxn.: ₹3,000; Max. Discount: ₹500 per Trxn.; Valid only on one Trxn. per credit card; Validity: 22 Jan - 26 Jan 2025. T&C Apply.
ଅଫର ବିଷୟରେ ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଅଫରସ୍ ଏଠାରେ ମଧ୍ୟ ଉପଲବ୍ଧ
fresh Signature
SMART BAZAAR

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମା' ଶ୍ରୀ କନକ ଦୁର୍ଗା ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା ଓ ଅଗ୍ନିସ୍ଥାପନ, ସ୍ଥାନ: ନୂଆପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଓୟୁ ସ୍ୱାକ୍ଷରିତ କାର୍ଯ୍ୟକ୍ରମ, ସ୍ଥାନ: ଫରେଷ୍ଟ ଏନଭାଇରନମେଣ୍ଟ ଆଣ୍ଡ କ୍ଲାଇମେଟ ଚେଞ୍ଜ ଡିପାର୍ଟମେଣ୍ଟ, ୪ର୍ଥ ଫ୍ଲୋର, ଖାରବେଳ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କମ୍ରେଡ ଜଗନ୍ନାଥ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ନବରଙ୍ଗର ସୁଗମ ସଙ୍ଗୀତ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ଶ୍ୱେତପଦ୍ମ ଏକାଦଶ ମଞ୍ଚ ନାଟକ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଜିତ୍ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ପୁରୀ

- ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ସଦ୍‌ଭାବନା ଗୃହ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀ ଟ୍ରଫି ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୧ଟା ।

## ବାଲେଶ୍ୱର

- ଶ୍ରୀ ଶ୍ରୀ ରାଧା ମଦନମୋହନଙ୍କ ଦିବ୍ୟ ଭବ୍ୟ ପୁଷ୍ପାଭିଷେକ, ସ୍ଥାନ: ରାଧା ମଦନମୋହନ ମନ୍ଦିର, ବାଲିଆପାଳ, ସମୟ: ସକାଳ ୭ଟା।
- ତ୍ରିନାଥ ଦେବଙ୍କ ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୂତି, ସ୍ଥାନ: ଦମକଳ କେନ୍ଦ୍ର ପ୍ରାଙ୍ଗଣ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଗୁରୁ ବୈଷ୍ଣବମାନଙ୍କର କୃପା ଲାଭ ଓ ପୂଜ୍ୟପାଦ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛର ଦାସ ବ୍ରହ୍ମଚାରୀଙ୍କ ଦ୍ୱାରା ହରି କଥା ଶ୍ରବଣ, ସ୍ଥାନ: ରାଧା ମଦନମୋହନ ମନ୍ଦିର, ବାଲିଆପାଳ, ସମୟ: ଅପରାହ୍ନ ୩ଟା।
- ତୃତୀୟ ବାର୍ଷିକ ହଳଦୀପଦା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହଳଦୀପଦା ପ୍ରାଣୀ ଡାକ୍ତରଖାନା ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଏକ୍ସପୋ ଓଡ଼ିଶା-୨୦୨୫ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର, ସ୍ଥାନ: ଷେଣ୍ଡପୁର ହାଇସ୍କୁଲ ପରିସର, ଧାମନଗର, ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ଦକ୍ଷତା ବିକାଶ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଧାନକ୍ରୟ କରୁଥିବା ଏସ୍‌ଏଜିର ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ଗୋପାଳପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନନ୍ଦରାମ ପାଟଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଦୋଳପଦୀ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଶଶଧର କ୍ଷୀରୋଦମଣି ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ମାଟିପକା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଶ୍ୟାମପୁର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ପର୍ବ, ସ୍ଥାନ: ଚୋରଗଡିଆ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ବିଦ୍ୟାଳୟରେ ବାର୍ଷିକ କ୍ରୀଡା, ସ୍ଥାନ: କେ. ବାଲିପାଳ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- କଳସ ଶୋଭାଯାତ୍ରା, ସ୍ଥାନ: ହନୁମାନ ମନ୍ଦିର ପ୍ରାଣ ପ୍ରତିଷ୍ଠା, ଜୟ ହନୁମାନ ଯୁବକ ସଂଘ ଆଖଡ଼ା, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ

- ମା' ଶୀତଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଓ ଦେବୀ ଦର୍ଶନ, ସ୍ଥାନ:ଜଡ଼ିପାଳ, ବଡ଼ସାହି, ସମୟ: ସକାଳ ୮ଟା।
- କଂଗ୍ରେସ କର୍ମକର୍ତ୍ତାଙ୍କ ବନ୍ଧୁମିଳନ, ସ୍ଥାନ: ଦାନ୍ତିଆମୁହାଁ, ମୋରଡା, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ଖେଳର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ପାଟପୁର ଖେଳ ପଡ଼ିଆ, ଚିତ୍ରଡ଼ା, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ପୂରବୀ ଓ ନୂପୁର ଅନୁଷ୍ଠାନ ପକ୍ଷରୁ ନାଟ୍ୟ ଉତ୍ସବ, ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ଅପରାହ୍ନ୨ଟା।
- ମକର ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ମା' ତାରିଣୀଙ୍କ ବାର୍ଷିକୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ:ଅପରାହ୍ନ ୩ଟା।
- ମକର ମେଳା ଓ ଟୁସୁ ପର୍ବ, ସ୍ଥାନ: ଶାଳୁଆ, ବଡ଼ସାହି,ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ସାଧନା ଶିବିର, ଆଧ୍ୟାତ୍ମିକ ସମ୍ମିଳନୀ,ସ୍ଥାନ: ଆସିକା ବ୍ଲକ ଖଣ୍ଡବନ୍ଧ ଦିବ୍ୟଜୀବନ ସଂଘ, ସମୟ: ସକାଳ ୮ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ପାତ୍ରପୁର ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ପାଳନ,ସ୍ଥାନ: ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ କମିଟିର ସ୍ମାରକପତ୍ର ପ୍ରଦାନ,ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ରାଇକିଆ,ସମୟ: ପୂର୍ବାହ୍ନ ୧୧ଟା।

## ଗଜପତି

- ବେଟି ବଚାଓ ବେଟି ପଢାଓ ଯୋଜନା ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ,ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ସିନ୍‌କ୍ରୋନୀ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ମହିମାଜ୍ୟୋତି ଶୈକ୍ଷିକ ଶିକ୍ଷାନୁଷ୍ଠାନର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ଖଣ୍ଡହତା, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦର ୧୯ ତମ ସାଧାରଣ ଅଧିବେଶନ ଓ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପୌରପାଳିକା କାର୍ଯ୍ୟାଳୟ, ପାରାଦୀପ ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶ୍ରୀଦଧିବାମନ ମହାପ୍ରଭୁ ଓ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ରତ୍ନମୁଦ ଉତ୍ସବ, ସ୍ଥାନ: ମଧୁଶାସନ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: କରିଲୋପାଟଣା ସ୍ନାତକ ମହାବିଦ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପରେ କଟକ, ଜଗତପୁରର ନିମପୁର ବନାମ ପାରାଦୀପର ଡାଇମଣ୍ଡ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ରଙ୍ଗାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।

## ନୟାଗଡ଼

- ମକର ସଂକ୍ରାନ୍ତି ଯାତ୍ରାର ଉଦ୍‌ଯାପନୀ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ: ସକାଳ ୧୦ଟା।
- ଟି ଟୋଣ୍ଟି କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଧାମୂଳା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ଖେଳପଡିଆ ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ସମୟ:ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିରର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ନୟାଗଡ଼ ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କ ଦ୍ୱାରା ହସ୍ତଶିଳ୍ପ କାରିଗରୀ ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ଗୁଣୁପୁର, ପୁଟାସିଂ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: କୋଲନରା ବ୍ଲକ ସମ୍ମୁଖରେ ଥିବା କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ ଟା।
- ନେତାଜୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଚିନାସାରି ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ପଣ୍ଡିକୋଟ ସରକାରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ:ପାପଡ଼ାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁରସ୍ଥିତ ହୋଟେଲ ଗ୍ଲେଜ, ସମୟ : ପୂର୍ବାହ୍ନ ୧୦ଟା।
- ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ନର୍ସିଂ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ସିନ୍ଧିଗାଁ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୧ଟା।
- ଏସ୍‌ଏଲ୍‌ଏନ୍ ହାଇସ୍କୁଲ ବାର୍ଷିକ ଉତ୍ସବ ସ୍ଥାନ: ଧୋଡ୍ରା, ସମୟ: ଅପରାହ୍ନ ୨ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ କୋଟ୍ରାଗୁଡ଼ା, ସମୟ: ଅପରାହ୍ନ ୪ଟା୩୦ ।
- ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାଡିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୯ଟା ୩୦।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ : ସରକାରୀ କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ସ୍କୁଲରେ ଚାରାରୋପଣ, ଆଲୋଚନାଚକ୍ର, ସ୍ଥାନ: ସୁନାବେଡ଼ାସ୍ଥିତ ଭିଏସ୍ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବେଟି ବଚାଓ ଏବଂ ବେଟି ପଢ଼ାଓ ସଚେତନତା ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ୍ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସାଧାରଣତନ୍ତ୍ର ଦିବସ ନେଇ ଛାତ୍ରୀଛାତ୍ରଙ୍କ ପରେଡ୍ ଅଭ୍ୟାସ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଜଳବିଭାଜିକା ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୪ ଟା।
- ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଦଶମନ୍ତପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।
- ୪ଜି ମୋବାଇଲ ସେବା ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ସିଏମ - ଅଣ୍ଡର ୧୫ ବାଳକ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ସକାଳ ୯ଟା।
- ସମ୍ବଲପୁର ପୁସ୍ତକ ମେଳା-୨୦୨୫, ସ୍ଥାନ : ଅଇଁଠାପାଲି ନିକଟ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି, ବର୍ଣ୍ଣାଳୀ ହୋତା ଓ ସାଥୀଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ନାନକ ପବ୍ଲିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବଲାଙ୍ଗୀର ଲୋକ ଉତ୍ସବରେ ଲୋକ ନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: କୋଶଳ କଳାମଣ୍ଡଳ ପୁରୁଣା ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଚମ୍ପିୟନଶିପ୍ ଫାଇନାଲ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।
- ଲୋକଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: କୋଶଳ କଳା ମଣ୍ଡଳ ନୂଆମଞ୍ଚ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ହନୁମାନପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଗୁଡୁଗୁଡା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କେଶରିପାଲି(ମହୁଲପାଲି), ଭେଡ଼େନ, ସମୟ: ସକାଳ ୯ଟା।
- ସମଲପୁରୀ ବହି ପସରା, କବିତା ପାଠ, ସ୍ଥାନ: ରାମଚଣ୍ଡୀ ମନ୍ଦିର, ଲାଦେରପାଲି, ଅତାବିରା, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ, ସ୍ଥାନ:ଟାଉନ ହଲ, ବରଗଡ଼,ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଜନ୍ମୋଭୂମି ବାର୍ଷିକ ଉତ୍ସବ, ସ୍ଥାନ:ନିଶାନ୍ତ ଦେବତା ପୋଲି କ୍ଲିନିକ, ଭଟଲି ରୋଡ୍, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଛାତ୍ରୀଛାତ୍ରଙ୍କ କୁଇଜ ଓ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ପୂଟରୀପାଲି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାହ୍ନ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଶିରିଡି ସାଇବାବା ମନ୍ଦିର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୮ ସାଇ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ରାଉରକେଲା ସ୍ୱୟଂଶାସିତ କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ସମାରୋହ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଫ୍ୟାକ୍ଟ୍ରି ଆଣ୍ଡ ବଏଲର କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବିଧାନ ଗୌରବ ଅଭିଯାନ ଉପଲକ୍ଷେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଛେଣ୍ଡ ହକି ଭିଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ହକି ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ସମୟ: ରାତି ୮ଟା ୧୫।

## ଦେବଗଡ଼

- ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ପାଇଁ ପ୍ରେସ ମିଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ହଷ୍ଟେଲ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।

## ବୌଦ୍ଧ

- ମା' ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କାଳେଶ୍ୱର, ବୌଦ୍ଧ, ସମୟ: ସକାଳ ୯ଟା।
- ଏକୋଇଶତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ଆଦିବାସୀ ଉଚ୍ଚ ବିଦ୍ୟାଳୟ ନୂଆପାଲିର ବାର୍ଷିକୋତ୍ସବ, ସ୍ଥାନ: ଆଦିବାସୀ ଉଚ୍ଚ ବିଦ୍ୟାଳୟ , ନୂଆପାଲି, କନ୍ଧମାଳ, ସମୟ: ଅପରାହ୍ନ ୩ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। କିନ୍ତୁ ବନ୍ଧୁଙ୍କ କାମରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହେବେ। ବାଧ୍ୟବାଧକତାରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବହୁତ ଦିନରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବାର ଆଶା ରହିଛି।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ଫଳ ପାଇବେ। କର୍ମକ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ପରିବାରରେ ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ପଡ଼ିବ। ସ୍ୱାସ୍ଥ୍ୟ ପ୍ରତି ସତର୍କ ନ ରହିଲେ ବିଶେଷ ଅନୁତାପ କରିବାକୁ ପଡ଼ିବ।

**ମିଥୁନ** ପାରିବାରିକ ସ୍ତରରେ ଅଭାବ ଅସୁବିଧା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା ସଙ୍ଗକୁ ସମସ୍ୟାରେ ମଧ୍ୟ ବ୍ୟସ୍ତତା ପ୍ରକାଶ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସହ ବୁଦ୍ଧିଜୀବୀଙ୍କ ପ୍ରଶଂସାର ପାତ୍ର ହେବେ। ସାମୂହିକ କାମରେ ହଠାତ୍ ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ।

**କର୍କଟ** ଆଜି କିଛି ସୁବିଧା ସଙ୍ଗକୁ କିଛି ଅସୁବିଧା ରହିଥିବାରୁ ମାନସିକ ଦ୍ୱନ୍ଦ୍ୱ ଦେଇ ଗତି କରିବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ଅଧିକ ସମୟ ବିନିଯୋଗ କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ସଫଳତା ପାଇବାରେ ନିକଟସ୍ଥ ବ୍ୟକ୍ତି ସହଯୋଗ କରିପାରନ୍ତି।

**ସିଂହ** ପାରିବାରିକ ସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବନ୍ଧୁଙ୍କ ମନ ଧରିଲା ଭଳି କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ। ଧାର ସୂତ୍ରରେ ଅର୍ଥ ସଂଗ୍ରହ ଏବଂ ଆବଶ୍ୟକ ମନେ କରୁଥିବା ଜିନିଷ ସମୂହକୁ କିଣିବାରେ ସକ୍ଷମ ହେବେ। ସାମାଜିକ ସ୍ତରରେ କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବେ।

**କନ୍ୟା** କୌଣସି ବନ୍ଧୁ ଅଯାଚିତ ଭାବରେ ଆର୍ଥିକ ସମସ୍ୟାକୁ ସୁଧାରି ନେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ। ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନି, ଯାହାକି ଅଶାନ୍ତିର କାରଣ ହେବ। ସମ୍ପର୍କୀୟଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ନୂତନ କାମ ଆରମ୍ଭ କରିପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ମନରେ ଆଶଙ୍କା ସୃଷ୍ଟି ହୋଇପାରେ। କାର୍ଯ୍ୟବ୍ୟସ୍ତ ଯୋଗୁ ବ୍ୟବସାୟିକ ସ୍ଥିତି ଠିକ୍ ରହି ନ ପାରେ। କର୍ମକ୍ଷେତ୍ରରେ ସୁଯୋଗ ଲାଭକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ।

**ବିଛା** କର୍ମକ୍ଷେତ୍ରରେ ପରିସ୍ଥିତି ବିଗିଡି ଯାଉଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସବୁ ଥାଇ କିଛି ନ ଥିଲା ଭଳି ପରିସ୍ଥିତି ଦେଇ ଗତି କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି। ଅଭାବ ପୂରଣ ପରିପ୍ରେକ୍ଷୀରେ ଋଣ ସୂତ୍ରରେ ଅର୍ଥଲାଭ କରିବାକୁ ବାଧ୍ୟହେବେ।

**ଧନୁ** ସମସ୍ତ ପ୍ରକାର ଅଭିଳାଷ ପୂରଣ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଅଜଣା ଜାଗାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ମକର** ପାରିବାରିକ ସ୍ତରରେ ମନକଥା ମନରେ ରଖି ଲକ୍ଷ୍ୟ ହାସଲ ଦିଗରେ ଚେଷ୍ଟା କଲେ ଉପକୃତ ହେବେ। ବନ୍ଧୁଙ୍କ ସହାୟତାରେ ଅର୍ଥ ସଂଗ୍ରହ ଅଭିଯାନ ଜାରି ରଖିଲେ ସଫଳତା ପାଇପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ଜଗିରଖି ନ ଚଳିଲେ କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ** ଶାରୀରିକ ସୁସ୍ଥତା ସଙ୍ଗକୁ ମାନସିକ ସ୍ଥିରତା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରଦାନ କରିବ। ଯାହା ଓ ଯେତିକି ପାଇବା କଥା ଅବଶ୍ୟ ପାଇବେ କିନ୍ତୁ ଅଧିକ ଆଶା କରି ନିରାଶ ହୋଇ ପାରନ୍ତି। ପାରିବାରିକ ସମସ୍ୟା ବିଷୟ କ୍ଷେତ୍ରରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ। ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିପାରନ୍ତି।

**ମୀନ** ଗତକାଲିଠାରୁ ଆପଣ ଯାହା ଚିନ୍ତା କରୁଛନ୍ତି ତାହା ଅବଶ୍ୟ ସୁବିଧାରେ ହୋଇଯିବ। ଏଜେନ୍ସି, ସାହିତ୍ୟ ଚର୍ଚ୍ଚା, ସଭାସମିତି, ମାଙ୍ଗଳିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ନିନ୍ଦା ରଚନା କରିପାରନ୍ତି।

ଆଜି ଜାନୁଆରୀ ୨୨ ତାରିଖ, ମାଘ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ବୁଧବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ସ୍ୱାତୀ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଦିବା ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୮ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁ କାଳ।

## ନିବେଶକ ହରାଇଲେ...

ଅନ୍ତର୍ଭୁକ୍ତ କମ୍ପାନୀଗୁଡ଼ିକ ମଧ୍ୟ ୨% କ୍ଷତିଗ୍ରସ୍ତ ହୋଇଛି। ସବୁ ସେକ୍ଟରରେ ନିବେଶକମାନେ ଶେୟାରଗୁଡ଼ିକୁ ଶସ୍ତାରେ ବିକ୍ରି କରିଦେଇଛନ୍ତି। ଟ୍ରମ୍ପ୍ ସୋମବାର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଭାରତ ସମେତ ଅନେକ ଦେଶରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ସୀମାଶୁଳ୍କ ବସାଇବେ ବୋଲି ଘୋଷଣା କରିଥିଲେ। ଏହି କାରଣରୁ ନିବେଶକମାନେ ଆତଙ୍କିତ ହୋଇ ସେଲ୍‌ଅଫ୍‌ରେ ପଡ଼ିଥିବା କୁହାଯାଉଛି। ଏହାବାଦ୍ ଟ୍ରମ୍ପ୍‌ଙ୍କ ଆପ୍ରବାସନ ନୀତି ମଧ୍ୟ ଭାରତୀୟ ଟେକ୍ ସେକ୍ଟରକୁ ପ୍ରଭାବିତ କରିପାରେ। ଟ୍ରମ୍ପ୍ ୨.୦ରେ ନୂଆ ରାଷ୍ଟ୍ରପତିଙ୍କ ଅର୍ଥନୈତିକ ନିଷ୍ପତ୍ତି କ'ଣ ରହିବ, ସେଥିରେ କୌଣସି ସ୍ପଷ୍ଟତା ନ ଥିବାରୁ ଚିନ୍ତା ବଢ଼ିଯାଇଛି। ଟ୍ରମ୍ପ୍ ଶରଣାର୍ଥୀଙ୍କ ସମ୍ପର୍କରେ ସ୍ପଷ୍ଟ ଭାବେ କହିଥିଲେ ମଧ୍ୟ ଟାରିଫ୍‌କୁ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ପ୍ରକାଶ କରିନାହାନ୍ତି। କାନାଡା ଓ ମେକ୍ସିକୋ ସାମଗ୍ରୀ ଉପରେ ୨୫% ସୀମାଶୁଳ୍କ ବସିବା ସ୍ପଷ୍ଟ ହୋଇଥିବାବେଳେ ଭାରତୀୟ ସାମଗ୍ରୀ ଉପରେ କେତେ ସୀମାଶୁଳ୍କ ଲାଗିବ ତାହା ଜଣାପଡ଼ି ନ ଥିବାରୁ ବଜାରକୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି ବୋଲି ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ମୁଖ୍ୟ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ଭି.କେ. ବିଜୟକୁମାର ସୂଚନା ଦେଇଛନ୍ତି।

ସେହିପରି ମେହଟା ଇକ୍ୱିଟିଜ୍ ସିନିୟର ଭାଇସ୍‌ପ୍ରେସିଡେଣ୍ଟ ପ୍ରଶାନ୍ତ ତାପ୍‌ସେ କହିଛନ୍ତି , ଟ୍ରମ୍ପ୍‌ଙ୍କ ଶପଥ ଅଭିଭାଷଣକୁ ନେଇ ନିବେଶକମାନେ ଆତଙ୍କିତ। ସେ ଆମେରିକାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ପଦକ୍ଷେପ ନେଇପାରନ୍ତି, ଯାହାକି ଭାରତ ସମେତ ଅନେକ ଦେଶର ଅର୍ଥନୀତିକୁ ସଙ୍କୁଚିତ କରିଦେଇପାରେ। ସେହିପରି ଆସନ୍ତା ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଂସଦରେ ଉପସ୍ଥାପନ କରିବାକୁ ଥିବା କେନ୍ଦ୍ରୀୟ ବଜେଟ-୨୦୨୫କୁ ନେଇ ମଧ୍ୟ ନିବେଶକ ଆଶା ଆଶଙ୍କାରେ ରହିଛନ୍ତି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ମୁହଁ ଫେରାଇନେବା ଭଳି ଆଉ କିଛି କାରଣରୁ ପୁଞ୍ଜିବଜାର ମଙ୍ଗଳବାର ତଳମୁହାଁ ହୋଇଥିବା ଅନୁମାନ କରାଯାଉଛି। ଦିନକରେ ଏଫ୍‌ଆଇଆଇ ୫,୯୨୦.୨୮ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବା ଷ୍ଟକ୍ ଏକ୍ସଚେଞ୍ଜ ଡେଟାରୁ ଜଣାପଡ଼ିଛି।

## ୧୬ ମାଓବାଦୀ ନିହତ...

କମିଟି ସଦସ୍ୟ ଭାବେ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ ଓ ତାଙ୍କ ନାମରେ କୋଟିଏ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେ ଆପାରାଓ, ପ୍ରତାପ ରେଡ୍ଡୀ, ରାମଚନ୍ଦ୍ର ରେଡ୍ଡୀ, ଚଳପତି ନାମରେ ପରିଚିତ ଥିଲେ।

ବର୍ତ୍ତମାନ ସୁଦ୍ଧା ୧୬ ମାଓବାଦୀ ନିହତ ହୋଇଥିବା ବେଳେ ଏହି ସଂଖ୍ୟା ବଢିବ ବୋଲି ସୂଚନା ମିଳିଛି। ହେଲେ ୧୪ ମାଓବାଦୀଙ୍କ ମୃତଦେହ ମିଳିଥିବା ନୂଆପଡ଼ା ଏସ୍‌ପି ଜି.ଆର୍. ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ରବିବାର ରାତିରୁ ଓଡ଼ିଶାର ନୂଆପଡ଼ା ଜିଲା ସୀମାଠାରୁ ୫ କିଲୋମିଟର ଦୂର ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲା ମୈନପୁର ଥାନା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ପରେ ଉଭୟ ରାଜ୍ୟର ପୋଲିସ ସମେତ ଯବାନଙ୍କ ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ରବିବାର ମଧ୍ୟରାତ୍ରିରୁ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ସୋମବାର ୨ ଜଣ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଛତିଶଗଡର ଜଣେ ଯବାନ ଆହତ ହୋଇ ରାୟପୁରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୋମବାର ରାତିରେ ୧୦ଜଣ ଓ ମଙ୍ଗଳବାର ୪ ଜଣ ମାଓବାଦୀ ନିହତ ହୋଇଥିବାବେଳେ ଓଡ଼ିଶାର ଜଣେ ଯବାନ

ପ୍ରଥମ ପୃଷ୍ଠାରୁ...



କୁଲାରିଘାଟ ଜଙ୍ଗଲ ପାଖରେ କୋମ୍ବିଂ ଅପରେଶନରେ ସାମିଲ ଯବାନ।

ଆହତ ହୋଇ ବିଶାଖାପାଟଣା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଏଥିରେ ଏକେ-୪୭, ଏସ୍‌ଏଲ୍‌ଆର୍, ଆଇଡି, ଏଲ୍‌ଇଡି, ବିସ୍ଫୋରକ ସାମଗ୍ରୀ ଆଦି ରହିଛି। ମିଳିତ ଅପରେଶନରେ ୧୦ଟି ଟିମ୍ ସାମିଲ ହୋଇଛନ୍ତି। ଏଥିରେ ୩ ଏସ୍‌ଓଜି ଟିମ୍, ୨ଟି ଛତିଶଗଡ ପୋଲିସ ଟିମ୍ ଇ-୩୦ ଓ ୫ ସିଆର୍‌ପିଏଫ୍ ଯବାନ ରହିଛନ୍ତି। ପ୍ରକାଶଥାଉ କି ଛତିଶଗଡ-ନୂଆପଡ଼ା ଜିଲା ସୀମାନ୍ତରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଅନେକ ଥର ଗୁଳି ବିନିମୟ ହୋଇଛି। ୨୦୨୪ ଅକ୍ଟୋବର ୨୨, ନଭେମ୍ବର ୨, ନଭେମ୍ବର ୨୧ରେ ଗୁଳି ବିନିମୟ ସମୟରେ ମାଓବାଦୀ କ୍ୟାମ୍ପ ଠାବ ସହ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ୨୦୨୫ ଜାନୁଆରୀ ୩ରେ ନୂଆପଡ଼ା ସୀମାଠାରୁ ୮ କିମି ଦୂର ଛତିଶଗଡ ଇନ୍ଦାଗାଁ ଥାନା କାଣ୍ଡସର ସଂରକ୍ଷିତ ଜଙ୍ଗଲରେ ଯବାନ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମାଓବାଦୀ ନିହତ ହୋଇଥିବାବେଳେ ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା।

## ବାହାରେ ରହୁଥିବା ମହିଳା...

ଆବେଦନ କଲେ ଟଙ୍କା ପାଇବେ। ୪ର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଟଙ୍କା ମିଳିବ ବୋଲି ପ୍ରଭାତୀ କହିଛନ୍ତି। ଏଇ ମାସ ଶେଷ ସପ୍ତାହରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ଟଙ୍କା ମିଳିବ। କିନ୍ତୁ ବିଡ଼ମ୍ବନା,ଏବେ ବି ୨ ଲକ୍ଷରୁ ଅଧିକ ମହିଳା ନିଜର କେୱାଇସି ଅପ୍‌ଡେଟ୍ କରିନାହାନ୍ତି। ଅଜାଣତରେ ଅପ୍‌ଟ ଆଉଟ ହୋଇଥିବା ୩୧ ହଜାର ମହିଳାଙ୍କ ମଧ୍ୟରୁ ୧୭ ହଜାର ଅପଟ୍ ଇନ୍ କରିଛନ୍ତି। ତେଣୁ ସରକାର ମାସ ଶେଷ ଆଡ଼କୁ ୪ର୍ଥ ପର୍ଯ୍ୟାୟ ଟଙ୍କା ଦେବାକୁ ପ୍ରସ୍ତୁତ ହେଉଥିବାରୁ ଯଥାଶୀଘ୍ର କେୱାଇସି ଅପ୍‌ଡେଟ ପାଇଁ କିଛିଦିନ ତଳେ ଉପମୁଖ୍ୟମନ୍ତ୍ରୀ ଅପିଲ କରିଥିଲେ। ଏପଟେ ଏବେ ବି ଅନେକ ଆବେଦନକାରୀ ଆଶା ଆଶଙ୍କାରେ ରହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ୫ ଲକ୍ଷ ମହିଳାଙ୍କ କେୱାଇସି ଅପ୍‌ଡେଟ ନ ଥିଲା ସେଥିରୁ ୩ ଲକ୍ଷ ମହିଳା କେୱାଇସି ଅପ୍‌ଡେଟ କରିଛନ୍ତି। ସେମାନଙ୍କୁ ୩ୟ ପର୍ଯ୍ୟାୟରେ ସାମିଲ କରାଯିବ। ଚତୁର୍ଥ କିସ୍ତି ପରେ ବି ଯଦି କେହି କେୱାଇସି ଅପ୍‌ଡେଟ୍ କରୁଛନ୍ତି କିମ୍ବା ଅପ୍ଟ ଇନ୍ କରୁଛନ୍ତି ସେମାନଙ୍କୁ ବି ସୁଯୋଗ ମିଳିବ। ଏବେ ଯାଏଁ ୩ଟି ପର୍ଯ୍ୟାୟରେ ପ୍ରାୟ ୮୦ ଲକ୍ଷରୁ ଅଧିକ ମହିଳା ସୁଭଦ୍ରା ଟଙ୍କା ପାଇସାରିଲେଣି। ୪ର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ଯୋଜନାରେ ସାମିଲକରି କୋଟିଏ ହିତାଧିକାରୀ ସାମିଲ କରିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ୧୩ରୁ ବିଧାନସଭା...

କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଧାନସଭାର ପ୍ରଥମ ଦିବସ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ। ଫେବୃଆରୀ ୧୪ ଓ ୧୫ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ଫେବୃଆରୀ ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରାଯିବ। ୧୯ ତାରିଖରେ ବେସରକାରୀ କାର୍ଯ୍ୟଦିବସ ରହିଥିବା ବେଳେ ୨୦ ଏବଂ ୨୧ ତାରିଖରେ ବଜେଟ ଉପରେ ଆଲୋଚନା ହେବ। ଫେବୃଆରୀ ୨୨ରୁ ମାର୍ଚ୍ଚ ୬ ତାରିଖ ଯାଏ ବିଧାନସଭା ଅଧିବେଶନ ବନ୍ଦ ରହିବ। ଏହା ପରେ ମାର୍ଚ୍ଚ ୭ ତାରିଖରୁ ଏପ୍ରିଲ ୫ ତାରିଖ ଯାଏ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଅଧିବେଶନ ଚାଲିବ।

DSPL - 338

ODISHA NEW OPPORTUNITIES

CII Confederation of Indian Industry

# MAKE IT ICONIC

## Showcasing Odisha on the Global Map of Business Investment

Step into the spotlight at the **Utkarsh Odisha - Make in Odisha Conclave 2025**, where Odisha's heritage, innovation, and industries coalesce to create an unforgettable legacy of growth. Be part of the visionary process that is transforming the state's industrial kaleidoscope with industry, new-age work culture and a double engine economic boom.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

Start-up Odisha | Women Entrepreneurship enable by SUBHADRA | Countries-of-Focus Session | Skilled in Odisha

**BECOME A PART OF THE "VIKSIT ODISHA 2036" JOURNEY**

# INVEST IN ODISHA, INVEST IN FUTURE

Networking Opportunities -B2G MEETINGS | Gala Cultural Events | 6 Thematic Sessions | Grand Make In Odisha Expo | 12 Sectoral Sessions | Vision Viksit Odisha 2036 Showcase

**REGISTER NOW**

Scan to Register

Visit us at https://mio.investodisha.gov.in

OIPR-14005/13/0026/2425

ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ।–ଶ୍ରୀଅରବିନ୍ଦ



# ଗଭୀର ଅମଲା

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ତଦାରଖରେ ଆମେରିକା ସରକାରଙ୍କ ବିରାଟକାୟ ଅମଲାତନ୍ତ୍ର ବ୍ୟବସ୍ଥାକୁ ସୁଧାରିବା ସହିତ କ୍ଷୁଦ୍ର କରିବା ପାଇଁ ଏକ ନୂତନ ବିଭାଗ ଖୋଲିଛନ୍ତି। ଏହାର ନାମ ହେଉଛି ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି ( ଡିଓଜିଇ)। ଏହାର ନେତୃତ୍ୱ ନେବା ସକାଶେ ନୂଆ ରାଷ୍ଟ୍ରପତି ଏଲନ୍ ମସ୍କଙ୍କୁ ଦାୟିତ୍ୱ ଦେଇଛନ୍ତି। ଡିଓଜିଇ ଗଠନର ମୁଖ୍ୟ କାରଣ ହେଉଛି ଆମେରିକାରେ ସରକାରୀ ଅଫିସରମାନେ ଶାସକମାନଙ୍କଠାରୁ ଅଧିକ ଶକ୍ତିଶାଳୀ ହୋଇଗଲେଣି। ଭାରତ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ମୋଦି ନୂତନ ଭାବେ ଯେତେବେଳେ କ୍ଷମତାକୁ ଆସିଥିଲେ ସେତେବେଳେ 'ଲେସ୍ ଗଭର୍ନମେଣ୍ଟ, ମୋର୍ ଗଭର୍ନାନ୍ସ' ଅର୍ଥାତ୍ ସରକାରୀ କଳକୁ କ୍ଷୁଦ୍ର କରାଯିବା ସହିତ ପ୍ରଶାସନିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯିବ ବୋଲି କହିଥିଲେ। କିନ୍ତୁ ମୋଦିଙ୍କର ତୃତୀୟ ପାଳିରେ ମଧ ସରକାରୀ କଳକୁ କ୍ଷୁଦ୍ର କରାଯାଇପାରୁନାହିଁ। ଅନ୍ୟ ପକ୍ଷରେ ଶାସକ ଦଳକୁ ସନ୍ତୁଷ୍ଟ ରଖି ନିଜର କ୍ଷମତା ବଢ଼ାଇବାରେ ଭାରତର ଅମଲାତନ୍ତ୍ରୀ ଅତି ଚତୁରତାର ସହିତ ସକ୍ଷମ ହେଉଛନ୍ତି। ଏହି ଅମଲା ବ୍ୟବସ୍ଥା 'ଡିପ୍ ଷ୍ଟେଟ୍' ବା ଗଭୀର ଅମଲାତନ୍ତ୍ର ପାଲଟିଯାଇଛି, ଯେଉଁଥିରେ ଅମଲାତନ୍ତ୍ରୀମାନେ ଦୁର୍ନୀତିରେ ଜଡ଼ିତ ହେବା ସହ ସରକାରୀ ନୀତିକୁ ନିୟନ୍ତ୍ରଣ କରୁଛନ୍ତି। ଏହାର ଏକ ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳିଛି ଓଡ଼ିଶାର ବାଲେଶ୍ୱରରେ।

> **ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆୟକର ବିଭାଗ, ସିବିଆଇ, ପୋଲିସ ଏବଂ ଅନ୍ୟସବୁ ସରକାରୀ ଅଙ୍ଗ ଭାରତରେ କେବଳ ବିରୋଧୀଙ୍କୁ ନୁହେଁ, ଭିନ୍ନ ସ୍ୱରକୁ ଦମନ କରିବା ପାଇଁ ଆଗଭର ହୋଇ ବାହାରୁଛନ୍ତି। ପରିସ୍ଥିତି ଏବେ ଏଭଳି ହୋଇଛି ଯେ, ଏହି ସଂସ୍ଥାମାନେ ଦେଶର ଗୋଟାପଣ ହୋଇଗଲାବେଳକୁ ଯିଏ ତାଙ୍କର ବେଆଇନ କାର୍ଯ୍ୟକୁ ବିରୋଧ କରୁଛନ୍ତି ସେଭଳି ବ୍ୟକ୍ତି ଦେଶଦ୍ରୋହୀ ଆଖ୍ୟା ପାଉଛନ୍ତି।**

ବାଲେଶ୍ୱର ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତରେ ୧୬୫ ସରକାରୀ ଚାକିରିଆ ରାଶନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏମାନଙ୍କ ମଧରେ ଅନେକ ଶିକ୍ଷକ, ଇଞ୍ଜିନିୟର, ଅଧ୍ୟାପକ, ପୋଲିସ, ଜିଏସ୍‌ଟି ଅଧିକାରୀ,ଡାଟା ଏଣ୍ଟ୍ରି ଅପରେଟର, ପିଅନ ପ୍ରମୁଖ ରହିଛନ୍ତି। କୌତୂହଳର ବିଷୟ ହେଉଛି ଏହିସବୁ କର୍ମଚାରୀମାନେ ଖାଦ୍ୟ ଯୋଗାଣ ବିଭାଗର ତାଲିକାରୁ ନାମ ହଟାଇବା ପାଇଁ ଜାନୁଆରୀ ୨୦ରେ ବାଲିଆପାଳ ବ୍ଲକ ଅଫିସରେ ଭିଡ଼ ଲଗାଇଥିଲେ। ଏହା ବ୍ୟତୀତ ଭୋଗରାଇ ଏବଂ ଜଳେଶ୍ୱର ବ୍ଲକରେ ଇ–କେୱାଇସି ଯାଞ୍ଚ ପ୍ରକ୍ରିୟାରେ ଯଥାକ୍ରମେ ୩୦୨ ଓ ୧୮୦ ସରକାରୀ କର୍ମଚାରୀ ବେଆଇନ ଭାବେ ରାଶନ କାର୍ଡ ନେଇଥିବା କୁହାଯାଇଛି। ବାଲେଶ୍ୱରର ଏହି ତିନୋଟି ବ୍ଲକରେ ରାଶନ କାର୍ଡ ଦୁର୍ନୀତି ସୀମିତ ହୋଇ ରହିନାହିଁ। ଇ–କେୱାଇସି ଯାଞ୍ଚ ପ୍ରକ୍ରିୟା ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାରୁ ରାଜ୍ୟର ଅନ୍ୟସବୁ ବ୍ଲକ୍‌ରେ ଏଭଳି ସରକାରୀ କର୍ମଚାରୀଙ୍କ ତାଲିକା ଲମ୍ବା ହେବ ବୋଲି କୁହାଯାଉଛି। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ କିମ୍ବା ଗହମ ଗରିବ ନିଅନ୍ତି ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ବାଡ଼ ଫସଲ ଖାଇଲା ଭଳି ସରକାରୀ ଚାକିରିଆମାନେ ଗରିବଙ୍କ ଖାଦ୍ୟ ଖାଇଯାଉଛନ୍ତି। ଫଳରେ ଧନୀ ଅଧିକ ଧନୀ ହେବାରେ ଲାଗିଥିବାବେଳେ ଗରିବ ରସାତଳକୁ ଯାଉଛନ୍ତି।

ଦେଖିବାକୁ ଗଲେ ନିଜର ସୁବିଧା ପାଇଁ ଅମଲାତନ୍ତ୍ରୀ କାମ କରୁଛନ୍ତି। କିନ୍ତୁ ସବୁବେଳେ ରାଜନେତାମାନେ ଗାଳି ଖାଆନ୍ତି। ଅନେକ ସମୟରେ ସରକାରୀ କର୍ମଚାରୀମାନେ ଯାହା କରିବେ ତାହାକୁ ନାଗରିକମାନେ ଅଧିକ ବିଶ୍ୱାସ କରନ୍ତି। କିନ୍ତୁ ରାଜନେତା ଚାହୁଁଥିବା ଯୋଜନାଗୁଡ଼ିକୁ ପଣ୍ଡ କରିବା ପାଇଁ ଏହି ଅମଲା ମୁଖ୍ୟତଃ ଦାୟୀ। ବାଲେଶ୍ୱର ଜିଲାର ରାଶନ କାର୍ଡ ଦୁର୍ନୀତି ତାହା ଏବେ ପ୍ରମାଣ କରୁଛି। ଅମଲାତନ୍ତ୍ରୀଙ୍କୁ ଯେଉଁ ସରକାର ଅଧିକ ବିରୋଧ କରିବେ ଭବିଷ୍ୟତରେ ସେହି ସରକାରଙ୍କ ପାଇଁ କାମ କରିବା କଷ୍ଟକର ହୋଇଯିବ। ଶାସକ ଦଳର ରାଜନୈତିକ ସୁବିଧାକୁ ଦେଖି ନିର୍ବାଚନ କମିଶନର କର୍ତ୍ତୃପକ୍ଷମାନେ ତାଙ୍କୁ ସାହାଯ୍ୟ କରୁଥାଇପାରନ୍ତି। ସେହିଭଳି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆୟକର ବିଭାଗ, ସିବିଆଇ, ପୋଲିସ ଏବଂ ଅନ୍ୟସବୁ ସରକାରୀ ଅଙ୍ଗ ଭାରତରେ କେବଳ ବିରୋଧୀଙ୍କୁ ନୁହେଁ, ଭିନ୍ନ ସ୍ୱରକୁ ଦମନ କରିବା ପାଇଁ ଆଗଭର ହୋଇ ବାହାରୁଛନ୍ତି। ପରିସ୍ଥିତି ଏବେ ଏଭଳି ହୋଇଛି ଯେ, ଏହି ସଂସ୍ଥାମାନେ ଦେଶର ଗୋଟାପଣ ହୋଇଗଲାବେଳକୁ ଯିଏ ତାଙ୍କର ବେଆଇନ କାର୍ଯ୍ୟକୁ ବିରୋଧ କରୁଛନ୍ତି ସେଭଳି ବ୍ୟକ୍ତି ଦେଶଦ୍ରୋହୀ ଆଖ୍ୟା ପାଉଛନ୍ତି। କିନ୍ତୁ ଅନ୍ୟପଟେ ସେହିମାନେ ହିଁ ଭାରତବର୍ଷ ବା 'ଇଣ୍ଡିଆନ ଷ୍ଟେଟ୍' ବୋଲି ପରିଚିତ ହେଉଛନ୍ତି।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 8 | | |
| | | | | | | 4 | | |
| | 1 | | | | | | 3 | 2 |
| | | 3 | | 5 | | | | 8 |
| | 9 | 4 | | | 3 | 1 | | 7 |
| 1 | | | 4 | | | | 5 | |
| | | | 6 | 3 | | | | |
| | | 8 | | 2 | | | | 9 |
| | | | 7 | | 9 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 1 | 9 | 4 | 2 | 8 | 3 | 6 |
| 4 | 6 | 3 | 1 | 8 | 5 | 9 | 7 | 2 |
| 9 | 8 | 2 | 3 | 6 | 7 | 5 | 4 | 1 |
| 3 | 9 | 5 | 4 | 1 | 6 | 7 | 2 | 8 |
| 8 | 4 | 7 | 2 | 3 | 9 | 6 | 1 | 5 |
| 2 | 1 | 6 | 7 | 5 | 8 | 3 | 9 | 4 |
| 6 | 2 | 4 | 5 | 7 | 3 | 1 | 8 | 9 |
| 1 | 7 | 8 | 6 | 9 | 4 | 2 | 5 | 3 |
| 5 | 3 | 9 | 8 | 2 | 1 | 4 | 6 | 7 |

ଗତକାଲିର ଉତ୍ତର

# ଉତ୍କର୍ଷ ଓଡ଼ିଶା–୨୦୨୫ ଏକ ସଂକଳ୍ପ



ଶ୍ରୀ ମୋହନ ଚରଣ ମାଝୀ

ଆସନ୍ତା ସପ୍ତାହରେ ଉତ୍କର୍ଷ ଓ ସମାବେଶ ହେବାକୁ ଥିବାବେଳେ, ଏହାର ୧୦ଦିନ ପୂର୍ବରୁ ସିଙ୍ଗାପୁର ସହ ୮ଟି ପ୍ରକଳ୍ପ ଉପରେ ଆମେ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ୨ ଦିନିଆ ଓ ଗସ୍ତରେ ଥିବା ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କ ଉପସ୍ଥିତିରେ ଏହା ସମ୍ପନ୍ନ ହୋଇଛି। ଇଣ୍ଡଷ୍ଟ୍ରିଆଲ ପାର୍କ, ଗ୍ରୀନ୍ ହାଇଡ୍ରୋଜେନ ମାନୁଫାକ୍ଚରିଂ, ଗ୍ରୀନ୍ ଶିପିଂ କରିଡର୍, ସେମିକଣ୍ଡକ୍ଟର, ନୂତନ ସହର ବିକାଶ, ପେଟ୍ରୋକେମିକାଲ ଓ ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ଏହି ଏମ୍‌ଓୟୁ ହୋଇଛି। ବିଗତ ୭ ମାସରେ ଓଡ଼ିଶାକୁ ବିକାଶ କ୍ଷେତ୍ରରେ ଆଗକୁ ବଢ଼େଇବା ଲାଗି ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟରେ ପରିଣତ କରି ୨୦୪୭ ସୁଦ୍ଧା ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ ଭାବରେ ଓଡ଼ିଶାକୁ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଏହି କ୍ରମରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଏକ ଐତିହାସିକ ଘଟଣା, ଯାହା ଦେଶର ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବାର ଉପକ୍ରମ ମାତ୍ର।

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ସମ୍ଭାବନାକୁ ସାକାର କରିବାକୁ ଓଡ଼ିଶାର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବ୍ୟାପକ ନିବେଶ ଆବଶ୍ୟକ ହେଉ ଥିବାରୁ ଦେଶ ଓ ବିଶ୍ୱର ନିବେଶକଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ କରିବା ପାଇଁ ଆମେ ନିମନ୍ତ୍ରଣ କରିଛୁ। ସେହି ଲକ୍ଷ୍ୟ ନେଇ ଦିଲ୍ଲୀ ଓ ମୁମ୍ବାଇରେ ଆମେ 'ରାଜପଥ ପ୍ରଦର୍ଶନ' କରିଛୁ ଏବଂ ସିଙ୍ଗାପୁର ଗସ୍ତ କରିଛୁ। 'ଟିମ୍ ଓଡ଼ିଶା'କୁ ସାଥିରେ ଧରି ସିଙ୍ଗାପୁରରେ ବିଭିନ୍ନ ଅଗ୍ରଣୀ ଶିଳ୍ପସଂସ୍ଥା ପରିଦର୍ଶନ କଲାବେଳେ ବିଭିନ୍ନ ଶିଳ୍ପପତିମାନଙ୍କ ସହ ଆମେ ଆଲୋଚନା କରିଥିଲୁ। ସିଙ୍ଗାପୁର ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ସହିତ ମଧ ଆଲୋଚନା କରି ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲୁ। ଆମ ନିମନ୍ତ୍ରଣ ରକ୍ଷା କରି ଓଡ଼ିଶା ଗସ୍ତରେ ଆସିଥିଲେ ସିଙ୍ଗାପୁର ରାଷ୍ଟ୍ରପତି। ତାଙ୍କର ଦୁଇ ଦିନିଆ ଓଡ଼ିଶା ଗସ୍ତ ଆମ ପାଇଁ ଯେତିକି ଉତ୍ସାହପ୍ରଦ, ସେତିକି ସମ୍ମାନର ବିଷୟ ଥିଲା। ଏହି ଗସ୍ତର ପ୍ରଭାବ ଅତ୍ୟନ୍ତ ସୁଦୂରପ୍ରସାରୀ ସାବ୍ୟସ୍ତ ହେବାକୁ ଯାଉଛି।

ଆଧୁନିକ ସହରାଞ୍ଚଳ ଯୋଜନାରୁ ଆରମ୍ଭ କରି ନୂତନ ସହର ପ୍ରତିଷ୍ଠା, ପେଟ୍ରୋଲିୟମ, କେମିକାଲ୍ସ, ଗ୍ରୀନ୍ ଏନର୍ଜି, ଖାଦ୍ୟ ପ୍ରକ୍ରିୟାକରଣ, ବାୟୋ–ଟେକ୍ନୋଲଜି ଓ ଦକ୍ଷତା ବିକାଶ ପରି ଆଧୁନିକ କ୍ଷେତ୍ରର ବିକାଶ ପାଇଁ ବର୍ତ୍ତମାନ ଆମର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡ଼ିଶାକୁ ଆଗକୁ ନେବା ପାଇଁ ଏହା ଏକ ପ୍ରକୃଷ୍ଟ ସମୟ। ପ୍ରଥମଥର ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ଫଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଓଡ଼ିଶାର ବିକାଶ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ପୂର୍ବୋଦୟ ଯୋଜନାରେ ଓଡ଼ିଶାର ବିକାଶକୁ ସେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଆସୁଛନ୍ତି। ସେଥିପାଇଁ ଗତ ୭ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଚାରିଥର ଓଡ଼ିଶା ଗସ୍ତରେ ଆସିଲେଣି। ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀ ପଞ୍ଚମ ଥର ପାଇଁ ଓଡ଼ିଶା ଆସିବେ ଓ ଉତ୍କର୍ଷ ଓଡ଼ିଶା ସମାବେଶରେ ସାମିଲ ହେବେ। କେନ୍ଦ୍ର ସରକାରଙ୍କ ସହଯୋଗ କାରଣରୁ ଆମର ସମସ୍ତ ବିକାଶମୂଳକ ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବାକୁ ଯାଉଛି।

ଆଗାମୀ ସମାବେଶରେ ଭାଗନେବେ ୫୦୦ ବିଦେଶୀ ପୁଞ୍ଜିନିବେଶକଙ୍କ ସହ ୫୦ ହଜାର ନିବେଶକ। ଭାରତୀୟ ଶିଳ୍ପସଂଘ ଏଥର ଜାତୀୟ ଶିଳ୍ପ ସହଯୋଗୀ ରହିଛନ୍ତି। ୧୨ ରାଷ୍ଟ୍ର ରହିବେ କଣ୍ଟ୍ରି ଇନ୍ ଫୋକସ। ଆମ ସରକାର ଆସିବା ପରଠାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ମିଳିସାରିଛି। ଏସବୁ ପ୍ରକଳ୍ପ ବାସ୍ତବରୂପ ନେବାପରେ, ୧ ଲକ୍ଷ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୫୦ ହଜାରରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି ଏଥିରେ ସାମିଲ ହେବେ।

ଏହି ସମାବେଶରେ ଆଲୋଚନାକୁ ସହଭାଗିତା ଏବଂ ପ୍ରଗତିରେ ରୂପାନ୍ତରିତ କରାଯିବ। ଆମେ ପ୍ରତ୍ୟେକ ଜିଲାରେ ଯେଉଁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାର୍କ ବିକଶିତ କରିବା, ଏକ ପ୍ରତ୍ୟକ୍ଷ ନିବେଶ ପାର୍କ, ମଲ୍ଟିମୋଡାଲ ଲଜିଷ୍ଟିକ୍ସ ପାର୍କ ଏବଂ ନୂତନ ଶିଳ୍ପ କରିଡର ସ୍ଥାପନ କରିବାର ଯୋଜନା ରଖିଛୁ, ତାହାକୁ ବାସ୍ତବରେ ପରିଣତ କରିବା ପାଇଁ ଉତ୍କର୍ଷ ଓଡ଼ିଶା ସମାବେଶ ସହଯୋଗ କରିବ।

ଗତବର୍ଷ ଜୁଲାଇ ମାସରେ ନୀତି ଆୟୋଗ ବୈଠକରେ ମୁଁ ଓଡ଼ିଶାର ଟେକ– ପ୍ରଫେଶନାଲ୍ସ, ଷ୍ଟାର୍ଟଅପ ଇକୋସିଷ୍ଟମ ଏବଂ ସେମିକଣ୍ଡକ୍ଟର ନୀତି ଉଲ୍ଲେଖ କରି ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ହବ୍ ଭାବରେ ପ୍ରତିଷ୍ଠା କରିବାରେ କେନ୍ଦ୍ରର ସମର୍ଥନ ଲୋଡ଼ିଥିଲି। ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିଛୁ। ଗତ ଡିସେମ୍ବର ୨୩ ତାରିଖରେ ଗ୍ରୀଡ୍‌କୋ ଏବଂ ଆଇଫରେଷ୍ଟ ମିଳିତ ଭାବେ 'ଓ ସୌରଶକ୍ତି ନିବେଶକ ସମ୍ମିଳନୀ' ଆୟୋଜନ କରି ୨୦୩୦ ସୁଦ୍ଧା ୭.୫ ଗିଗାୱାଟ କ୍ଷମତାବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ କରିବାକୁ ସ୍ଥିର କରିବା ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଏହା ରାଜ୍ୟର ୧୦.୯୫ ଗିଗାୱାଟ ଭଳି ବୃହତ୍ ଲକ୍ଷ୍ୟ ପୂରଣରେ ସହାୟକ ହେବ। ଆଗାମୀ ଦିନରେ ଓ ଅକ୍ଷୟ ଶକ୍ତିର ଭଣ୍ଡାର କରିବା ଦିଗରେ ଆମେ ଏଭଳି ରୋ ପ୍ରସ୍ତୁତ କରୁଛୁ, ଯାହା ପୁଞ୍ଜିବିନିଯୋଗକୁ ଆକର୍ଷିତ କରିବ।

ଉତ୍କର୍ଷ ଓଡ଼ିଶା ସମାବେଶକୁ ତ୍ରୁଟିଶୂନ୍ୟ ଭାବରେ ଓ ଆକର୍ଷଣୀୟ ଭାବରେ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକମାନଙ୍କ ପାଖରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆମେ ଯତ୍ନବାନ ରହିଛୁ। ଏହାଦ୍ୱାରା ଆଗାମୀ ଦିନରେ ଓଡ଼ିଶା ଦୀର୍ଘକାଳ ଧରି ପୁଞ୍ଜିନିବେଶକମାନଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିବ। ଜାନୁଆରୀ ୨୮–୨୯ ଦୁଇ ଦିନ ଧରି ୪ଟି ପ୍ଲେନାରୀ ସେଶନ, ୧୬ଟି ସେକ୍ଟରାଲ ସେଶନ ଓ ୪ଟି ଗୋଲ ଟେବୁଲ ବୈଠକ ଅନୁଷ୍ଠିତ ହେବ। ଏହି ଦୁଇଦିନରେ ପ୍ରାୟ ୩୦୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତି, ପୁଞ୍ଜିନିବେଶକାରୀ, ଷ୍ଟାର୍ଟଅପ୍ ଉଦ୍ୟୋଗୀ ଓ ଶିଳ୍ପସଂସ୍ଥା ସହିତ ଜଡ଼ିତ ବ୍ୟକ୍ତିମାନେ ଯୋଗଦେବେ।

୨୮ ତାରିଖ ଦିନ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଉପସ୍ଥିତ ଶିଳ୍ପପତି ଓ ପୁଞ୍ଜିନିବେଶକାରୀମାନଙ୍କୁ ଉଦ୍‌ବୋଧନ ଦେବେ। ୨୦୦୩ ମସିହାରେ ଭାରତରେ ପ୍ରଥମଥର ପାଇଁ 'ଭାଇବ୍ରାଣ୍ଟ ଗୁଜରାତ' ନାମରେ ଶିଳ୍ପ ସମ୍ମିଳନୀ କରି ଭାରତରେ ଶିଳ୍ପବିପ୍ଳବ ସୃଷ୍ଟି କରିଥିଲେ ଗୁଜରାତ ମୁଖ୍ୟମନ୍ତ୍ରୀ ରହିଥିବା ମୋଦିଜୀ। ତାଙ୍କର ମହତ୍ତ୍ୱାକାଂକ୍ଷୀ ପରିକଳ୍ପନା ଅନୁସାରେ ଆଗାମୀ ବର୍ଷମାନଙ୍କରେ ଓଡ଼ିଶା ହେବ ଭାରତ ବର୍ଷର ଅଭିବୃଦ୍ଧି ଇଞ୍ଜିନ। ସେହି ଲକ୍ଷ୍ୟରେ ଅନୁପ୍ରାଣିତ ହୋଇ ଅନୁଷ୍ଠିତ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ତାଙ୍କର ଗରିମାମୟ ଉପସ୍ଥିତିରେ କାର୍ଯ୍ୟକ୍ରମର ଅୟମାରମ୍ଭ ହେବା ଏକ ଶୁଭ ସୂଚନା। ସେଠାରେ ଉପସ୍ଥିତ ଥିବା ଦେଶ ବିଦେଶର ଶିଳ୍ପପତି, ପୁଞ୍ଜି ନିବେଶକାରୀ, ଯୁବ ଷ୍ଟାର୍ଟଅପ ଏବଂ ୟୁନିକର୍ଣ୍ଣ ଉଦ୍ୟୋଗୀ ବିଶେଷ ଭାବେ ବିଭିନ୍ନ ରାଜ୍ୟରୁ ଆସି ଯୋଗଦେଇଥିବା ନିମନ୍ତ୍ରିତ ଶିଳ୍ପୋଦ୍ୟୋଗୀ ସଙ୍ଗଠନ କର୍ମକର୍ତ୍ତାମାନେ ଓଡ଼ିଶାରେ ବିପୁଳ ଶିଳ୍ପ–ସମ୍ଭାବନାକୁ ପ୍ରତ୍ୟକ୍ଷ କରିବେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କୁ କିଭଳି ସହଯୋଗ କରିବେ, ତାହା ଉପଲବ୍ଧି କରିବେ। ଏହି ଦୁଇଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବା ସହିତ ବିଶିଷ୍ଟ ଶିଳ୍ପପତିମାନଙ୍କ ଅଭିଭାଷଣ, ମୋ ସହିତ ବଡ଼ ବଡ଼ ଶିଳ୍ପସଂସ୍ଥାର ସି.ଇ.ଓ.ମାନଙ୍କ ଗୋଲ ଟେବୁଲ ବୈଠକ, ଓଡ଼ିଆ ଉଦ୍ୟୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିବେଶନ ଏବଂ ପ୍ରତିଷ୍ଠିତ ମହିଳା ବ୍ୟବସାୟ ନେତୃତ୍ୱଙ୍କ ପାଇଁ ମଧ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏହା ସହିତ 'ସୁଭଦ୍ରାରୁ ମୁଦ୍ରା' ନାମରେ ଓଡ଼ିଆ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଜାନୁଆରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ।

ଗତବର୍ଷ ସେପ୍ଟେମ୍ବର ୨୭ ତାରିଖରେ 'ଉତ୍କର୍ଷ ଓଡ଼ିଶା'ର ଲୋଗୋ ମୁଁ ଉନ୍ମୋଚନ କଲାବେଳେ ସମଗ୍ର ବିଶ୍ୱର ନିବେଶକଙ୍କୁ ଓଡ଼ିଶାରେ ନିବେଶ କରିବା ପାଇଁ ଆମନ୍ତ୍ରଣ କରିଥିଲି। ଏହା ପୂର୍ବରୁ ଆମେ ଦିଲ୍ଲୀ ଓ ମୁମ୍ବାଇରେ ଅଗ୍ରଣୀ ବ୍ୟବସାୟ ନେତୃତ୍ୱଙ୍କ ସହ ଆଲୋଚନା କରିଛୁ। ସେବେଠୁ 'ଉତ୍କର୍ଷ ଓଡ଼ିଶା–୨୦୨୫'କୁ ସଫଳ ଭାବେ ଆୟୋଜନ କରି ରାଜ୍ୟରେ ବିପୁଳ ପୁଞ୍ଜି ବିନିଯୋଗ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଆସୁଛୁ। ଆଗାମୀ ଦିନରେ ଦେଶର ଆଉ କିଛି ରାଜ୍ୟରେ ମଧ ନିବେଶକ ସମ୍ମିଳନୀ ଲାଗି ଯୋଜନା କରିଛୁ। ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଆମକୁ ଅଧିକ ଉତ୍କର୍ଷ ହାସଲ କରିବାର ଅଛି। ସେଥି ପାଇଁ ଆଗକୁ ଅନେକ କାର୍ଯ୍ୟକ୍ରମ ମଧ କରିବାର ଯୋଜନା ରହିଛି। ଆମେ ଭାରତ ବର୍ଷର ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ରତା ଦେବୁ। ଆମେ ରାଜ୍ୟବାସୀଙ୍କୁ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାର ପ୍ରତିଶ୍ରୁତି ଦେଇଛୁ। ସେହି ସଫଳତା ପାଇଁ ଆମେ ନିରନ୍ତର ପ୍ରୟାସ କରି ଚାଲିବୁ।

ଉତ୍କର୍ଷ ଓଡ଼ିଶା–୨୦୨୫ କେବଳ ପୁଞ୍ଜି ଆକର୍ଷିତ କରିବ ନାହିଁ; ବରଂ ଏକ ପ୍ରମୁଖ ସ୍ଥଳ ଭାବେ ଏହା ନିବେଶକଙ୍କୁ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବ। ଓଡ଼ିଶା ମାଟିରେ ଏକ ସମୃଦ୍ଧ ବ୍ୟବସାୟିକ ପରିବେଶ ଗଠନ କରିବା ଆମର ଲକ୍ଷ୍ୟ। ଏହା ସହ ନିରନ୍ତର ସୁଷମ ଶିଳ୍ପ ଅଭିବୃଦ୍ଧି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଆମର ସମୃଦ୍ଧ ଉତ୍କଳୀୟ ପରମ୍ପରାକୁ ବିକଶିତ କରିବା ପାଇଁ ପ୍ରୟାସରତ ରହିବାକୁ ଆମେ ଅଙ୍ଗୀକାରବଦ୍ଧ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉତ୍କଳ ଟ୍ୟାନେରୀ ଯୋତା କାରଖାନାରେ ଉଚ୍ଚ ଗୁଣମାନ ସମ୍ପନ୍ନ ଉତ୍ପାଦନ ହିଁ ଆମର ଅସ୍ମିତାର ପରିଚୟ, ଯାହା ଆମେ ରକ୍ଷା କରିବାକୁ ଉଦ୍ୟମ କରିବୁ। ଉତ୍କର୍ଷ ଓଡ଼ିଶା–୨୦୨୫ ଆମପାଇଁ କେବଳ ଏକ ସମାବେଶ ନୁହେଁ, ଏକ ସଂକଳ୍ପ। ଆମର ଏହି ସଂକଳ୍ପ ପୂରଣରେ ସହଯୋଗର ହାତ ବଢ଼ାଇବାକୁ ସମସ୍ତଙ୍କ ସହଯୋଗ କାମନା କରୁଛି। ବନ୍ଦେ ଉତ୍କଳ ଜନନୀ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା, ଭୁବନେଶ୍ୱର**

# ପରିବେଶ ସଂରକ୍ଷଣର ଅଜଣା କଥା



ଡ. ମୌସୁମୀ ପରିଡ଼ା

ପରିବେଶ ସଂରକ୍ଷଣ ବର୍ତ୍ତମାନର ପ୍ରମୁଖ ଆହ୍ୱାନଗୁଡ଼ିକ ଭିତରୁ ଅନ୍ୟତମ । ପରିବେଶ ସୁରକ୍ଷା ନୂଆକଥା ନୁହେଁ। ଆଗରୁ ଏଥିପାଇଁ ବହୁ ଆନ୍ଦୋଳନ ହୋଇଛି। ପରିବେଶପ୍ରେମୀମାନେ ପ୍ରାଣବଳି ବି ଦେଇଛନ୍ତି। ୧୯୭୪ ମାର୍ଚ୍ଚ ୨୬ରେ ଉତ୍ତରାଖଣ୍ଡର ପାର୍ବତୀୟ ଇଲାକାରେ ବଢ଼ୁଥିବା ଅଙ୍ଗୁ (ଔଷଧୀୟ ନାମ– ଫ୍ରାକ୍ସିନସ୍ ମାଇକ୍ରେନ୍ଥା) ନାମକ ବୃକ୍ଷକୁ ବଞ୍ଚାଇବାକୁ ଯାଇ ଚିପ୍‌କୋ ଆନ୍ଦୋଳନ ହୋଇଥିଲା। ଚାଷବାସ ସହିତ ମଜଭୁତ କାଠ ପାଇଁ ପାର୍ବତୀୟ ଅଞ୍ଚଳର ଅଧିବାସୀମାନେ ଏହିବୃକ୍ଷ ଉପରେ ନିର୍ଭରଶୀଳ ଥିଲେ। କିଛି ଯୁବକ ଜଙ୍ଗଲ ସମ୍ପଦରୁ ନିଜ ଗୁଜୁରାଣ ମେଣ୍ଟେଇବା ଉଦ୍ଦେଶ୍ୟରେ ୧୯୬୨ ରେ ଚମୋଲି ଜିଲାର ମୁଖ୍ୟାଳୟ ଗୋପେଶ୍ୱରଠାରେ 'ଦଶୌଲୀ ଗ୍ରାମ ସ୍ୱରାଜ' ସଂଘ ସ୍ଥାପନ କଲେ। କିନ୍ତୁ ସ୍ୱତନ୍ତ୍ର ଭାରତରେ ବି ଔପନିବେଶୀୟ ପରମ୍ପରା ତିଷ୍ଠି ରହିଥିବାରୁ ବନ ବିଭାଗ ଜଙ୍ଗଲ ଅଧିବାସୀମାନଙ୍କଠାରୁ ବନ୍ୟସମ୍ପଦ ବ୍ୟବହାର ଉଚ୍ଛେଦ କରି ସେହି କାଠରେ ବ୍ୟାଡ୍‌ମିଣ୍ଟନ ଟେନିସ ଆଦି ଖେଳ ସାମଗ୍ରୀ ବନାଇବାକୁ ଆଲ୍ଲାହାବାଦର ସାଇମଣ୍ଡ କମ୍ପାନୀକୁ ଦାୟିତ୍ୱ ଦେଇଦେଲେ। ନିୟମାନୁଯାୟୀ ଜଙ୍ଗଲ ସମ୍ପଦ ତଥା ଗଛ ଉପରେ ସ୍ଥାନୀୟ ଅଧିବାସୀମାନେ ନିଜ ଅଧିକାର ସାବ୍ୟସ୍ତ କରିପାରୁ ନ ଥିବାବେଳେ ମାତ୍ର ଗୋଟେ କି.ମି. ଦୂରରେ ୨୪୫୧ଟି ଅଙ୍ଗୁ ଗଛ କଟାଯିବାର ଅନୁମତି 'ଦଶୌଲୀ ଗ୍ରାମ ସ୍ୱରାଜ' ସଂଘକୁ କ୍ଷୁବ୍ଧ କରିଥିଲା।

ପ୍ରକୃତରେ ସେମାନେ ଖେଳସାମଗ୍ରୀ ବନେଇବାର ବିରୋଧୀ ନ ଥିଲେ। ଜଙ୍ଗଲ ସମ୍ପଦ ଉପରେ ନିଜ ଅଧିକାର ହାସଲ କରିବାକୁ ତେଜି ଉଠିଥିଲେ। ନିଜେ ବଞ୍ଚ, ଅନ୍ୟକୁ ବଞ୍ଚିବାକୁ ଦିଅ ନ୍ୟାୟରେ ସେମାନେ ଚାହୁଁଥିଲେ ଜଙ୍ଗଲ ଉପରେ ସମସ୍ତଙ୍କ ଅଧିକାର ରହୁ। ଯାହାଫଳରେ ଜଙ୍ଗଲ ସଂରକ୍ଷଣ ପାଇଁ ସମସ୍ତେ ଦାୟବଦ୍ଧ ରହିବେ। କାରଣ ପ୍ରକୃତି ସମସ୍ତଙ୍କର। ୧୯୭୪ ଫେବୃଆରୀ ୧୪ ରେ ଜଣେ ଅଧିବାସୀ ଚଣ୍ଡୀପ୍ରସାଦ ଭଟ୍ଟଙ୍କ ନେତୃତ୍ୱରେ ସଭା ଆୟୋଜିତ ହୋଇ ବିପୁଳ ଅଙ୍ଗୁବୃକ୍ଷ କଟାଯିବା ପ୍ରକୃତି ପାଇଁ ବିପଦ ବୋଲି ସମସ୍ତଙ୍କୁ ଚେତେଇ ଦିଆଗଲା। କାରଣ ଜଡ଼ିବୁଟି, ଜାଳେଣି ଓ ଜମିବାଡ଼ି ସହିତ ମାଟିର ସଂରକ୍ଷଣ ପାଇଁ ଅଙ୍ଗୁବୃକ୍ଷ ଜରୁରୀ। ଆନ୍ଦୋଳନ କ୍ରମଶଃ ତୀବ୍ର ହେଉଥିବାରୁ ସରକାର ଚତୁରତାର ସହିତ ଚମୋଲିଠାରେ ସେନା ଦ୍ୱାରା ଜମି ଅଧିଗ୍ରହଣର କ୍ଷତିପୂରଣ ଦେବାକୁ ପୁରୁଷମାନଙ୍କୁ ଡକାଇ ବିଳମ୍ବିତ ସମୟଯାଏ ଅଟକ ରଖିବା ଭିତରେ ବନ ବିଭାଗୀୟ ଅଧିକାରୀ ଠିକାଦରଙ୍କ ସହ ବଣଭିତରକୁ ପଶି ଗଛ କାଟିବା ଆରମ୍ଭ କରିଦେଲେ।

କିନ୍ତୁ ରେନୀ ଗ୍ରାମର ମହିଳା ଓ ପିଲାମାନେ ନିଜ ଜୀବନକୁ ବାଜି ଲଗାଇଦେଇଥିଲେ। ଶ୍ରୀମତୀ ଗୌରାଦେବୀଙ୍କ ନେତ୍ୱରେ ୨୭ଜଣ ମହିଳା ଗଛ ଚାରିପଟେ ବେଢ଼ି ରହି ଗଛକଟା ପୂର୍ବରୁ ସେମାନଙ୍କୁ କଟାଯାଉ ବୋଲି ଆହ୍ୱାନ ଦେଇଥିଲେ। ଏହି



ଆନ୍ଦୋଳନ ରାଜସ୍ଥାନ, କର୍ନାଟକ, ହିମାଚଳ ପ୍ରଦେଶ, ବିହାର ଆଦି ରାଜ୍ୟକୁ ବ୍ୟାପିଯାଇଥିବାରୁ ବାଧ୍ୟହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୫ ବର୍ଷ ପର୍ଯ୍ୟନ୍ତ ଗଛକଟା ଉପରେ ପ୍ରତିବନ୍ଧ ଲଗାଇଥିଲେ। ଏଥିସହିତ ଜାପାନ, ମାଲୟେସିଆ, ଇଣ୍ଡୋନେସିଆ ଆଦି ଦେଶମାନେ ଏହାକୁ ସମର୍ଥନ କରିଥିବାରୁ ପରିବେଶ ସଚେତନତା ବିଶ୍ୱବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଯୋଗଦାନ କରିଥିବା ସୁନ୍ଦରଲାଲ୍ ବହୁଗୁଣା ବୃକ୍ଷମିତ୍ର ନାମରେ ଲୋକପ୍ରିୟତା ହାସଲ କରିବା ସହିତ ଅନେକ ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଥିଲେ।

ପ୍ରକାଶଥାଉ କି ପରିବେଶ ସଂରକ୍ଷଣକୁ ନେଇ ଉତ୍ତରାଖଣ୍ଡର ଏହି ଚିପ୍‌କୋ ଆନ୍ଦୋଳନ ପ୍ରଥମ ନ ଥିଲା। ଏହା ବିଷ୍ଣୋଇ ସମାଜର ଅମୃତାଦେବୀଙ୍କ ନେତୃତ୍ୱରେ ଆହୂତ ପ୍ରଥମ ଚିପ୍‌କୋ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲା। ଅବଶ୍ୟ ସେ ଆନ୍ଦୋଳନ କେବଳ ଗଛ ସମ୍ପର୍କିତ ନ ଥିଲା, ଜଙ୍ଗଲୀ ଜୀବଜନ୍ତୁଙ୍କ ସଂରକ୍ଷଣ ନିମନ୍ତେ ବି ଉଦ୍ଦିଷ୍ଟ ଥିଲା। ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ଥର୍ ମରୁଭୂମି ନିକଟସ୍ଥ ଖେଜଡଲୀ ଗାଁ ଖେଜଡୀ ବା ଶମିବୃକ୍ଷ(ମରୁଭୂମି ଜଳବାୟୁରେ ବଢ଼ୁଥିବା ବୃକ୍ଷ)ର ସବୁଜିମା ଦ୍ୱାରା ଆଚ୍ଛାଦିତ ଥିଲା। ୧୭୩୦ ମସିହା ଭାଦ୍ରବ ମାସ ଶୁକ୍ଳପକ୍ଷର ଦଶମୀ ତିଥିରେ ଅମୃତାଦେବୀ ତିନିଝିଅଙ୍କୁ ଧରି ଘରେ ଥିବାବେଳେ ଜାଣିବାକୁ ପାଇଲେ ଯେ ଯୋଧପୁରର ମହାରାଜା ଅଭୟସିଂହ ନୂଆ ମହଲ ନିର୍ମାଣ ପାଇଁ ଖେଜଡୀ ଗଛ କଟାଇବାକୁ ସୈନିକମାନଙ୍କୁ ପଠାଇଛନ୍ତି। ଗଛକଟା ବିଷ୍ଣୋଇ ସମ୍ପ୍ରଦାୟର ନୀତିବିରୁଦ୍ଧ ହୋଇଥିବାରୁ ଅମୃତାଦେବୀ ଏହାର ବିରୋଧ କଲେ। ଜିଦ୍‌ଖୋର ଲୋକମାନେ ତାଙ୍କ କଥାକୁ ଖାତିର ନ କରି ତାଙ୍କୁ ବି ଗଛ ସହିତ କାଟି ଦେଇଥିଲେ। ତାଙ୍କ ତିନିଝିଅ ବି ଅମୃତାଙ୍କ ପରି ଗଛ ସହିତ ପ୍ରାଣବଳି ଦେଇଥିଲେ।

ଏହା ଦେଖି ୪୯ଟି ଗ୍ରାମର ସମଗ୍ର ବିଷ୍ଣୋଇ ସମ୍ପ୍ରଦାୟର ୩୬୩ ଜଣ ବିଷ୍ଣୋଇ ଶହୀଦ ହୋଇଥିଲେ। ରାଜାଙ୍କ କାନକୁ କଥା ଯିବା କ୍ଷଣି ଗଛକଟା ବନ୍ଦ ହୋଇଯାଇଥିଲା। କ୍ଷମାପ୍ରାର୍ଥନା ସହିତ ବିଷ୍ଣୋଇ ସମ୍ପ୍ରଦାୟ ନିକଟବର୍ତ୍ତୀ ଅଞ୍ଚଳରେ ଜଙ୍ଗଲକଟା ଉଚ୍ଛେଦ କରାଗଲା। ପରିବେଶ ସୁରକ୍ଷା ପାଇଁ ନାରୀମାନଙ୍କ ଏହି ଅଦ୍ଭୁତ ଧୈର୍ଯ୍ୟ ଓ ଅସୀମ କ୍ଷମତା ଯୁଗଯୁଗ ଧରି ପ୍ରେରଣାଦାୟୀ ହୋଇ ରହିଲା।

ଜଙ୍ଗଲ ସୁରକ୍ଷା ନୁହେଁ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ବି ସେମାନଙ୍କ ଧର୍ମ ଥିଲା। କୃଷ୍ଣସାର ମୃଗ ଓ ଚିଙ୍କାରା ସହିତ ବିଷ୍ଣୋଇ ସମ୍ପ୍ରଦାୟର ସମ୍ପର୍କ ଧର୍ମଗତ। ଲୋକକଥା ଅନୁଯାୟୀ ୧୪୮୫ ମସିହାରେ ସନ୍ଥ ଜମ୍ଭେଶ୍ୱରମହାରାଜମାତ୍ର୩୪ବର୍ଷବୟସରେ ବିଷ୍ଣୋଇ ସମ୍ପ୍ରଦାୟ ସ୍ଥାପନା କରିଥିଲେ। ସେମାନେ ବିଶେଷତଃ ପ୍ରକୃତି–ଉପାସକ ଥିବାରୁ ଗଛମାନଙ୍କ ସହିତ ବନ୍ୟଜନ୍ତୁଙ୍କ ସୁରକ୍ଷା ସେମାନଙ୍କ ୨୯ଟି ସିଦ୍ଧାନ୍ତ ଭିତରୁ ଅନ୍ୟତମ ଥିଲା। ଜମ୍ଭେଶ୍ୱର ମହାରାଜ(ଜାମ୍ଭାଜୀ) କୃଷ୍ଣସାର ମୃଗକୁ ନିଜ ଅବତାର ମନେକରି ଯତ୍ନ ଓ ଆଦରକରିବାକୁନିଜଅନୁଗାମୀମାନଙ୍କୁକହିଯାଇଥିଲେ।

ମୋ:୯୪୩୭୩୧୭୦୨୬

## ଏଇ ଭାରତରେ

ପରିବେଶ ପ୍ରଦୂଷଣଜନିତ ବିପଦ ଦୂର କରିବା ପାଇଁ ଏବେ ବାଉଁଶ ତିଆରି ଜିନିଷ ଲୋକଙ୍କର ପସନ୍ଦ ହେଉଛି। ଏହା ସହ ବାଉଁଶର ବିଭିନ୍ନ ପ୍ରକାର ଗୃହ ଉପକରଣର ବଜାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହିକ୍ରମରେ ମୁମ୍ବାଇ ଆଇଆଇଟିର ପ୍ରଡକ୍ଟ ଡିଜାଇନ ଛାତ୍ର ଅଙ୍କାଶ ଚତୁର୍ବେଦୀ ବାଉଁଶରେ ଏକ ହେଡ୍‌ଫୋନ ତିଆରି କରିଛନ୍ତି। ଏହାର ନାମ ବମ୍ବାଶ। ଅତ୍ୟାଧୁନିକ ଧାତବ ହେଡ୍ ଫୋନ୍ ଭଳି ବି ଏହା କାମ କରୁଛି। ବମ୍ବାଶ ପରିବେଶ ଉପଯୋଗୀ ଓ ରିସାଇକ୍ଲିଂଯୋଗ୍ୟ। ଏହାର ୭୦ ପ୍ରତିଶତ ସହଜରେ ମାଟିରେ ମିଶିଯାଇପାରିବ। ୨୬ ବର୍ଷିଆ ଅଙ୍କାଶ ଆଧୁନିକ ଡିଜାଇନରେ ଏହାକୁ ନିର୍ମାଣ କରିଛନ୍ତି। ବାଉଁଶ ହେଡ୍‌ଫୋନ ତିଆରି କରିବା ଲାଗି ସେ ସାଧାରଣ ହେଡ୍‌ଫୋନଗୁଡ଼ିକ ଉପରେ ଗବେଷଣା କରିଥିଲେ। ଏହି କାର୍ଯ୍ୟରେ ତାଙ୍କ ବିଭାଗୀୟ ପ୍ରାଧ୍ୟାପକଙ୍କ ସମେତ ବାଉଁଶ ଲାବ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୨ ଜାନୁଆରୀ ୧୯୭୬

- ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା ଆଇନ (ମିସା)ରେ ଆଉ କେତେକ ସଂଶୋଧନ ବ୍ୟବସ୍ଥା କରାଯାଇ ଲୋକସଭାରେ ଏକ ବିଲ୍ ସ୍ୱରାଷ୍ଟ୍ର ଉପମନ୍ତ୍ରୀ ଏଫ୍.ଏଚ୍. ମୋହସିନ୍‌ଙ୍କ ଦ୍ୱାରା ଆଗତ କରାଯାଇଛି।
- ଏକ ଯାତ୍ରୀ ବୋଝେଇ ଲଞ୍ଚ ୨୪ ପ୍ରଗଣା ଜିଲାଠାରୁ ୧୦୦ କିମି ଦୂର ଇଚ୍ଛାମତୀ ନଦୀରେ ବୁଡ଼ିଯିବା ଫଳରେ ୪୦ ଜଣରୁ ଅଧିକଙ୍କ ସଲିଳ ସମାଧି।

## ଚିରନ୍ତନୀ

ରଙ୍ଗର ଢେଉ ନାଚେ ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ୩ ପିଲା ଜନ୍ମ କରିବାର ପ୍ରସ୍ତାବ

ମହାଶୟ,

ଆନ୍ଧ୍ରପ୍ରଦେଶ ସରକାର ୨ ସନ୍ତାନ ନୀତି ରଦ୍ଦ କରିବା ପରେ ତେଲଙ୍ଗାନା ଏହି ନୀତି ଆପଣାଇବାକୁ ପ୍ରସ୍ତୁତ ହେବା ଏବଂ ୩ଟି ପିଲା ଜନ୍ମ ନ କଲେ ସମାଜ ଲୁପ୍ତ ହୋଇଯିବ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ପ୍ରସ୍ତାବ ରଖିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ନୀତିଶାସ୍ତ୍ର ଅନୁସାରେ ବରଂ ଗୋଟିଏ ଗୁଣବାନ୍ ପୁତ୍ର ଶ୍ରେୟସ୍କର କଦାପି ଶହ ଶହ ମୂର୍ଖ ପୁଅ ସ୍ୱାଗତଯୋଗ୍ୟ ହୋଇ ନ ପାରେ। ଛୋଟ ପରିବାର ସୁଖୀ ପରିବାର, ଆମେ ଦୁଇ ଓ ଆମର ଦୁଇ ସ୍ଲୋଗାନ ବୋଧେ ବହୁତ ହୋଇଗଲା। ବର୍ତ୍ତମାନ ଲକ୍ଷ୍ୟ ପୂରଣ ପାଇଁ ଅନେକେ ଆଜୀବନ କୁମାରୀ ବା ଚିରକୁମାର ହୋଇ ରହିବାକୁ ପସନ୍ଦ କଲା ବେଳେ ଏଭଳି ସବୁ ପ୍ରସ୍ତାବ କେତେ ସଫଳ ହେବ ତାହା ସମୟ କହିବ।

–ପି. ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ତୁର୍କୀ ସ୍କାଏ ରିସର୍ଟ ହୋଟେଲରେ ନିଆଁ: ୬୬ ମୃତ

**ଆଙ୍କାରା,୨୧।୧(ପି.ଟି.)**

ତୁର୍କୀର ଉତ୍ତରପଶ୍ଚିମାଞ୍ଚଳରେ ଥିବା ଏକ ଲୋକପ୍ରିୟ ସ୍କାଏ ରିସର୍ଟ ଅନ୍ତର୍ଗତ ହୋଟେଲରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନ୍ୟୂନ ୬୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୧ ଆହତ ହୋଇଛନ୍ତି। ନିଆଁରୁ ବର୍ତ୍ତିବା ପାଇଁ ସେମାନେ ବିଲ୍ଡିଂରୁ ଡେଇଁବାବେଳେ ଅହତ ହୋଇଥିଲେ।

ଇସ୍ତାନବୁଲର ପୂର୍ବରେ ୩୦୦ କି.ମି. ଦୂରରେ ଥିବା ବୋଲୁ ପ୍ରଦେଶର କୋରୋଗ୍ଲୁ ପର୍ବତର କର୍ତାଲକାୟାରେ ଥିବା ୧୨ ମହଲା ବିଶିଷ୍ଟ ଗ୍ରାଣ୍ଡ କର୍ତାଲ ହୋଟେଲରେ ନିଆଁ ଲାଗିଥିଲା। ୨ ସପ୍ତାହ ଛୁଟି ପରେ ସ୍କୁଲ ଖୋଲିଥିବାବେଳେ ହୋଟେଲଗୁଡ଼ିକ ସମ୍ପୂର୍ଣ୍ଣ ପ୍ୟାକ୍ ରହିଥିଲା। ଅଗ୍ନିକାଣ୍ଡରେ ୬୬ ଜଣଙ୍କ ଜୀବନ ଯାଇଥିବାରୁ ଗୃହମନ୍ତ୍ରୀ ଅଲି ୟେର୍ଲିକାୟା ଗଭୀର ଦୁଃଖପ୍ରକାଶ କରିଛନ୍ତି। ଉପର ମହଲାଗୁଡ଼ିକରେ ଥିବା ଲୋକମାନେ ନିଆଁରୁ ବର୍ତ୍ତିବା ପାଇଁ ତଳକୁ ଓହ୍ଲାଇବା ବେଳେ ଆତଙ୍କିତ ପରିବେଶ ସୃଷ୍ଟି ହୋଇଥିଲା। ଲୋକେ କମ୍ବଳ ଓ ବେଡ୍‌ଶିଟ୍ ବ୍ୟବହାର କରି ଖସୁଥିବା ଦେଖାଯାଇଥିଲା। କେତେଜଣ ଆତଙ୍କିତ ହୋଇ ତଳକୁ ଡେଇଁପଡ଼ିଥିଲେ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଆହତଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ କେମାଲ ମେମିସୋଗ୍ଲୁ କହିଛନ୍ତି।



ମଙ୍ଗଳବାର ଭୋର ସମୟରେ ନିଆଁ ଲାଗିବାବେଳେ ହୋଟେଲରେ ୨୩୮ ଅତିଥି ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବାରେ ବିଳମ୍ବ କରିଥିଲେ। ହୋଟେଲର ରେଷ୍ଟୁରାଣ୍ଟରୁ ନିଆଁଲାଗି ଅନ୍ୟ ଭାଗକୁ ବ୍ୟାପିଯାଇଥିବା ବିଶ୍ୱାସ କରାଯାଉଛି। ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତୁର୍କୀ ସରକାର ୬ ଜଣିଆ ତଦନ୍ତକାରୀ ଟିମ୍ ଗଠନ କରିଛନ୍ତି। ହୋଟେଲ ମାଲିକଙ୍କ ସମେତ ୪ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। କୋଠାରୁ ଡେଇଁବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଅଧିକାଂଶ ପ୍ରାଣ ହରାଇଛନ୍ତି। ହୋଟେଲରେ ଧୂଆଁ ଭର୍ତ୍ତି ହୋଇଯିବାରୁ ଗେଷ୍ଟମାନେ ଫାୟାର ଏସ୍କେପ୍ ପାଇ ନ ଥିଲେ ବୋଲି ଏହାର ସ୍କାଏ ଇନ୍‌ଷ୍ଟ୍ରକ୍ଟର କହିଛନ୍ତି।

# ରାଶନ କାର୍ଡ: ଅଯୋଗ୍ୟ ତାଲିକାରେ ୫୧୪

**ହାଟଡ଼ିହୀ,୨୧।୧**
**(ଶୁଭକାନ୍ତ ନାୟକ)**

ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଥିବା ଯୋଗ୍ୟ ଏବଂ ଅଯୋଗ୍ୟ, ଭୂତ ହିତାଧିକାରୀଙ୍କୁ ଚିହ୍ନଟ ଏବଂ ସ୍ୱଚ୍ଛତା ଆଣିବା ପାଇଁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାଦ୍ୱାରା ସରକାରୀ ସୁବିଧାର ଲାଭ ଉଠାଉଥିବା ଅଯୋଗ୍ୟ ଏବେ ଅଡୁଆରେ ପଡ଼ିଛନ୍ତି। ଏହି କ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ତରଫରୁ ବ୍ଲକ୍ ଅନୁସାରେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଏଥିରେ କେନ୍ଦୁଝରର ୫୧୪ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

## ଇ-କେୱାଇସି ଖୋଲୁଛି ଗୁମର

ତାଲିକା ମୁତାବକ, କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌କୁ ଆସିଥିବା ତାଲିକାରେ ୧୩୨ ପରିବାରର ୫୧୪ଜଣ ହିତାଧିକାରୀଙ୍କ ନାମ ରହିଛି। ହିତାଧିକାରୀଙ୍କ ମଧ୍ୟରେ ବିଭିନ୍ନ ବର୍ଗର ବେତନପ୍ରାପ୍ତ କର୍ମଚାରୀଙ୍କ ନାମ ରହିଛି । ତେବେ ଉକ୍ତ ତାଲିକା ଅନୁସାରେ ଅଯୋଗ୍ୟ ହିତାଧିକାରୀ ରାଶନ ସାମଗ୍ରୀ ନେଉଛନ୍ତି କି ନାହିଁ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନି। ଏଥିସହ ଏହି ତାଲିକାରେ ଥିବା ସମସ୍ତ ହିତାଧିକାରୀଙ୍କ ମଧ୍ୟରୁ କେତେଜଣ ଯୋଗ୍ୟ ଏବଂ କେତେଜଣ ଅଯୋଗ୍ୟ ତାହା ମଧ୍ୟ ଅଦ୍ୟାବଧି ଜଣାପଡ଼ିନି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେତେଜଣ ଯୋଗ୍ୟ ହିତାଧିକାରୀଙ୍କ ନାମ ମଧ୍ୟ ଏହି ଅଯୋଗ୍ୟ ତାଲିକାରେ ରହିଥିବା ଜଣାପଡ଼ିଛି। ବ୍ଲକ୍ ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ବ୍ଲକ୍‌କୁ ଏକ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦିଆଯାଇଛି। ଏଥିରେ ହାଟଡ଼ିହୀର ୧୩୨ ପରିବାରର ୫୧୪ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ଆସିଛି। ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରୁ ଏହି ତାଲିକା ସଂଗ୍ରହ କରାଯାଇ ଦିଆଯାଇଛି। ତଦନ୍ତ କରିବା ପରେ ପ୍ରକୃତ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇପାରିବ। ୫୧୪ ଅଯୋଗ୍ୟ ହିତାଧିକାରୀ ରାଶନ ସାମଗ୍ରୀ ନେଇଛନ୍ତି କି ନାହିଁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ୧୦ ହଜାର ଟଙ୍କାରୁ କମ ଦରମା ପାଉଥିବା କର୍ମଚାରୀ ନିୟମ ଅନୁସାରେ ରାଶନ ସାମଗ୍ରୀ ପାଇପାରିବେ। ତେଣୁ ଉକ୍ତ ତାଲିକାରେ ମଧ୍ୟ ସେପରି କର୍ମଚାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ କହିଛନ୍ତି, ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ସରକାରଙ୍କ ତରଫରୁ ଆମ ପାଖକୁ ଆସିନି। ବିଭିନ୍ନ ବ୍ଲକ୍‌କୁ ତାଲିକା ଆସିଛି। ଏ ସଂକ୍ରାନ୍ତରେ ରିପୋର୍ଟ ଦେବା ପାଇଁ ବିଭିନ୍ନ ବ୍ଲକ୍‌କୁ କୁହାଯାଇଛି। ବ୍ଲକଗୁଡ଼ିକରୁ ରିପୋର୍ଟ ମିଳିବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

# ଭୁବନେଶ୍ୱରରେ ରାଜ୍ୟପାଳ, କଟକରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୧**
**(ଅନିଲ ଦାସ)**

ଆସନ୍ତା ୨୬ ତାରିଖରେ ଦେଶବ୍ୟାପୀ ସାଧାରଣତନ୍ତ୍ର ଦିବସ ପାଳନ ହେବ। ଏହି ଗଣପର୍ବ ପାଇଁ ସରକାର ଓ ପ୍ରଶାସନ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ସାଧାରଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତି ଜାରି ରଖିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପଟି ପତାକା ଉତ୍ତୋଳନ କରିବେ।

## ସାଧାରଣତନ୍ତ୍ର ଦିବସ ପତାକା ଉତ୍ତୋଳନ

ଜିଲା ମୁଖ୍ୟାଳୟରେ କେଉଁମାନେ କେଉଁଠି ପତାକା ଉତ୍ତୋଳନ କରିବେ ସେନେଇ ରାଜ୍ୟ ସରକାର ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କରିବା ସହ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ସେହିପରି ପୁରୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ। ସୁନ୍ଦରଗଡ଼ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁବର୍ଣ୍ଣପୁର ଜିଲାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୋରାପୁଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତ୍‌ସିଂହପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଯାଜପୁରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାୟଗଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ନୂଆପଡ଼ାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଢେଙ୍କାନାଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମାଲକାନଗିରିରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ନୟାଗଡ଼ରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ।

ସେହିପରି କେନ୍ଦ୍ରାପଡ଼ା, ବ୍ରହ୍ମପୁର ଓ ରାଉରକେଲାରେ ଆର୍‌ଡିସି ପତାକା ଉତ୍ତୋଳନ କରିବେ। ଅନୁଗୋଳ, ବାରିପଦା, ବରଗଡ଼, ଭଦ୍ରକ, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଛତ୍ରପୁର, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ସମ୍ବଲପୁର ଓ ଫୁଲବାଣୀରେ ଜିଲାପାଳମାନେ ପତାକା ଉତ୍ତୋଳନ କରିବେ।

# ଦକ୍ଷିଣ ଓଡ଼ିଶା ପରିଷଦ: ଟାସ୍କଫୋର୍ସରେ ସାମିଲ ହେଲେ ଆଉ ୨ ସଦସ୍ୟ

**ଭୁବନେଶ୍ୱର,୨୧।୧(ଅନିଲ ଦାସ)**

ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ ଗଠନ କରିଛନ୍ତି। ସେଥିରେ କୋରାପୁଟ ଲୋକ ସଭା ଏମ୍‌ପି ସପ୍ତଗିରି ଉଲାକା ଏବଂ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗୋଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାସ୍କଫୋର୍ସରେ ଅନ୍ୟ ୯ ଜଣ ସଦସ୍ୟ ଏବଂ ୩ ଜଣ ଏକ୍ସ ଅଫିସିଓ ସଦସ୍ୟ ଅଛନ୍ତି। ଏହି ୨ ନୂଆ ସଦସ୍ୟଙ୍କୁ ମିଶାଇ ଟାସ୍କଫୋର୍ସ ସଦସ୍ୟ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି।

# ଖରିଫ ଧାନ କିଣାରେ ୪୫୨ ଏସ୍‌ଏଚ୍‌ଜି ସାମିଲ

**ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)**

ଚଳିତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଏ ବର୍ଷ ରାଜ୍ୟରେ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କିଣୁଛନ୍ତି। ଗଞ୍ଜାମ ଜିଲାରେ ସର୍ବାଧିକ ୧୧୧, ଭଦ୍ରକରେ ୪୯, ବରଗଡ଼ ଓ ସୁବର୍ଣ୍ଣପୁରରେ ୨୦, ଯାଜପୁରରେ ୩୫, କୋରାପୁଟରେ ୨୪, ନବରଙ୍ଗପୁରରେ ୪୪, ନୂଆପଡ଼ା ଓ ସମ୍ବଲପୁରରେ ୧୩, ଝାରସୁଗୁଡ଼ା ଓ କଳାହାଣ୍ଡିରେ ୨୮, ବଲାଙ୍ଗୀରରେ ୧୮, ମାଲକାନଗିରିରେ ୯ ସମେତ ୩୦ଟି ଜିଲାରେ ସମୁଦାୟ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ନିୟୋଜିତ ଅଛନ୍ତି। ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବା ପରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ସହ ବିଭିନ୍ନ କ୍ଷେତ୍ରକୁ ସେବା ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ଏସ୍‌ଏଚ୍‌ଜି ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଧାନ କ୍ରୟ କରିବା ସହ ସମ୍ପୃକ୍ତ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ ମଧ୍ୟ ସହଯୋଗ କରୁଛନ୍ତି। ସମ୍ପୃକ୍ତ ଏସ୍‌ଏଚ୍‌ଜି ଜିଲା ପ୍ରଶାସନ ସହଭାଗିତାରେ ଏହି ପ୍ରକ୍ରିୟାରେ ସାମିଲହୋଇ ଧାନ କିଣା ମାର୍ଗଦର୍ଶିକାର ଅନୁପାଳନ ପୂର୍ବକ ଚାଷୀମାନଙ୍କ ଠାରୁ ଧାନ କିଣାରେ ଯୋଗଦାନ କରୁଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଆନୁଷଙ୍ଗିକ ବ୍ୟବସ୍ଥାରେ ମଧ୍ୟ ସହଯୋଗ କରୁଛନ୍ତି।

# ମାଟ୍ରିକ୍ ପରୀକ୍ଷାର ନମୁନା ପ୍ରଶ୍ନପତ୍ର 'ପରୀକ୍ଷା ଦର୍ପଣ'

- ଅନ୍‌ଲାଇନ୍‌ରେ ଯୋଗାଇଲା ବୋର୍ଡ
- ଛାତ୍ରୀଛାତ୍ରଙ୍କ ଅଭ୍ୟାସ ପାଇ ୫ ସେଟ୍

**କଟକ,୨୧।୧(କାର୍ତ୍ତିକ ସାହୁ)**

ଚଳିତବର୍ଷ ମାଟ୍ରିକ୍ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଆସନ୍ତା ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ପ୍ରସ୍ତୁତି ପାଇଁ ଛାତ୍ରୀଛାତ୍ରଙ୍କ ହାତରେ ଆଉ ସ୍ୱଳ୍ପ ସମୟ ରହିଛି। ତେବେ ଏହି ସ୍ୱଳ୍ପ ସମୟ ମଧ୍ୟରେ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏକ ସହାୟକ ପୁସ୍ତିକା ପ୍ରସ୍ତୁତ କରାଯାଇଛି। ଅନ୍‌ଲାଇନ୍ ଯୋଗେ ବୋର୍ଡ ପକ୍ଷରୁ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହି ପୁସ୍ତିକାକୁ ରାଜ୍ୟର ସମସ୍ତ ହାଇସ୍କୁଲକୁ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଜିଲା ଶିକ୍ଷାଧିକାରୀମାନେ ଏହି ପୁସ୍ତିକାକୁ ସେମାନଙ୍କ ଅଧୀନରେ ଥିବା ହାଇସ୍କୁଲଗୁଡ଼ିକୁ ପ୍ରେରଣ କରିବେ। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକ ସେଗୁଡ଼ିକୁ ମୁଦ୍ରଣ କରି ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଯୋଗାଇଦେବେ।

ପ୍ରକାଶ ଯେ, ହାଇସ୍କୁଲ ପରୀକ୍ଷା ପାଇଁ ସମସ୍ତ ବିଷୟର ପାଠ୍ୟକ୍ରମ ଚଳିତମାସ ଦ୍ୱିତୀୟ ସପ୍ତାହରେ ବିଦ୍ୟାଳୟ ସ୍ତରରେ ବୋର୍ଡର ବିଜ୍ଞପ୍ତି ଅନୁସାରେ ଶେଷ



ଓସେପା କାର୍ଯ୍ୟାଳୟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ହୋଇଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ପ୍ରତି ଭୟରୁ ନିବୃତ୍ତ ରହିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ମାଧ୍ୟମିକ ଶିକ୍ଷା ପରିଷଦ ଓ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା) ସହଭାଗିତାରେ ନମୁନା ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ତଦନୁଯାୟୀ ମାଧ୍ୟମିକ ଶିକ୍ଷା ପରିଷଦ ସମସ୍ତ ବିଷୟରେ ୫ଟି ଲେଖାଏ ନମୁନା ପ୍ରଶ୍ନପତ୍ର ସଂଲଗ୍ନ ଏକ ପୁସ୍ତିକା ବହୁ କମ୍ ସମୟ ବ୍ୟବଧାନରେ ପ୍ରସ୍ତୁତ କରିଛି। ଏହି ପୁସ୍ତିକାକୁ ପରୀକ୍ଷା ଦର୍ପଣ ନାମରେ ଭୁବନେଶ୍ୱରର ଓସେପା କାର୍ଯ୍ୟାଳୟରେ ମଙ୍ଗଳବାର ଉନ୍ମୋଚନ କରାଯାଇଛି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ କହିବାନୁସାରେ, ଚଳିତ ମାଟ୍ରିକ୍ ପରୀକ୍ଷାର ପ୍ରଶ୍ନପତ୍ର ଢାଞ୍ଚାରେ ଏହି ପୁସ୍ତିକାରେ ପ୍ରଶ୍ନଗୁଡ଼ିକ ଦିଆଯାଇଛି। ଏଥିସହ ଉତ୍ତର ମଧ୍ୟ ରହିଛି। ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପ୍ରଶ୍ନୋତର ପତ୍ର ସେଥିରେ ଦିଆଯାଇଛି। ୫୦ ମାର୍କର ସବ୍‌ଜେକ୍ଟିଭ ଓ ୫୦ ମାର୍କର ଅବ୍‌ଜେକ୍ଟିଭ ପ୍ରଶ୍ନ ପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତ ହେବେ। ବୋର୍ଡ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଇଛି। ଏଗୁଡ଼ିକ କେବଳ ମାଟ୍ରିକ୍ ପରୀକ୍ଷାରେ ଆସିବାକୁ ଥିବା ପ୍ରଶ୍ନପତ୍ର ଢାଞ୍ଚା ସହ ସାଦୃଶ୍ୟ ଭାବେ କରାଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ପରୀକ୍ଷା ଦର୍ପଣ ପୁସ୍ତିକାକୁ ମାଟ୍ରିକ୍ ଛାତ୍ରୀଛାତ୍ର ସେମାନଙ୍କ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହାୟତାରେ ପୂର୍ଣ୍ଣ ଭାବେ ଉପଯୋଗ କରିପାରିବେ। ଫଳରେ ମାଟ୍ରିକ୍ ପରୀକ୍ଷା ଦେବା ଓ ଭଲ ମାର୍କ ରଖିବା ସେମାନଙ୍କ ପାଇଁ ସହଜ ହେବ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

# ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ୨ ନାବାଳିକା ମୃତ

**ବଣାଇ/ଲହୁଣୀପଡ଼ା, ୨୧।୧**
**(ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ରାଜାମୁଣ୍ଡା ବାଇପାସ୍‌ଠାରେ ମଙ୍ଗଳବାର ଅପରାହ୍ଣ ୪ଟା ୪୫ରେ ଏକ ଟ୍ରକ୍ ସ୍କୁଟିକୁ ଧକ୍କା ଦେବାରୁ ୨ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଲିପୋଷ ଗ୍ରାମର ଜାନକୀ ଠାକୁର (୧୩) ଓ କରିସ୍ମା ଠାକୁର (୯)। ସେମାନଙ୍କ କକା ସୁଧୀର ଠାକୁର (୨୮) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନା ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି।

ସୁଧୀର ଏବଂ ତାଙ୍କ ଝିଆରୀ ଜାନକୀ ଓ କରିସ୍ମା ନିଜ ଗ୍ରାମରୁ ଓଡି ୧୪ ପି ୯୯୨୪ ନଂ. ସ୍କୁଟି ଯୋଗେ ଲହୁଣୀପଡ଼ା ଆସି ବଣାଇ ଦେଇ ଘରକୁ ଫେରୁଥିଲେ। ରାଜାମୁଣ୍ଡା ବାଇପାସ୍ ରାସ୍ତା ଅତିକ୍ରମ କରୁଥିବା ସମୟରେ ୧୪୩ ନମ୍ବର ଜାତୀୟ ରାଜପଥରେ ରାଉରକେଲାରୁ ବାରକୋଟ ପଟେ ଯାଉଥିବା ଓଡ଼ି ୦୯ ପି ୮୪୭୮ ନଂ. ଟ୍ରକ୍ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା।

# ପ୍ରେମ ପାଇଁ ସଦ୍ଦାମ ହୁସେନରୁ ଶିବଶଙ୍କର

**ବସ୍ତି, ୨୧।୧**

ଉତ୍ତରପ୍ରଦେଶର ବସ୍ତି ଜିଲାରୁ ଏକ ଅଜବ ପ୍ରେମ ବିବାହ ଘଟଣା ସାମ୍ନାକୁ ଆସିଛି। ପ୍ରେମିକା ଅନୁ ସୋନୀ(୩୦)ଙ୍କୁ ବିବାହ କରିବା ପାଇଁ ସଦ୍ଦାମ ହୁସେନ(୩୪) ନାମକ ଜଣେ ମୁସଲମାନ ଯୁବକ ନିଜ ଧର୍ମ ପରିବର୍ତ୍ତନ କରି ଶିବଶଙ୍କର ହୋଇଛନ୍ତି। ସେ ହିନ୍ଦୁଧର୍ମ ଗ୍ରହଣ କରି ପ୍ରଥମେ ନିଜକୁ ଗଙ୍ଗା ଜଳରେ ପବିତ୍ର କରାଇଥିଲେ ଓ ଏହାପରେ ଅନୁଙ୍କୁ ବିବାହ କରିଥିଲେ।

ବସ୍ତି ଜିଲା ନଗର ବଜାର ଗ୍ରାମରେ ଉଭୟ ସଦ୍ଦାମ ଓ ଅନୁ ପରିବାର ସହ ରହୁଥିଲେ। ଦୀର୍ଘ ୧୦ ବର୍ଷ ଧରି ଦୁହେଁ ପରସ୍ପରକୁ ଭଲ ପାଉଥିଲେ। ତେବେ ଦୁହିଁଙ୍କର ଧର୍ମ ଅଲଗା ହୋଇଥିବାରୁ ବିବାହ କରିବା



ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା। ବିବାହ ପାଇଁ ସଦ୍ଦାମଙ୍କ ପରିବାର ଲୋକେ ଅରାଜି ହେଉଥିଲେ।

ଅନୁ ଅନେକଥର ବିବାହ କରିବା ଲାଗି ସଦ୍ଦାମଙ୍କ ଉପରେ ଚାପ ପକାଉଥିଲେ ମଧ୍ୟ ତାଙ୍କୁ ସଫଳତା ମିଳି ନ ଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅନୁ ଗତ ଶୁକ୍ରବାର ସଦ୍ଦାମ ଓ ତାଙ୍କ ପରିବାର ବିରୋଧରେ ବିବାହ ବାହାନାରେ ବଳାତ୍କାର, ହତ୍ୟା ଧମକ ଆଦି ଅଭିଯୋଗ କରିଥିଲେ। ଅନୁଙ୍କ ଅଭିଯୋଗ ଆଧାରରେ ପୋଲିସ ସଦ୍ଦାମ ଓ ତାଙ୍କ ପରିବାର ବିରୋଧରେ ମାମଲା ମଧ୍ୟ ରୁଜୁ କରିଥିଲା। ତେବେ ଏହାର ଠିକ୍ ୩ ଦିନ ପରେ ସୋମବାର ନଗର ବଜାର ଗ୍ରାମର ଏକ ମନ୍ଦିରରେ ହିନ୍ଦୁ ରୀତିନୀତି ଅନୁଯାୟୀ ସଦ୍ଦାମ ପ୍ରେମିକା ଅନୁଙ୍କୁ ବିବାହ କରିଥିଲେ। ଉଭୟ ସଦ୍ଦାମ ଓ ଅନୁ ନିଜ ଇଚ୍ଛାରେ ବିବାହ କରିଛନ୍ତି ବୋଲି ପୋଲିସକୁ ଜଣାଇଛନ୍ତି। ହିନ୍ଦୁଧର୍ମ ଗ୍ରହଣ କରିବା ସହ ନିଜ ନାମ ପରିବର୍ତ୍ତନ କରିଥିବା ସଦ୍ଦାମ କହିଛନ୍ତି, ସେ ଗତ କିଛିଦିନ ହେବ ହିନ୍ଦୁଧର୍ମକୁ ପସନ୍ଦ କରୁଥିଲେ। କିନ୍ତୁ ଅଲଗା ଧର୍ମର ହୋଇଥିବାରୁ ଏବଂ ପାରିବାରିକ ଚାପ କାରଣରୁ ସେ ଖୋଲାଖୋଲି ଭାବେ ହିନ୍ଦୁଧର୍ମକୁ ସ୍ୱୀକାର କରି ପାରୁ ନ ଥିଲେ। ସୁଯୋଗ ମିଳିବା ମାତ୍ରେ ସେ ସ୍ଥାନୀୟ ହିନ୍ଦୁ ସଙ୍ଗଠନର ସହଯୋଗରେ ଇସ୍‌ଲାମ ଧର୍ମ ଛାଡ଼ି ହିନ୍ଦୁ ଧର୍ମକୁ ଅପଣାଇଥିବା ସଦ୍ଦାମ କହିଛନ୍ତି। ସେହିପରି ଅନୁ କହିଛନ୍ତି, ସଦ୍ଦାମଙ୍କ ସହ ବିବାହ ପାଇଁ ତାଙ୍କ ପରିବାର ଲୋକେ ରାଜି ଥିଲେ ହେଲେ ସଦ୍ଦାମଙ୍କ ପରିବାର ଏହି ସମ୍ପର୍କକୁ ଚାହୁଁ ନ ଥିଲେ। ତେଣୁ ସଦ୍ଦାମ ବାଧହୋଇ ନିଜ ପରିବାରକୁ ଛାଡ଼ି ତାଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଜିମ୍‌ରେ କାର୍ଯ୍ୟକରିବା ପାଇଁ ଲେଡ଼ିସ୍ ଆକାଉଣ୍ଟାଣ୍ଟ, ଲେଡିସ୍ ଟ୍ରେନର ଓ କେଣ୍ଟସ ଟ୍ରେନର ଆବଶ୍ୟକ।
– ଯୋଗାଯୋଗ –
K–3/456, କଳିଙ୍ଗନଗର, ଭୁବନେଶ୍ୱର
9861078181 / 7978618134

**JOB VACANCIES IN EURO KIDS**
INTERVIEW DATE : 25th to 27th JANUARY 2025
PLACE : GLIMPSES PALACE, GROUND FLOOR OFFICE
TIMING : 11 AM ONWARDS / BOMIKHAL, CONTACT : 8455874770
PRE-SCHOOL TEACHERS
Teach all areas of the primary curriculum. Set up the classroom, organize displays and create a positive learning environment.
Education : Post Graduate, Graduate (Preferred)
Experience : FRESHERS/EXPERIENCE BOTH CAN APPLY
Salary : Depends on knowledge, experience and interview performance.
COUNSELOR
Must have good knowledge of digital marketing, Handle admissions, Provide counselling to students and parents.
Requirements : Minimum graduate. Excellent communication skills English, Hindi & Odia.
Experience : FRESHERS/EXPERIENCE BOTH CAN APPLY
Salary : Depends on knowledge, experience and interview performance.
EURO KIDS, RANI GOENKA, IRC VILLAGE, NAYAPALLI, BHUBANESWAR

**REQUIREMENT URGENTLY**
1. M.Sc. CHEMISTRY : 03 Nos. (Water Test Experience Preferable)
2. MARKETING EXECUTIVE: MBA - 02 Nos.
Salary - 15000.00/-
Send Updated CV
OTL CONSULTANCY SERVICE PVT. LTD.
Email: odishatestinglab@gmail.com
Mobile No.: 8249525997

**WANTED**
Medical Representative
Area Sales Manager
for all over the Orissa to Launch Psychiatric Company. Please send resume on whatsapp only
Subhash Kelkar (Director)
9923000311

Teachers Required Teachers Required
**BETHANY CONVENT SCHOOL**
(Affiliated to ICSE New Delhi)
Madhuban, Paradip, Jagatsinghpur, Odisha, PIN - 754 142
Email : bcshparadip@yahoo.com, Mob : +91 7894618491, 8984087996

| Subjects | Qualification |
|---|---|
| Mathematics<br>English<br>Physics<br>Chemistry<br>Biology<br>Computer<br>Physical Education | 1. Graduate or Post Graduate in respective subject<br>2. B.Ed / B.Ped<br>3. 3 Years Experience<br>4. Proficiency in written and spoken English<br>5. Conversant with latest teaching trends and use of technology |

The application and relevant documents should reach the school office by post or email with full contact address and contact telephone number of the applicant by 31st of March 2025.
Sd./- Principal

**ଦୂରବାର୍ତ୍ତା ଡ଼ିଜିଟାଲ ଲାଇଭ ଆବଶ୍ୟକ କରୁଛି**
୧. ସାମ୍ବାଦିକ – ଓଡ଼ିଶାର ୩୦ ଟି ଜିଲ୍ଲା ଓ ପ୍ରତ୍ୟେକ ବ୍ଲକ ନିମନ୍ତେ ।
୨. ଭିଜୁଆଲ ଏଡ଼ିଟର ୪ ଜଣ
୩. ସବ୍-ଏଡ଼ିଟର ୪ ଜଣ
୪. କ୍ୟାମେରାମ୍ୟାନ୍ ୨ ଜଣ
୫. ଗ୍ରାଫିକ୍ ଡିଜାଇନର ୨ ଜଣ
୬. ଆନିମେସନ୍ ଡିଜାଇନର ୩ ଜଣ
୭. ଅଫିସ୍ ପିଅନ ୨ ଜଣ
୮. ନିୟୁଜ ଏଡିଟର ୧ ଜଣ
୯. ପାର୍ଟଟାଇମ ସ୍କ୍ରିପ୍ଟ ରାଇଟର (Short film/Comedy etc.)
୧୦. ଆଉଟଡୋର ମ୍ୟାନେଜର ୪ ଜଣ
(କେବଳ ଅଭିଜ୍ଞ ବ୍ୟକ୍ତି ଆବେଦନ କରିପାରିବେ)
(Previous Salary is Protected)
ଯୋଗାଯୋଗ ଠିକଣା:
ଦୂରବାର୍ତ୍ତା ଡ଼ିଜିଟାଲ ଲାଇଭ
୯୯୩୭୭୬୦୬୦୧୦
T.S.G GURUKUL, 444, GOTHAPATNA, BBSR

Your classified advertisement published in Dharitri will be listed free in Dharitri online edition : www.dharitri.com

Estd. - 1979
☎7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No. 1530003)
NUA-KHAIRPALI, PO. - LARASARA, DIST. : BARGARH - 768027 (ODISHA)
Email - thekosalaschool1979@gmail.com, Mob - 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed | (Salary is not a constraint for deserving candidates) |
| 2 | TGT | English / Physics /Chemistry / Biology / Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Pre Primary Teacher | | Higher Secondary (+2) with NTT / STT / Diploma in ECCE | |
| 5 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 6 | Data Entry Operator | | B.A. or B.Sc with PGDCA | |
| 7 | Office Assistant | | B.A. or B.Sc with PGDCA | |
| 8 | Accountant | | B.Com with Tally | |
| 9 | Special Educator | | B.A. or B.Sc with B.Ed (Special Education) | |
| 10 | Hostel Warden (Male / Female) Age- 25 to 35 years | | Higher Secondary (+2) | |
| 11 | Security Guard | | Higher Secondary (+2) | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address :- thekosalaschool1979@gmail.com on or before 05/02/2025.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- (Principal)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧।୨୦୨୫

| | |
|---|---|
| ୫,୮୭,୫୭୬ ଟଙ୍କା | |
| ସୁନା | ୬.୨୫୦ ଗ୍ରାମ୍ |
| ରୁପା | ୧୯.୨୫୦ ଗ୍ରାମ୍ |

# ସବୁ ବିଭାଗ ସହ ସମନ୍ୱୟ ରଖି ଦାୟିତ୍ୱ ନିର୍ବାହ କର

### ଗ୍ରୀଷ୍ମ ପ୍ରବାହ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସମୀକ୍ଷା ବୈଠକ

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)



ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ଆଗାମୀ ଗ୍ରୀଷ୍ମ ପ୍ରବାହ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ବିଭିନ୍ନ ବିଭାଗ ସହ ଏକ ସମୀକ୍ଷା ବୈଠକ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗକୁ ଗ୍ରୀଷ୍ମଦିନ ଆସୁଥିବା ବେଳେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତମାନେ ଯେପରି ଖରାରେ ହଇରାଣ ନ ହୋଇ ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ସମସ୍ତ ବିଭାଗ ଅତ୍ୟନ୍ତ ନିଷ୍ଠାର ସହ ସେମାନଙ୍କ ବିଭାଗର ଦାୟିତ୍ୱ ନିର୍ବାହ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ସମୟରୁ ବର୍ଷା ଋତୁ ପର୍ଯ୍ୟନ୍ତ ପାନୀୟ ଜଳର ବ୍ୟବସ୍ଥା ଓ ଜଳ ସିଞ୍ଚନ ବ୍ୟବସ୍ଥା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଡାକବାଜି ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ପରିବ୍ୟାପ୍ତ କରାଯିବାକୁ ପରାମର୍ଶ ଦିଆଯାଇଛି। ଫଳରେ ହଜୁଥିବା ଓ ତାଙ୍କୁ ଖୋଜୁଥିବା ଶ୍ରଦ୍ଧାଳୁମାନେ ଶୀଘ୍ର ମିଳିବା ସମ୍ଭବ ହେବ। ଏସ୍‌ପି ଭିନୀତ ଅଗ୍ରୱାଲ ଶୃଙ୍ଖଳା ରକ୍ଷା ସହ ଶ୍ରଦ୍ଧାଳୁଙ୍କ ସୁବିଧା ପ୍ରତି ସମ୍ମିଳିତ ଭାବେ ଉଦ୍ୟମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ କହିଛନ୍ତି, କିଛି ଦିନ ପରେ ଗ୍ରୀଷ୍ମ ଦିନ ଆସିବ। ବିଗତ ଦିନରେ ଭକ୍ତମାନେ ଯେଉଁ ଯେଉଁ ସମସ୍ୟା ଭୋଗିଥିଲେ ତାହା ଯେପରି ଚଳିତ ବର୍ଷ ନ ଭୋଗିବେ ସେ ନେଇ ଗୁରୁତ୍ୱ ଦିଆଯାଇଛି। ପାଣି ସିଞ୍ଚନଠାରୁ ଆରମ୍ଭ କରି ମ୍ୟାଟ୍ ପକାଇବା, ପିଇବା ପାଣି, ଫ୍ୟାନ୍, ସେଡ୍ ଆଦି ବ୍ୟବସ୍ଥା କରିବାକୁ ଯୋଜନା କରାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ସାହୁ, ଉପଜିଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ମନୀଷା ଷଡ଼ଙ୍ଗୀ, ମ୍ୟୁନିସିପାଲ୍‌ଟି ଏନ୍‌ଫୋର୍ସମେଣ୍ଟ ଅଫିସର୍ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କୁ ଅଲାରନାଥ କୁରାଳ ମହାସଂଘର ଦାବିପତ୍ର

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରକୁ ହାଣ୍ଡି ଓ କୁଡୁଆ ଯୋଗାଇ ଆସୁଥିବା କୁମ୍ଭକାରଙ୍କ ବିଭିନ୍ନ ଦାବି ନେଇ ଶ୍ରୀ ଶ୍ରୀ ଅଲାରନାଥ କୁରାଳ ମହାସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପ୍ରାୟ ୫୦ ବର୍ଷ ଧରି କୁମ୍ଭକାରମାନେ ହାଣ୍ଡି କୁଡୁଆ ଆଦି ଶ୍ରୀମନ୍ଦିରକୁ ଯୋଗାଇ ଆସୁଛନ୍ତି। ହାଣ୍ଡି କୁଡୁଆ ନିର୍ମାଣରେ ବର୍ତ୍ତମାନ ଅନେକ ସମସ୍ୟା ଦେଖାଦେଉଛି। ଜାଳ, କାଠ, ମାଟି ଓ ବାଲି ଅଭାବ ହେଉଛି। ତେଣୁ ଏନେଇ ପ୍ରଶାସନ ପକ୍ଷରୁ ସହାୟତା ଆବଶ୍ୟକ। କୁମ୍ଭକାରଙ୍କ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ନିମନ୍ତେ ସେବକ ପରିଚୟ ପତ୍ର ପ୍ରଦାନ କରାଯାଉ। ଶ୍ରୀମନ୍ଦିର ଛତିଶା ନିଯୋଗରେ କୁମ୍ଭକାରଙ୍କୁ ସ୍ଥାନ ଦିଆଯାଉ। କୁମ୍ଭକାରମାନଙ୍କୁ ୫୦୦ ଏକର ଜମି ଓ ବୈଠକ ନିମନ୍ତେ ଏକ ସଭା ଗୃହ ଯୋଗାଇବା ବ୍ୟବସ୍ଥା କରାଯାଉ।

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଚାରିଛକ,୨୧।୧(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ୍ ଅଞ୍ଚଳର ଗୋଟିଏ ଘରୋଇ ସ୍କୁଲ୍‌ର ସମ୍ପାଦକ ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ସୋମବାର ଚାରିଛକ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ସମ୍ପାଦକଙ୍କୁ ଗିରଫ କରିବା ସହ ମଙ୍ଗଳବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ସ୍କୁଲ୍‌ର ସମ୍ପାଦକ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀ ଜଣଙ୍କ ଉକ୍ତ ଘରୋଇ ସ୍କୁଲ୍‌ରେ ୫ ବର୍ଷ ହେବ ପଢ଼ାଉଛନ୍ତି। ସୋମବାର ମଧ୍ୟାହ୍ନରେ ସ୍କୁଲ୍‌ର ସମ୍ପାଦକ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟାଳୟକୁ ଡାକି ଅନ୍ୟ ସ୍କୁଲ୍‌କୁ ବଦଳି କରାଯିବା କହିବା ସହ ଅସଦାଚରଣ କରିଥିଲେ। ଶିକ୍ଷୟିତ୍ରୀ ଜଣଙ୍କ କୌଶଳକ୍ରମେ ସେଠାରୁ ଆସି ପରିବାର ଲୋକଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଚାରିଛକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପାଦକଙ୍କୁ ଗିରଫ କରିଥିଲା। ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୭୫, ୭୯/୨, ୩୫୧/୨ଥାନା କେସ୍ ନଂ.୬/୨୦୨୫ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।

### ୧୫ ଚାଷୀଙ୍କଠୁ ୪୩୫ କୁଇଣ୍ଟାଲ ଧାନ ସଂଗ୍ରହ

ବଳଙ୍ଗା,୨୧।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ଅତିଥି ରୂପେ ଏରିଆ ଅଫିସର ଦେବଦତ୍ତ ତ୍ରିପାଠୀ, ସରପଞ୍ଚ ଅଞ୍ଜଳି ପ୍ରଧାନ, ଆର୍‌ଆଇ ସୁରେନ୍ଦ୍ର ନାଥ ସାହୁ, ଆର୍‌ଏମ୍‌ଏସ୍‌ର ଜ୍ୟୋତିର୍ମୟୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ପିଇଓ ଶୁଭକାନ୍ତ ମହାନ୍ତି ଓ ସମିତି ସମ୍ପାଦକ ସୌଦାମିନୀ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଜୀକୃତ ୧୫ ଜଣ ଚାଷୀଙ୍କଠୁ କେ.ସି. ରାଇସ ମିଲର ସରକାରୀ ଧାର୍ଯ୍ୟମୂଲ୍ୟରେ ୪୩୫ କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲା।

## ‘ସାଇକେଲ ଷ୍ଟାଣ୍ଡ, ଶୌଚାଳୟ ପାଇଁ ଅର୍ଥ ମଞ୍ଜୁର କରାଯିବ’

### ମା’ ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଗୋପ,୨୧।୧(ଭାରତୀ ଭୂଷଣ ଉପାଧ୍ୟାୟ)



ରାଜ୍ୟ ସରକାର ଶିକ୍ଷାକୁ ଅଧିକ ମାତ୍ରାରେ ଗୁରୁତ୍ୱ ଦେଉଥିବାବେଳେ ଖୁବ୍‌ଶୀଘ୍ର ଜାତୀୟ ଶିକ୍ଷା ନୀତି ଲାଗୁ କରିବାକୁ ଯାଉଛନ୍ତି। ଏହି ନୀତି ଏପ୍ରିଲଠାରୁ ଲାଗୁ କରୁଥିବା ସମୟରେ ସମସ୍ତ ଛାତ୍ରୀଛାତ୍ର ସମସ୍ତ ଭାଷାରେ ପାଠ ମଧ୍ୟ ପଢିପାରିବେ। ତତ୍‌ସହିତ କୌଣସି ଶିକ୍ଷା ଅନୁଷ୍ଠାନରେ ପାଠ ପଢିବାକୁ କୌଣସି ସମସ୍ୟା ମଧ୍ୟ ରହିବ ନାହିଁ। ମଙ୍ଗଳବାର ଗୋପ ବ୍ଲକ ଅଧୀନ ବେଦପୁର ନିକଟସ୍ଥ ମା’ ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି। ସ୍କୁଲ ପ୍ରଧାନ ଶିକ୍ଷକ ବିଭୂଦତ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବିଜୟ ନାୟକ, ବେଦପୁର ସରପଞ୍ଚ ଜୟନ୍ତୀ ଜେନା, ସମିତି ସଭ୍ୟା ଲିପିକା ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମିଶ୍ର, ପୁରାତନ ଛାତ୍ର ସଂସଦ ସଭାପତି ସହଦେବ ସାହୁ, ସଭ୍ୟ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ପରିବେଶ ବଞ୍ଚିଲେ ଆମେ ବଞ୍ଚିବାକୁ ନେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସ୍କୁଲ ପରିସରରେ ଚାରାରୋପଣ କରିବା ସହ ଖୁବ୍‌ଶୀଘ୍ର ସ୍କୁଲରେ ସାଇକେଲ ଷ୍ଟାଣ୍ଡ, ଶୌଚାଳୟ ସମେତ ଅନ୍ୟାନ୍ୟ ଗୃହ ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରାଯିବ ବୋଲି ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୩୫ ଚାଷୀଙ୍କଠୁ ୩,୯୭୪ କୁଇଣ୍ଟାଲ ଧାନ କ୍ରୟ

ଯୋଗେଶ୍ୱରପୁର,୨୧।୧(ରଶ୍ମିରଞ୍ଜନ ସାହୁ)

ଦୁର୍ଗେଶ୍ୱର ଗଡ଼ ସେବା ସମବାୟ ସୋସାଇଟି ପକ୍ଷରୁ ଦେଉଳୀ ମେଳଣ ପଡ଼ିଆଠାରେ ସ୍ଥାନୀୟ ସରପଞ୍ଚ ରିଙ୍କୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଦେଉଳୀ ପଞ୍ଚାୟତ ସଭାପତି ସନାତନ ରଥ, ସେବା ସମବାୟ ସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ସୁକାନ୍ତ ପାତ୍ର, ସମ୍ପାଦକ ମାଧବ ରଥ, ଚଗଲା ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ୮ ଚାଷୀଙ୍କଠାରୁ ୨୩୦୦ କୁଇଣ୍ଟାଲ ଧାନ କିଣାଯାଇଥିଲା। ନୟାହାଟ ସମବାୟ ସମିତିରେ ଜଙ୍ଗଲବୋରି ଆର୍‌ଆଇ ସୁଶାନ୍ତ ପୃଥୀ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ସମବାୟ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଅକ୍ଷୟ କୁମାର ରାୟ, କେଦାରନାଥ ସାହୁ, ତନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୧୦ ଚାଷୀଙ୍କଠୁ ୭୫୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ବରିମୁଣ୍ଡ ସେବା ସମବାୟ ଧାନମଣ୍ଡିକୁ ସଭାପତି ବିଚିତ୍ରାନନ୍ଦ ନାୟକ, ସମ୍ପାଦକ ଅକ୍ଷୟ କୁମାର ରାୟ, ଗ୍ରାମସେବିକା କଳ୍ପନା କରଙ୍କ ଉପସ୍ଥିତିରେ ୧୭ ଜଣ ଚାଷୀଙ୍କଠାରୁ ୯୧୯ କୁଇଣ୍ଟାଲ ଧାନ କିଣାଯାଇଥିଲା।

### ଶ୍ରୀମନ୍ଦିର ଚାରିପାଖରେ ଲାଗିଲା ପୋଷ୍ଟର

## ଶ୍ରୀମନ୍ଦିରକୁ ମୋବାଇଲ୍ ନେଲେ କାର୍ଯ୍ୟାନୁଷ୍ଠାନ

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)

ବାରମ୍ବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍ ସହ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋମବାର ଜଣେ ଭକ୍ତ ବାଇଶିପାହାଚରେ ଠିଆ ହୋଇ ଶ୍ରୀମନ୍ଦିର ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ଏତିକି ନୁହେଁ ସୋମବାର ମଧ୍ୟ ଏକ ଡ୍ରୋନ ଶ୍ରୀମନ୍ଦିର ଉପରେ ଉଡ଼ିଥିବା ଦେଖିବାକୁ ମିଳିଥିଲା। ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ସେପରି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ଭିତରକୁ କର୍ମଚାରୀ ଓ ସେବାୟତମାନେ ମୋବାଇଲ, କ୍ୟାମେରା ନେଇପାରିବେ ନାହିଁ ବୋଲି ରବିବାର ସୂଚନା ଦେଇଥିଲେ। ଏସ୍‌ପି ଭିନୀତ୍ ଅଗ୍ରୱାଲ କହିଛନ୍ତି, ଜଣେ ଭକ୍ତ ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ କରିଥିବା ନେଇ ସୂଚନା ମିଳିବା ପରେ ପୋଲିସ ପ୍ରଶାସନ ତାହାକୁ ଗୁରୁତ୍ୱର ସହ ନେଇଛି। ଭକ୍ତଙ୍କୁ ସଚେତନ କରିବା ନିମନ୍ତେ ଶ୍ରୀମନ୍ଦିର ଚାରିପାଖରେ ସଚେତନତାମୂଳକ ପୋଷ୍ଟର୍ ବା ସାଇନ୍ ବୋର୍ଡ ଲଗାଯାଇଛି। ଯେଉଁମାନେ ଉକ୍ତ ନିୟମକୁ ଉଲ୍ଲଂଘନ କରି ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ନେବେ ସେମାନଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜକ୍ଷି



@ ସୁଶୀଲ



@ କମଳକୃଷ୍ଣ



@ ଦିନେଶ



@ ଦୁଃଶାସନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱନାଥ ଭଞ୍ଜ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠରେ ପୂର୍ବତନ କ୍ରୀଡ଼ା ଶିକ୍ଷକ ସ୍ୱର୍ଗତ ବିଶ୍ୱନାଥ ଭଞ୍ଜଙ୍କ ସ୍ମୃତିରେ ବିଶ୍ୱନାଥ ଭଞ୍ଜ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ମୋ ସ୍କୁଲ କମିଟି ସଭାପତି ରମାବଲ୍ଲଭ ମହାପାତ୍ର, ଟାଉନ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ ଯୋଗଦେଇଥିଲେ। ଭଞ୍ଜ ସାର୍ ରାଜ୍ୟରେ ସୁପରିଚିତ ଥିଲେ। ସେ ଅନେକ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ପ୍ରଶିକ୍ଷଣ ପ୍ରଦାନ କରି ରାଜ୍ୟ ଓ ରାଷ୍ଟ୍ରୀୟ ପଦକ ବିଜେତା କରିପାରିଥିଲେ, ଯାହା ଆମ ପୁରୀକୁ ଗୌରବାନ୍ୱିତ କରିଥିଲା। ଏବେ ବି ତାଙ୍କର ଅନେକ ଶିଷ୍ୟ ବିଭିନ୍ନ ଖେଳ ପ୍ରତିଷ୍ଠାନରେ ସଫଳତାର ସହିତ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି ବୋଲି ଅତିଥିମାନେ କହିଥିଲେ।

ବିଶ୍ୱମ୍ଭର ବିଦ୍ୟାପୀଠ ୧୯୯୨ ବ୍ୟାଚ୍‌ର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟରେ ଅନୁଷ୍ଠିତ ଖେଳ ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା କରୁଣାକର ମୁର୍ମୁ ଏବଂ ବୈଷ୍ଣବୀ ଆଚାରୀଙ୍କୁ ଟ୍ରଫି ସହ ଟ୍ରାକ୍‌ଶୁଟ୍ ପ୍ରଦାନ କରାଯାଇଛି। ୧୯୯୨ ବ୍ୟାଚ ତରଫରୁ ଅଶୋକାମଞ୍ଜରୀ ନାୟକ, ଜଗନ୍ନାଥ ମହାପାତ୍ର, ପୀତାମ୍ବର ମହାରଣା, ଦେବାଶିଷ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପରିସଂଖ୍ୟାନ କର୍ମଚାରୀଙ୍କ ସପ୍ତମ ବୈଠକ

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)




ଅବିଭକ୍ତ ପୁରୀ ଜିଲାର ଅବସରପ୍ରାପ୍ତ ପରିସଂଖ୍ୟାନ କର୍ମଚାରୀଙ୍କ ସପ୍ତମ ବୈଠକ ମଙ୍ଗଳବାର ଜିଲା ପରିସଂଖ୍ୟାନ କାର୍ଯ୍ୟାଳୟଠାରେ ସମନ୍ୱୟ ବିଭାଗର ସ୍ପେଶାଲ ସେକ୍ରେଟାରୀ ଲୋକନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଯୁଗ୍ମ ନିର୍ଦ୍ଦେଶକ ଦିଲୀପ ରାୟ, ଅତିଥି ଭାବେ ରେଭିନ୍ୟୁ କମିଶନର ଶୁକଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଶାନ୍ତ କୁମାର ପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଆବାହକ ତଥା ସହକାରୀ ନିର୍ଦ୍ଦେଶକ ଦିନବନ୍ଧୁ ମଲ୍ଲିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମଦନ ରାଉତରାୟ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ରଥ ସଂଯୋଜନା କରିଥିଲେ। ଏହି ଅବସରରେ ବରିଷ୍ଠ କର୍ମଚାରୀ ଭାବେ ରବିନାରାୟଣ ପାତ୍ର ଓ ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ମଲ୍ଲିକ, ରମେଶ ଚନ୍ଦ୍ର ମହାନ୍ତି, ନୀଳଲୋହିତ କର, ତ୍ରିଲୋଚନ ସାହୁ, ଆଲୋକ ରଞ୍ଜନ ସାମନ୍ତରାୟ, ଶ୍ୟାମ ପଟ୍ଟନାୟକ, ଗୋପବନ୍ଧୁ ବରାଳ, ବିଜୟ କୁମାର ଦାସ, ପ୍ରସନ୍ନ ବଳସିଂହାର, ଘନଶ୍ୟାମ ମହାପାତ୍ର, ହରିହର ହୋତା, ମିହିର ତ୍ରିପାଠୀ ଏବଂ ଅରବିନ୍ଦ ମଲ୍ଲିକ ପ୍ରମୁଖ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନନ୍ତରାମ ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ।

## ଝାଡ଼ାବାନ୍ତି ନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ଅଛି: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୧(ବନ୍ଦନା ସେଠୀ)

ପୁରୀ ଜିଲା କଣାସ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଘଟଣାର ଯାଞ୍ଚ ପାଇଁ ବିଭାଗର ଏକ ଟିମ୍ କଣାସ ଅଞ୍ଚଳକୁ ପଠାଯାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସେହିପରି ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ଔଷଧ ମହଜୁଦ ଅଛି। ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କଣାସ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସରକାର ସବୁ ଦିଗରୁ ସଜାଗ ଅଛନ୍ତି। ଚିକିତ୍ସା ସେବା ଠିକ୍‌ରେ ଚାଲିଛି। ଝାଡ଼ାବାନ୍ତି ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅଞ୍ଚଳରେ କିପରି ଅଧିକ ଝାଡ଼ାବାନ୍ତି ନ ବ୍ୟାପିବ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ କଣାସରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। କଣାସ ଅଞ୍ଚଳରେ ୭/୮ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଝାଡ଼ାବାନ୍ତିରେ ମୋଟ ୩ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଆସିଥିଲା। ତେବେ ସେମାନଙ୍କ ମଧ୍ୟରୁ ଜଣେ ଝାଡ଼ାବାନ୍ତିରେ ମରିଥିବା ସ୍ପଷ୍ଟ ହୋଇଥିବାବେଳେ ଅନ୍ୟ ଦୁଇ ଜଣଙ୍କ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। କଣାସ ବ୍ଲକ ଜାଗୁଲେଇପଦର ଗ୍ରାମରୁ ଜାନୁଆରୀ ୧୨ରେ ପ୍ରଥମେ ଏକ ଭୋଜିରୁ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ପରେ ଆଖପାଖ ୫ଟି ଗାଁକୁ ବ୍ୟାପିଛି। ବର୍ତ୍ତମାନ ସୁଦ୍ଧା ଏହି ଗାଁଗୁଡ଼ିକରୁ ୮୩ଜଣ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୬ଜଣ ସୁସ୍ଥ ହୋଇସାରିଛନ୍ତି। ଦୟା ନଦୀରୁ ଦୂଷିତ ଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡିଛି। ନମୁନା ପରୀକ୍ଷାରୁ ଇ-କୋଲି ବ୍ୟାକ୍ଟେରିଆ ଚିହ୍ନଟ ହୋଇଛି। ତେବେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଅଛି। ସେ ଅଞ୍ଚଳରେ ଭୁବନେଶ୍ୱରରୁ ୨ଟି ଟିମ୍ ସହ ସ୍ୱାସ୍ଥ୍ୟ ବିଭାଗର ମୋଟ ୮ଟି ଟିମ୍ ନିୟୋଜିତ ହୋଇଛନ୍ତି। ସେହିପରି ନଦୀର ସବୁଘାଟକୁ ସୁପର କ୍ଲୋରିନେଶନ ବା ବିଶୋଧନ କରାଯାଇ ସରକାରଙ୍କ ପକ୍ଷରୁ ବିଶୁଦ୍ଧ ଜଳ ଯୋଗାଇ ଦିଆଯାଉଛି।

### ଜଣଙ୍କର ମୃତ୍ୟୁ ହୋଇଛି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

### ଭୋଜିଭାତ ନ କରିବାକୁ ତହସିଲଦାରଙ୍କ ନିର୍ଦ୍ଦେଶ

କଣାସ ଅଞ୍ଚଳରେ ଝାଡ଼ାବାନ୍ତି ଲାଗି ରହିଥିବାବେଳେ ୪୨ଟି ଗ୍ରାମ ଦୟାନଦୀ ଜଳ ଉପରେ ନିର୍ଭର କରୁଛନ୍ତି । ଏହି ନଦୀ ଜଳକୁ କୌଣସି ଭୋଜିରେ ବ୍ୟବହାର ନ କରିବାକୁ କଣାସ ତହସିଲଦାର ହିମାଂଶୁ ଶେଖର ଗିରି ସମସ୍ତ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କଟକଣା ମାନୁନାହାନ୍ତି ଗ୍ରାମବାସୀ

ବ୍ଲକରେ ଝାଡ଼ାବାନ୍ତି ଲାଗିରହିଥିବା ଗ୍ରାମବାସୀ ନଦୀକୁ ନ ଯିବାକୁ ସରକାରୀ ଅଧିକାରୀ ପରାମର୍ଶ ଦେଇଥିଲେ। କିନ୍ତୁ ଜଳ ଅଭାବ ଯୋଗୁ ଗୋପୀନାଥପୁର ନଦୀତୁଠରେ ଅନେକ ବ୍ୟକ୍ତି ମଙ୍ଗଳବାର ଗାଧୋଉଥିବା ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୦ଟାରେ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉ ନ ଥିବାରୁ ଗ୍ରାମବାସୀ ବାଧ୍ୟହୋଇ ନିତ୍ୟକର୍ମ ନଦୀପାଣିରେ କରୁଥିବା କହିଥିଲେ।

## ଜିଲାପାଳ, ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପରିଦର୍ଶନ

କଣାସ,୨୧।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଗଡ଼ିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମରେ ୧୯ ଦିନ ହେଲା ଝାଡ଼ାବାନ୍ତି ଲାଗିରହିବା ଫଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅଞ୍ଚଳରେ ଝାଡ଼ାବାନ୍ତି ଥମୁନାହିଁ। ଫଳରେ ମଙ୍ଗଳବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର ମିଳିତ ଭାବେ ପ୍ରଥମେ ନୂଆଗାଁ ଓ ପରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାଗୁଲେଇପଦର ଗ୍ରାମକୁ ଯାଇଥିଲେ। ସେଠାରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କୁ କିପରି ଚିକିତ୍ସା କରାଯାଉଛି, ତାହା ପଚାରି ବୁଝିଥିଲେ। ନଦୀଜଳ ବିଷାକ୍ତ ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବାରୁ କେହି ନଦୀଜଳ ବ୍ୟବହାର ନ କରିବାକୁ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚିକିତ୍ସିତ ହେଉଥିବା ଝାଡ଼ାବାନ୍ତି ରୋଗୀଙ୍କୁ ଭେଟିବା ସହ କେହି ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ। ଝାଡ଼ାବାନ୍ତିରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କ ମୃତ୍ୟୁ ହୋଇଛି । କିନ୍ତୁ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ପର୍ଯ୍ୟନ୍ତ ୬ଟି ଗ୍ରାମର ୭୧ ଜଣ ଆକ୍ରାନ୍ତ ଥିବା ଜିଲା ମୁଖ୍ୟ ଚିକିତ୍ସକ ସୂଚନା ଦେଇଥିଲେ। ଅସ୍ଥାୟୀ ଭାବେ ନୂଆଗାଁ ଓ ଜାଗୁଲେଇପଦର ଗ୍ରାମରେ ୨ଟି ଚିକିତ୍ସା କେନ୍ଦ୍ର ଖୋଲାଯାଇଥିବାବେଳେ ୨ଟି ଆମ୍ବୁଲାନ୍ସ ମହଜୁଦ ରଖାଯିବା ସହ ୪ଟି ପାଟ୍ରୋଲିଂ ସ୍ୱାସ୍ଥ୍ୟ ଟିମ୍ ଗାଁକୁ ଗାଁ ବୁଲି ଚିକିତ୍ସା କରୁଛି। ତେବେ ମଙ୍ଗଳବାର ଯାମଳଗୋଦା ଓ ଗଡ଼ସାହି ପଞ୍ଚାୟତର ଦୟାବିହାର ଗ୍ରାମରେ ୫ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସନ୍ଧ୍ୟା ୬ଟାରେ ପବ୍ଲିକ୍ ହେଲ୍‌ଥ ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରମିଳା ଦେବୀ ନୂଆଗାଁ ଓ ଜାଗୁଲେଇପଦରରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ।



**ଆଜିଠୁ 'ଚତୁର୍ଦ୍ଦଶ ସର୍ବଭାରତୀୟ ଚଳଚ୍ଚିତ୍ର ମହୋତ୍ସବ'**

ଭୁବନେଶ୍ୱର, (ସୌମ୍ୟରଞ୍ଜନ ରାଉତ): ଭୁବନେଶ୍ୱର ଚଳଚ୍ଚିତ୍ର ଅନୁଷ୍ଠାନ ପକ୍ଷରୁ 'ଚତୁର୍ଦ୍ଦଶ ସର୍ବଭାରତୀୟ ଚଳଚ୍ଚିତ୍ର ମହୋତ୍ସବ' ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ବୁଧବାର ଆରମ୍ଭ ହେବ। ଏହା ୭ ଦିନ ଧରି ଚାଲିବ। ଏହି ଉତ୍ସବରେ ନିର୍ଦ୍ଦେଶକ ନୀରଦ ମହାପାତ୍ରଙ୍କ 'ମାୟା ମିରିଗ', ଗିରୀଶ କସାରଭାଲିଙ୍କ 'ଘଟଶ୍ରାଦ୍ଧ', ଅରିନ୍ଦମ ଶ୍ୟାମ ଶର୍ମାଙ୍କ 'ଇଶାନୁ' ଏବଂ ଜି.ଅରବିନ୍ଦନଙ୍କ 'ଥାମ୍ପ' ସମେତ ମୋଟ ୩୩ଟି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏଥିସହ ଅନେକ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ କଳାକାର ଯୋଗଦେବେ।

## ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରିବ ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର, ୨୧।୧(ବନ୍ଦନା ସେଠୀ)

ଆସନ୍ତା ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଥିବାବେଳେ ତାଙ୍କୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିରୋଧ କରାଯିବ। ଏନେଇ ମଙ୍ଗଳବାର ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ସୂଚନା ଦେଇଛନ୍ତି। ପୂର୍ବ ସରକାରଙ୍କ ଭଳି ଚଳିତ ସରକାରରେ ମଧ ମିଲରଙ୍କ ମନମାନି ଚାଲିଛି। ପ୍ରଧାନମନ୍ତ୍ରୀ ଏମ୍ଏସ୍ପି ସମ୍ବନ୍ଧରେ ୨୦୦୬ରେ ସ୍ୱାମୀନାଥନ କମିଟି ଦେଇଥିବା ପ୍ରସ୍ତାବକୁ ଲାଗୁ କରୁନାହାନ୍ତି। ସରକାର ଧାନ କୁଇଣ୍ଟାଲ ପିଛା ଅତି କମ୍‌ରେ ୧୦ ହଜାର ଟଙ୍କା ଏମ୍ଏସ୍ପି ଘୋଷଣା ସହ ୬୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମାସିକ ୫ହଜାର ଟଙ୍କା, ଚାଷୀଙ୍କୁ ସମସ୍ତ ଋଣ ଛାଡ଼ କରିବା, ରିଲିଫ କୋଡ୍‌କୁ ସଂଶୋଧନ କରି ଫସଲ କ୍ଷତି ଆଧାରରେ କ୍ଷତିପୂରଣ ଏବଂ ଆତ୍ମହତ୍ୟା କରିଥିବା ଚାଷୀଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ଆଦି ବିଭିନ୍ନ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଚାଷୀମାନେ ସରକାରଙ୍କୁ ଅସହଯୋଗ କରିବେ ବୋଲି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହସଂଯୋଜକ ନିମାଇଁ ରାୟ, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ କହିଛନ୍ତି।

# ସୃଜନଶୀଳତା ବୃଦ୍ଧି କରେ ନିଜ ଭାଷାରେ ପାଠପଢ଼ା

### ଓଡ଼ିଆ ଭାଷାରେ ଇଗ୍ନୋର ଏମ୍‌ବିଏ ପାଠ୍ୟପୁସ୍ତିକା ଉନ୍ମୋଚିତ

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)



କାର୍ଯ୍ୟକ୍ରମରେ ଅତିଥିମାନେ ଓଡ଼ିଆ ଏମ୍‌ବିଏ ପାଠ୍ୟପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

ପିଲାର ପଢ଼ିବା ଭାଷା ତା'ର ବୁଝିବା ଭାଷା ହେବା ଜରୁରୀ। ଅତିକମ୍‌ରେ ସେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ଭାଷାରେ ପଢ଼ିଲେ ତା' ମନରେ ପାଠପଢ଼ାକୁ ନେଇ କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ। ଏଥିସହ ସୃଜନଶୀଳତା ବୃଦ୍ଧିପାଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଏଆଇସିଟିଇ ସହଯୋଗରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଏମ୍‌ବିଏ ଅଧ୍ୟୟନ ପୁସ୍ତିକା ଓଡ଼ିଆ ଭାଷାରେ ଉନ୍ମୋଚନ କରିବା ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି।

ତୃଣମୂଳଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସବୁ ପାଠ୍ୟକ୍ରମ ଓଡ଼ିଆରେ କରାଯାଉଛି। ମାତୃଭାଷାରେ ନିଜ ଭାଷା, ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ଗୁରୁଦାୟିତ୍ୱ ରହିଛି। ଇଗ୍ନୋର ଏହି ପ୍ରୟାସ ବିଦ୍ୟାର୍ଥୀଙ୍କୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, ମାତୃଭାଷାର ପ୍ରଗତି ହେଲେ ହିଁ ସମାଜର ଉନ୍ନତି ହୋଇଥାଏ। ଓଡ଼ିଶାର ଉଚ୍ଚଶିକ୍ଷା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିହେଲା। ଭାରତରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷାର ଅଗ୍ରଗତିରେ ଏଆଇସିଟିଇର ଭୂମିକା ଅତୁଳନୀୟ ବୋଲି ସେ ପ୍ରକାଶ କରିଥିଲେ। ସେହିପରି କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସବୁ ବର୍ଗର ଲୋକେ ଇଗ୍ନୋରେ ପାଠ ପଢ଼ିବାର ସୁବିଧା ପାଇପାରୁଛନ୍ତି। ଓଡ଼ିଆ ଭାଷାରେ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଫଳରେ ବିଦ୍ୟାର୍ଥୀମାନେ ପାଠପଢ଼ି ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି. ଜି. ସୀତାରାମ ଏବଂ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଯୋଗଦେଇ ଓଡ଼ିଆ ଏମ୍‌ବିଏ ପାଠ୍ୟପୁସ୍ତିକାର ଓଡ଼ିଆ ଭାଷା ଉପରେ ମତ ରଖିଥିଲେ। ଇଗ୍ନୋ ମୁଖ୍ୟାଳୟ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ନୟନତାରା ପାଢ଼ୀ, ପ୍ରଫେସର ଏମ୍.ଏସ୍.ଏସ୍. ରାଜୁ ଏବଂ ପ୍ରଫେସର ରାଜୀବ ଶୁକ୍ଳ, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଡ. ସଂଘମିତ୍ରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜଣ୍ଟି


@ ସୁଶୀଲ


@ କମଳକୃଷ୍ଣ


@ ଦିନେଶ


@ ଦୁଃଶାସନ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଦୁବାଇରେ ଓଡ଼ିଶା ସ୍ଥପତିଙ୍କୁ ଅନ୍ତର୍ଜାତୀୟ ପୁରସ୍କାର



ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ଓଡ଼ିଶା ପାଇଁ ଇତିହାସ ରଚିଥିବା ଭୁବନେଶ୍ୱରର ଡିଜାଇନ ଗ୍ରୁପ୍ ରାଜ୍ୟର ପ୍ରଥମ ସ୍ଥାପତ୍ୟ ସଂସ୍ଥା ଭାବେ ସମ୍ମାନଜନକ ଗ୍ଲୋବାଲ ଆର୍କିଟେକ୍ଟ ବିଲ୍ଡର ଆୱାର୍ଡ -୨୦୨୫ ଅନ୍ତର୍ଜାତୀୟ ପୁରସ୍କାର ହାସଲ କରିଛି। ପବ୍ଲିକ୍ ବିଲ୍ଡିଂ ପାଇଁ ଶ୍ରେଷ୍ଠ ଆର୍କିଟେକ୍ଟ -୨୦୨୫ (ଓଡ଼ିଶା) ବର୍ଗରେ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ଭାରତର ପ୍ରଥମ ନେଟ୍ ପ୍ଲସ୍ ବିଲ୍ଡିଂର ଶିଳାନ୍ୟାସ ଡିଜାଇନକୁ ସ୍ୱୀକୃତି ପ୍ରଦାନ କରିଛି। ସେହି କୋଠା ହେଉଛି ରାୟପୁରସ୍ଥିତ ଛତିଶଗଡ଼ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ (ସିଏସ୍ଇଆର୍‌ସି)ର କାର୍ଯ୍ୟାଳୟ। ଦୁବାଇରେ ଆୟୋଜିତ ଏହି ସମାରୋହରେ ବିଶ୍ୱର ଅଗ୍ରଣୀ ସ୍ଥପତି, ବିଲ୍‌ଡର ଏବଂ ଶିଳ୍ପର ଅଗ୍ରଣୀମାନେ ଯୋଗଦେଇଥିଲେ। ଭାରତର ପ୍ରଥମ ନେଟ୍ ପ୍ଲସ୍ ବିଲ୍ଡିଂ ରାୟପୁରରେ ଥିବା ସିଏସ୍ଇଆର୍‌ସି କାର୍ଯ୍ୟାଳୟ କୋଠା ସ୍ଥାୟୀ ଡିଜାଇନ୍ ଏବଂ ଶକ୍ତି ଦକ୍ଷତାର ଏକ ଅଗ୍ରଣୀ ଉଦାହରଣ, ଯାହାକୁ ଖର୍ଚ୍ଚ ତୁଳନାରେ ଅଧିକ ଶକ୍ତି ଉତ୍ପାଦନ କରିବା ପାଇଁ ଡିଜାଇନ୍ କରାଯାଇଛି। ମୋଟ ୨୦୭୨.୫ ବର୍ଗ ମିଟର ଅଞ୍ଚଳରେ ବିସ୍ତାରିତ ଜି +୨ ଢାଞ୍ଚା ଭିନ୍ନ ଭିନ୍ନ ବୈଶିଷ୍ଟ୍ୟ ସହିତ ଡିଜାଇନ୍ କରାଯାଇଛି।

## ବାଗ୍‌ଚୀ କରୁଣାଶ୍ରୟ ମାନବ କଲ୍ୟାଣର ଅନନ୍ୟ ନିଦର୍ଶନ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଗ୍‌ଚୀ କରୁଣାଶ୍ରୟ ପାଲିଏଟିଭ କେଆର୍ ସେଣ୍ଟର୍ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର ଇନ୍‌ଫୋସିଟି-୨ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବାଗ୍‌ଚୀ କରୁଣାଶ୍ରୟ ପାଲିଏଟିଭ କେଆର୍ ସେଣ୍ଟର୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କେନ୍ଦ୍ର ହେଉଛି ମାନବୀୟ ଆଦର୍ଶର ଶ୍ରେଷ୍ଠ ଉଦାହରଣ ଏବଂ ଦାନ, ଦୟା ଓ କରୁଣାର ଏକ ମହାନ୍ ପ୍ରତିଫଳନ। ୧୧୦ ଶଯ୍ୟା ବିଶିଷ୍ଟ ପାଲିଏଟିଭ କେୟାର ସେଣ୍ଟର ଜରିଆରେ ମାଗଣାରେ ସେବା ଯୋଗାଇ ଦେବା ମାନବ କଲ୍ୟାଣର ଏକ ଅନନ୍ୟ ନିଦର୍ଶନ। ଅନ୍ୟତମ ଅତିଥିଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, ଭାରତରେ ଲୋକସେବାର ସବୁଠାରୁ ବଡ଼ ଆଦର୍ଶ ହେଉଛି ଏହି କରୁଣାଶ୍ରୟ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ମୃତ୍ୟୁ ସହ ସଂଗ୍ରାମ କରୁଥିବା କ୍ୟାନ୍‌ସର ରୋଗୀଙ୍କୁ ସେବା ଯୋଗାଇ ଦେବା ପାଇଁ ମହତ୍ ଉଦ୍ଦେଶ୍ୟ ରଖି ଏହି ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି। କାର୍ଯ୍ୟକ୍ରମରେ ବେଙ୍ଗାଲୁରୁ ହସପିସ୍ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଗୁରୁମିତ୍ ସିଂ ରାନ୍ଧୁଆ ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ବାବୁ ସିଂ, ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେଣ୍ଟରଟି ବାଙ୍ଗାଲୋର୍ ହସ୍‌ପିସ୍ ଟ୍ରଷ୍ଟ ଅନ୍ତର୍ଭୁକ୍ତ 'କରୁଣାଶ୍ରୟ' ଅନୁଷ୍ଠାନର ସହଯୋଗରେ ସୁସ୍ମିତା ବାଗ୍‌ଚୀ ଓ ସୁବ୍ରତ ବାଗ୍‌ଚୀଙ୍କ ଅନୁଦାନରେ ପ୍ରତିଷ୍ଠିତ ହୋଇଛି। ଏଠାରେ କର୍କଟ ରୋଗୀଙ୍କ ସେବା ନିଃଶୁଳ୍କ ଭାବେ କରାଯାଏ।

## ବିରୋଧ ସତ୍ତ୍ୱେ ହଟିଲା ଜବରଦଖଲ

ଭୁବନେଶ୍ୱର, ୨୧।୧ (ବନ୍ଦନା ସେଠୀ)

### ବିଧାୟକଙ୍କ ପାଇଁ ୨ଘଣ୍ଟା ବନ୍ଦ ରହିଲା ଉଚ୍ଛେଦ

ମଧ୍ୟନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିକୋପାର୍କ ଛକଠାରୁ ସାଇନ୍ସ ପାର୍କ ଛକ ପର୍ଯ୍ୟନ୍ତ ପ୍ରାୟ ୨ଶହ ଡେସିମିଲ୍ ସରକାରୀ ଜମିକୁ ଗୋଲାପ ନାମ୍ନୀ ଜଣେ ମହିଳା ଦୀର୍ଘଦିନ ହେବ ଜବରଦଖଲ କରି ରଖିଥିଲେ। ବିଏମ୍‌ସି ପକ୍ଷରୁ ରିକ୍ୱିଜିଶନ ଲେଟର ପଠାଯିବା ପରେ ମଙ୍ଗଳବାର ବିଡିଏ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦକୁ ବିରୋଧ କରି ସ୍ଥାନୀୟ ଦୋକାନୀମାନେ ପାଟିତୁଣ୍ଡ କରିଥିଲେ। ଘଟଣାସ୍ଥଳରେ ବିଧାୟକ ଅନନ୍ତ ନାରାୟଣ ଜେନା ପହଞ୍ଚି ଉଚ୍ଛେଦ ବନ୍ଦ କରିବାକୁ ଜିଦ୍ ଧରିଥିଲେ। ଫଳରେ ପ୍ରାୟ ୨ଘଣ୍ଟା ଧରି ଉଚ୍ଛେଦ ବନ୍ଦ ରହିଥିଲା। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଡିଏ ଅଧିକାରୀ, ବିଏମ୍‌ସିର ମଧ ଜେଡିସି, ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଏବଂ ବିଏମ୍‌ସିର ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ଫୋନ୍ କରି ଦୋକାନ କାହିଁକି ଉଚ୍ଛେଦ କରୁଛନ୍ତି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ତେବେ ବିଏମ୍‌ସି ପକ୍ଷରୁ ଉଠାଦୋକାନୀଙ୍କୁ ତୁରନ୍ତ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବ ବୋଲି ଡେପୁଟି କମିଶନର ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଘଟଣାସ୍ଥଳରେ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ସମ୍ପାଦକ ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଜବରଦଖଲ ଉଚ୍ଛେଦ କରିଥିଲା। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ଏସିପି ଏସ୍‌ଡି-ଭି ବିଶ୍ୱରଞ୍ଜନ ସେନାପତି, ଶହୀଦନଗର ଥାନା ଆଇଆଇସି ଏସ୍.ବି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିମ୍ନମାନର ନିର୍ମାଣ କାର୍ଯ୍ୟ ଗ୍ରହଣୀୟ ନୁହେଁ: ପୂର୍ବ ମନ୍ତ୍ରୀ



'ଅଶୀ ମହୋତ୍ସବ'ର ଉଦ୍‌ଯାପନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୨୧।୧ (ବନ୍ଦନା ସେଠୀ)

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ଆୟୋଜିତ 'ଅଶୀ ମହୋତ୍ସବ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଓଡ଼େଶା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ସଂଘ ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଡିପ୍ଲୋମା ଇଞ୍ଜିନିୟରମାନେ ବର୍ତ୍ତମାନର ପ୍ରଗତିଶୀଳ ସରକାରଙ୍କ ମାର୍ଗରେ କାର୍ଯ୍ୟ କରିବା ଆବଶ୍ୟକ। ୨୦୩୬ ସୁଦ୍ଧା ଓଡ଼ିଶାକୁ ଦେଶର ଏକ ନମ୍ବର ବିକଶିତ ରାଜ୍ୟ ଭାବେ ଗଢି ତୋଳିବାର ଲକ୍ଷ୍ୟ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଧାରା ହିଁ ସଫଳ କରିପାରିବ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ମନ୍ଥରତା କିମ୍ବା ନିମ୍ନମାନର କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ। ଏଥିପ୍ରତି ଡିପ୍ଲୋମା ଇଞ୍ଜିନିୟରମାନେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଡିପ୍ଲୋମା ଇଞ୍ଜିନିୟରଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସଂଘର ୭୯ତମ ବାର୍ଷିକ ସାଧାରଣ ସଭାରେ ଗୃହୀତ ୭ଦଫା ସମ୍ବଳିତ ଦାବିକୁ ଅତିଥିମାନଙ୍କ ଉପସ୍ଥିତିରେ ଘୋଷଣା କରାଯାଇଥିଲା। ପ୍ରାରମ୍ଭରେ ସଂଘ ଦ୍ୱାରା ସାଧାରଣ ଲୋକଙ୍କ ବ୍ୟବହାର ଲାଗି ସଂଘ ଭବନ ନିକଟରେ ସ୍ଥାପିତ ପାନୀୟଜଳ କିଓସ୍କକୁ ମୁଖ୍ୟ ଅତିଥି ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ପ୍ରଗତିବାଦୀର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ବାର୍ଷିକ ବିବରଣୀ ପାଠ ଏବଂ ଉପଦେଷ୍ଟା ଇଂ. ସଚିନ୍ଦ୍ର ମୋହନ ରାଉଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଇଂ. ସୁଦର୍ଶନ ବେହେରା ଧନ୍ୟବାଦ ଦେଇଥିଲେ।

## ହାଇୱା ଧକ୍କାରେ ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ବାଲିଅନ୍ତା,୨୧।୧(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ଖମଙ୍ଗ-ପ୍ରତାପରୁଦ୍ରପୁର ରାସ୍ତାର କାକରୁଦ୍ରପୁର ଛକରେ ମଙ୍ଗଳବାର ରାତି ୮ଟା ୩୦ ସମୟରେ ଏକ ହାଇୱା ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଗ୍ରାମର ଅମୂଲ୍ୟ କୁମାର ନାଥ (୫୬)। ବାଲିଅନ୍ତା ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅମୂଲ୍ୟ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବାବେଳେ ଖମଙ୍ଗ ଆଡୁ ଆସୁଥିବା ଏକ ହାଇୱା ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ପଡ଼ିଯିବାରୁ ହାଇୱାଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ଓ ଅନ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଜାରି ରଖିଛନ୍ତି। ଅମୂଲ୍ୟ ଜଣେ ଟ୍ରଲର ଡ୍ରାଇଭର ଥିବାବେଳେ ସେ ଗ୍ରାମର ଅନ୍ୟ ଜଣେ ଡ୍ରାଇଭରଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ।

## ଅଭିନେତ୍ରୀ କୁନି ମିଶ୍ରଙ୍କୁ 'ଅଜିତ ନାଟ୍ୟ ସମ୍ମାନ'



ଧରିତ୍ରୀ ଖବରଦାତା ବନ୍ଦନା ସେଠୀ ଏବଂ ଓଡ଼ିଶା ପୋଷ୍ଟ ଖବରଦାତା ବିଜୟ ମଣ୍ଡଳଙ୍କୁ 'ସାମ୍ବାଦିକ ସମ୍ମାନ'ରେ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୨୧।୧(ସୌମ୍ୟରଞ୍ଜନ ରାଉତ)

ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଏଟର୍ (ଅଜିତ୍)ର ରୌପ୍ୟ ଜୟନ୍ତୀ ଉତ୍ସବ ଏବଂ ୧୩ତମ ଅଜିତ ନାଟ୍ୟ ମହୋତ୍ସବ ତଥା ଜାତୀୟ ଥିଏଟର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା (ଏନ୍ଏସ୍‌ଡି) ଗ୍ରୁପ୍ ପକ୍ଷରୁ ହିନ୍ଦୀ ନାଟକ 'ଶିବରାତ୍ରି' ପରିବେଷଣ କରାଯାଇଛି। ନାଟକର କାହାଣୀ ଦ୍ୱାଦଶ ଶତାବ୍ଦୀରେ କର୍ଣ୍ଣାଟକର କଲ୍ୟାଣ ନଗରରେ ହୋଇଥିବା ଏକ ଆନ୍ତଃଜାତି ବିବାହ ଉପରେ କେନ୍ଦ୍ରିତ। ସେ ସମୟର କଠୋର ଜାତି ବ୍ୟବସ୍ଥା ଏବଂ ପାରମ୍ପରିକ ମାନଦଣ୍ଡକୁ ଏହା ଦୃଢ ଭାବେ ଆହ୍ୱାନ କରିଥିଲା। ପରମ୍ପରା ରକ୍ଷକ ନଗରର ମହାରାଜା ବିଜ୍ଜଳ ଏବଂ ସମାନତାର ଦୂରଦୃଷ୍ଟିଦାତା ମନ୍ତ୍ରୀ ବାସଭନ୍ନାଙ୍କ ମଧ୍ୟରେ ଥିବା ଆଦର୍ଶଗତ ସଂଘର୍ଷକୁ ଅତି ନିଖୁଣ ଭାବେ ନାଟକରେ ଚିତ୍ରଣ କରାଯାଇଥିଲା। ନାଟକରେ ଅଭୟ, ଅଖିଳେଶ, ଅର୍ପିତା, ଅଭିମନ୍ୟୁ ପ୍ରମୁଖ ଅଭିନୟ କରିଥିଲେ। ଅଭିନେତ୍ରୀ କୁନି ମିଶ୍ରଙ୍କୁ 'ଅଜିତ୍ ନାଟ୍ୟ ସମ୍ମାନ', ଧରିତ୍ରୀ ଖବରଦାତା ବନ୍ଦନା ସେଠୀ ଏବଂ ଓଡ଼ିଶା ପୋଷ୍ଟ ଖବରଦାତା ବିଜୟ ମଣ୍ଡଳଙ୍କୁ 'ସାମ୍ବାଦିକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ କାଦମ୍ବିନୀ ସମ୍ପାଦିକା ଇତି ସାମନ୍ତ, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର କର୍ପୋରେଟ୍ ବ୍ୟାପାର ବିଭାଗ ମୁଖ୍ୟ ସୁଧୀରଞ୍ଜନ ମିଶ୍ର, ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ପ୍ରୀତମ ପାଲ୍, ନାଟ୍ୟ ନିର୍ଦ୍ଦେଶକ ମାୟା ଦାସ ଯୋଗଦେଇ ଥିଲେ। କୈଳାସ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ୫୮ ରାଜସ୍ୱ ଗ୍ରାମରେ ୪୫ ଟିପି ସ୍କିମ୍ ପାଇଁ ପ୍ରସ୍ତୁତି

### ଟାଉନ୍ ପ୍ଲାନିଂ-୮ ସମ୍ବନ୍ଧିତ ଜନଶୁଣାଣି

ଭୁବନେଶ୍ୱର, ୨୧।୧ (ବନ୍ଦନା ସେଠୀ)



ଜନଶୁଣାଣିରେ ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାଏକ ଏବଂ ଅନ୍ୟମାନେ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ପ୍ରସ୍ତାବିତ ଟାଉନ୍ ପ୍ଲାନିଂ-୮ (ଟିପି) ସହର ଯୋଜନା ପରିକଳ୍ପନା ନେଇ ମଙ୍ଗଳବାର ଅନ୍ଧାରୁଆ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଏ କର୍ତ୍ତୃପକ୍ଷ ଏବଂ ସରକାରୀ ଅଧିକାରୀଙ୍କ ସହ ଅନ୍ଧାରୁଆ, ଦାସପୁର ଗ୍ରାମ ସମୂହର ଜମିମାଲିକ ଉପସ୍ଥିତ ଥିଲେ। ସହରର ଉନ୍ନତି ପାଇଁ କର୍ତ୍ତୃପକ୍ଷଗଣ ପ୍ରସ୍ତାବିତ ପ୍ରକଳ୍ପର ରୂପରେଖ ବର୍ଣ୍ଣନା କରିଥିବାବେଳେ ଲୋକେ ଏହାକୁ ଅଧିକ ସୁଗମ କରିବା ନେଇ ପରାମର୍ଶ ଦେବା ସହ ନିଜ ସମସ୍ୟା ଜଣାଇଥିଲେ। ଏହି ଯୋଜନାର ଏକ ପ୍ରମୁଖ ଅଂଶ ଭାବେ ସମୁଦାୟ ୫୮ଟି ରାଜସ୍ୱ ଗ୍ରାମରେ ୪୫ଟି ଟିପି ସ୍କିମକୁ କାର୍ଯ୍ୟକାରୀ କରିବା ନେଇ ବିଡିଏ ଭିତ୍ତିଭୂମି ପ୍ରସ୍ତୁତ କରୁଛି। ଏହାଦ୍ୱାରା ଜମି ଅଧିଗ୍ରହଣର ଆବଶ୍ୟକତାକୁ ହ୍ରାସ କରାଯିବା ସହ ଆଖପାଖ ସହରାଞ୍ଚଳରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରାଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଟିପିର ଡେପୁଟି କମିଶନର ଭବତରଣ ସାହୁ ଟାଉନ୍ ପ୍ଲାନିଂ ଯୋଜନାର ଉଦ୍ଦେଶ୍ୟ ସହିତ ଜମି ଅଧିଗ୍ରହଣ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ସମୁଦାୟ ୯ଟି ମୌଜା ଅନ୍ତର୍ଗତ ଶାହାଜାପୁର, ନାରାଗୁଡା, ପାଇକରାପୁର, ନୂଆଗାଁ, ତମାଣ୍ଡୋ, ବିଜିପୁର, ସିଜୁପୁଟ ଆଦି ଅଞ୍ଚଳରେ ସରିଥିବା ଟିପି ଯୋଜନା ୧, ୨, ୩ ଓ ୪ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସେହିପରି ସମ୍ପୃକ୍ତ ଅଞ୍ଚଳ ଦେଇ ଚାଲିଥିବା ରିଂ-ରୋଡ୍, ଓଡିଏ ଆକ୍ଟ-୧୯୮୨ ଅନୁଯାୟୀ ୨୦୨୪ ଜାନୁଆରୀ ୩୦ରେ ପ୍ରସ୍ତୁତ ହୋଇଥିବା ଟିପି-୮ ସ୍କିମ୍‌ର ପ୍ରସ୍ତାବିତ ପ୍ରକଳ୍ପ ଏବଂ ଏଥିପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସାହୁ ସୂଚନା ଦେଇଥିଲେ। ଟିପି ଯୋଜନା ଅଧୀନରେ ଜମି ମାଲିକମାନେ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ସେମାନଙ୍କର ୪୦% ଜମି ହସ୍ତାନ୍ତର କରିବେ, ବଳକା ୬୦% ଜମି ମହଜୁଦ ରହିବ। ଯୋଜନାରେ ଅନ୍ତର୍ଭୁକ୍ତ ଜମିଗୁଡ଼ିକରେ ଡ୍ରେନେଜ, ଜଳ ଯୋଗାଣ, ସ୍ୱେରେଜ ଓ ବିଦ୍ୟୁତ ସଂଯୋଗ ସହିତ ସର୍ବନିମ୍ନ ୯ ମିଟର ଓସାର ରାସ୍ତା ରହିବ। ଅନୁରୂପ ଭାବେ ୨୦୧୦ ସିଡିପି ଅନୁଯାୟୀ, ଭୁବନେଶ୍ୱରର ବିକଶିତ ଅଞ୍ଚଳରେ ସମୁଦାୟ ୬୪.୦୯ କି.ମି.ର ରିଂ-ରୋଡ୍ ନେଇ ପ୍ରସ୍ତାବ ରହିଛି। ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ଲ୍ୟାଣ୍ଡ ଅଫିସର ସିପକ କୁମାର ପାତ୍ର, ଉପଜିଲାପାଳ ମନୋରଞ୍ଜନ ସାହୁ, ବିଡିଓ ଦେବୀପ୍ରସାଦ ମହାନ୍ତି ଏବଂ ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଗବିହନ ବଣ୍ଟନ କାର୍ଯ୍ୟକ୍ରମ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ବାରଦାଠାରେ ମୁଗବିହନ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ବାହାର ରାଜ୍ୟରୁ ଡାଲି ଆମଦାନୀ କମ୍ କରିବା ପାଇଁ କଟକ ସଦର ଅଞ୍ଚଳବାସୀ ବହୁଳ ଭାବେ ମୁଗଚାଷ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆତ୍ମାର ସଭାପତି ରମାରଞ୍ଜନ ବିଶ୍ୱାଳ, ବାରଦା ସରପଞ୍ଚ ନିରୋଜା ନଳିନୀ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ସାଧୁ ଜେନା, ବିରଞ୍ଚି କୁମାର ପଣ୍ଡା, ଓସଏ କଟକ ଜିଲା ସଂଯୋଜକ ରଜନୀକାନ୍ତ ରଥ, ସହକାରୀ କୃଷି ଅଧିକାରୀ ମୋନାଲିସା ବେହେରା ଯୋଗଦେଇଥିଲେ। ସଂଯୋଜକ ଦୀପକ କୁମାର ମଣ୍ଡଳ, ପ୍ରିୟରଞ୍ଜନ ନାୟକ, ଚାଷୀ ଅରୂପ ଦତ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ କୃଷି ଅଧିକାରୀ ଜାଫନା ରାୟ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଖାଲି ଆଖିରେ ଦେଖାଯିବ ୪ ଗ୍ରହ

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ଖାଲିଆଖିରେ ଦେଖିହେବ ୪ଟି ଗ୍ରହ। ସୂର୍ଯ୍ୟଙ୍କ ଚାରିପଟେ ବୁଲୁଥିବା ୮ଟି ଗ୍ରହ ମଧ୍ୟରୁ ଶୁକ୍ର, ମଙ୍ଗଳ, ବୃହସ୍ପତି ଏବଂ ଶନି ଗ୍ରହ ଜାନୁଆରୀ ୩୧ ପର୍ଯ୍ୟନ୍ତ ଖାଲି ଆଖିରେ ଦେଖାଯାଇ ପାରିବେ। ପଶ୍ଚିମ ଦିଗ୍‌ବଳୟର କିଛି ଉପରେ ଉଜ୍ଜ୍ୱଳ ଶୁକ୍ର ଗ୍ରହ ଦେଖାଯାଉଥିବାବେଳେ ତା'ର କିଛି ତଳକୁ ଈଷତ୍ ହଳଦୀ ରଙ୍ଗର ଶନି ଗ୍ରହ ଦେଖାଯିବ। ପୂର୍ବ ଦିଗ୍‌ବଳୟରେ ମଙ୍ଗଳ ଗ୍ରହ ଓ ମୁଣ୍ଡ ଉପରେ ଥିବା ଉଜ୍ଜ୍ୱଳ ବୃହସ୍ପତି ଗ୍ରହ ଦେଖିବାକୁ ମିଳିବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ରାତି ବଢ଼ିବା ସହ ଏହି ଗ୍ରହଗୁଡ଼ିକ ଘଣ୍ଟାକୁ ୧୫ ଡିଗ୍ରୀ ବେଗରେ ପୂର୍ବରୁ ପଶ୍ଚିମ ଆଡ଼କୁ ଗତି କରି କ୍ରମାନ୍ୱୟରେ ଅସ୍ତ ହେବେ। ରାତି ୮ଟା ୩୦ ବେଳକୁ ପ୍ରଥମେ ଶନି ଓ ପରେ ଶୁକ୍ର ଗ୍ରହ ଅସ୍ତ ହେବେ। ସେହିପରି ଫେବୃଆରୀ ୨୮ ତାରିଖ ଭୋର ସମୟରେ ଏଭଳି ଗ୍ରହ ସମାବେଶ ଦେଖିବାକୁ ମିଳିବ। ଗ୍ରହମାନଙ୍କର ଏହି ସମାବେଶକୁ '୪ ପ୍ୟାନେଟ ପରେଡ୍' କୁହାଯାଏ। ଏହି ସୁନ୍ଦର ମହାଜାଗତିକ ଦୃଶ୍ୟ ମେଘମୁକ୍ତ ଥିବା ଭାରତ ତଥା ଓଡ଼ିଶାର ସବୁ ଅଞ୍ଚଳରେ ଖାଲି ଆଖିରେ ଦେଖିହେବ। ଏହାର କୌଣସି ପ୍ରଭାବ କାହା ଉପରେ ପଡ଼ିବ ନାହିଁ ବୋଲି ପଟ୍ଟନାୟକ କହିଛନ୍ତି।

## ମମତା ଭାଜପା ଚୌଦ୍ୱାର ମଣ୍ଡଳ ସଭାନେତ୍ରୀ

ଚୌଦ୍ୱାର,୨୧।୧(ଆଶୁତୋଷ ଦାସ)



ଭାଜପା ଚୌଦ୍ୱାର ମଣ୍ଡଳର ନୂତନ ସଭାପତି ଭାବେ ମମତା ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। କଟକ ଜିଲାର ବିଭିନ୍ନ ମଣ୍ଡଳ ସଭାପତି ପାଇଁ ହୋଇଥିବା ନିର୍ବାଚନରେ ଚୌଦ୍ୱାର ମଣ୍ଡଳ ସଭାପତି ଭାବେ ମମତା ନିର୍ବାଚିତ ହୋଇଛନ୍ତି। ସେ ପୂର୍ବରୁ ଚୌଦ୍ୱାର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ଜିଲା ସଭାପତି ରାମନାରାୟଣ ମହାନ୍ତି ଓ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁଙ୍କୁ ଦଳର ମଣ୍ଡଳ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଛି।

## ଜିଲାପାଳଙ୍କୁ ସମସ୍ୟା ଜଣାଇଲେ କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତା

କଟକ, ୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଶାନ୍ତି କମିଟିର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ତାଙ୍କ ଘରୋଇ କାର୍ଯ୍ୟାଳୟରେ ସାକ୍ଷାତ୍ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ କମିଟି ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଲୋଚନାବେଳେ କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଚୌଧୁରୀ, ସାଧାରଣ ସମ୍ପାଦକ ଭିକାରି ଦାସ, ସଙ୍ଗଠନ ସମ୍ପାଦକ ଦେବାଶିଷ ରାୟ ଓ କୋଷାଧ୍ୟକ୍ଷ ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





ପରାକ୍ରମ ଦିବସ ପାଳନ ପାଇଁ କଟକ ସତ୍ୟବ୍ରତ ଷ୍ଟାଡିୟମରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକାକୃତୀ। ଏଡିଜି ଆନନ୍ଦ ମଧୁକର ଓ ଅନ୍ୟ ଅଧିକାରୀ ଷ୍ଟାଡିୟମ୍‌ରେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ଭାସ୍କର୍ଯ୍ୟକଳା ବଖାଣିବ ନେତାଜୀଙ୍କ ଜୀବନୀ

- ୨୩ରୁ ପରାକ୍ରମ ଦିବସ ପାଳନ
- ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କଲେ ଏଡିଜି

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସତ୍ୟବ୍ରତ ଷ୍ଟାଡିୟମରେ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରଥମଥର ପାଇଁ ପରାକ୍ରମ ଦିବସ ପାଳନ କରାଯିବ। ଏଥିପାଇଁ ସତ୍ୟବ୍ରତ ଷ୍ଟାଡିୟମରେ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଏଡିଜି ଆନନ୍ଦ ମଧୁକର, ସଂସ୍କୃତି ବିଭାଗର ଯୁଗ୍ମସଚିବ ଗୁରମିତ୍ ସିଂ ଚାୱଲାଙ୍କ ସମେତ ଅନ୍ୟ ଅଧିକାରୀ ସତ୍ୟବ୍ରତ ଷ୍ଟାଡିୟମରେ ମଙ୍ଗଳବାର ପହଞ୍ଚି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଷ୍ଟାଡିୟମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭାସ୍କର୍ଯ୍ୟ କଳାକୃତି ପ୍ରଦର୍ଶନ କରାଯିବ। ସ୍କଲପ୍ଟର ଆର୍ଟ, ଷ୍ଟୋନ୍ ଆର୍ଟ, ସ୍କ୍ରଲ ପେଣ୍ଟିଂ, ସ୍କ୍ରାପ ମ୍ୟାଟେରିଆଲ ଓ ମଲ୍ଟି ମିଡ଼ିଆ ଆର୍ଟ ଭଳି ବିଭିନ୍ନ କଳାକୃତି କରାଯାଇଛି। ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଏହି କଳାକୃତି ଏକାଡ଼େମୀର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଏକାଡ଼େମୀର ଆଞ୍ଚଳିକ ସଚିବ ରାମକୃଷ୍ଣ ବେଦାଲାଙ୍କ ନେତୃତ୍ୱରେ ତିଆରି କରାଯାଇଛି। ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ୫ ଫୁଟ୍ ଲମ୍ବ ଓ ୩



ଫୁଟ୍ ଚଉଡ଼ାର କ୍ଲେ ମଡ଼େଲିଂ ଓ ଫାଇବର କାଷ୍ଟରେ ନେତାଜୀଙ୍କ ସ୍କଲପ୍ଟର ତିଆରି କରିଛନ୍ତି। ସେହିପରି ଶିଳ୍ପୀ ଜୟନ୍ତ ଦାସ ଓ ଚନ୍ଦନ ସାମଲ ୪ ଫୁଟ୍ ଉଚ୍ଚତା ବିଶିଷ୍ଟ ପଥରରେ ନେତାଜୀଙ୍କ କଳାକୃତି ତିଆରି କରିଛନ୍ତି। ଶିଳ୍ପୀ ନିତ୍ୟାନନ୍ଦ ଓଝା ମଲ୍ଟି ମିଡ଼ିଆ ଭାସ୍କର୍ଯ୍ୟ ତିଆରି କରିଥିବାବେଳେ ପ୍ରତାପ ଜେନା ୪ ଫୁଟ୍ ଉଚ୍ଚତାର ସ୍କ୍ରାପ୍ ମ୍ୟାଟେରିଆଲ ଭାସ୍କର୍ଯ୍ୟକୁ ତିଆରି କରିଛନ୍ତି। ଏଥିସହ ୨୦ ଜଣ ଶିଳ୍ପୀଙ୍କ ଦ୍ୱାରା ୬ଫୁଟ୍ ଲମ୍ବ ଓ ୩୦ ଫୁଟ୍ ଚଉଡ଼ା ବିଶିଷ୍ଟ ସ୍କ୍ରଲ୍ ପେଣ୍ଟିଂ କରାଯାଇଛି। ପ୍ରାୟ ୭ ଦିନ ହେବ ଶିଳ୍ପୀମାନେ ନେତାଜୀଙ୍କ କଳାକୃତି ତିଆରି କରୁଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହି କଳାକୃତିଗୁଡିକ ସତ୍ୟବ୍ରତ ଷ୍ଟାଡିୟମରେ ସ୍ଥାନିତ କରାଯାଇଥିବା ଶିଳ୍ପୀ ରବି ନାରାୟଣ ରଥ ସୂଚନା ଦେଇଛନ୍ତି।

## କାନ୍‌ଭାସ୍‌ରେ ନେତାଜୀଙ୍କ ଜୀବନ କାହାଣୀ

# ଚିତ୍ରକଳା ଶିବିର ଉଦ୍‌ଘାଟିତ

କଟକ,୨୧।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ କାହାଣୀକୁ ନେଇ କାନ୍‌ଭାସ୍ ଚିତ୍ରକଳା ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଧର୍ମପଦ ପୁରସ୍କାରପ୍ରାପ୍ତ ମହେନ୍ଦ୍ର ପ୍ରସାଦ ମହାପାତ୍ର ଓ ଓଡ଼ିଶା ଲଳିତକଳା ଏକାଡେମୀର ପୂର୍ବତନ ସଚିବ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଚିତ୍ର ମାଧ୍ୟମରେ ନେତାଜୀଙ୍କ ଜୀବନ କାହାଣୀକୁ ସର୍ବସମ୍ମୁଖରେ ଉପସ୍ଥାପନା କରାଯିବା ଖୁବ୍ ପ୍ରଶଂସନୀୟ। ଏହି ଶିବିର ଦ୍ୱାରା ଯୁବ ଚିତ୍ରଶିଳ୍ପୀ ଉତ୍ସାହିତ ହେବେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ଜିଲା ସଂସ୍କୃତି ଅଧିକାରୀ



ନେତାଜୀ ସଂଗ୍ରହାଳୟଠାରେ ଅନୁଷ୍ଠିତ ଶିବିରରେ ଜଣେ ଶିଳ୍ପୀ ଚିତ୍ର ଆଙ୍କୁଛନ୍ତି।

ନଳିନୀକାନ୍ତ ସାହୁ, ବରିଷ୍ଠ ଶିଳ୍ପୀ ଗୌରାଙ୍ଗ ବାରିକି ଯୋଗଦେଇଥିଲେ। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନେତାଜୀ ସଂଗ୍ରହାଳୟ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୨୦ ଜଣ ଯୁବ ଚିତ୍ରଶିଳ୍ପୀ ଯୋଗଦେଇ ନେତାଜୀଙ୍କ ଜୀବନ କାହାଣୀକୁ କାନ୍‌ଭାସ୍‌ରେ ଆଙ୍କିଛନ୍ତି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ୨୩ ତାରିଖରେ ଏକ ଚିତ୍ରକଳା ପ୍ରଦର୍ଶନୀ କରାଯିବ। ଏନେଇ ଚିତ୍ରଶିଳ୍ପୀ ସଂଯୁକ୍ତାରାଣୀ ଦାସ କହିଛନ୍ତି, ୧୦ ବର୍ଷ ହେବ କାନ୍‌ଭାସ୍‌ରେ ଚିତ୍ର ଅଙ୍କନ କରୁଛି। ପ୍ରଥମଥର ନେତାଜୀ ସଂଗ୍ରହାଳୟରେ ଚିତ୍ର ଆଙ୍କିବା ନେଇ ସୁଯୋଗ ପାଇଛି। ବିଶେଷକରି ନେତାଜୀଙ୍କ ମୃତ୍ୟୁ ରହସ୍ୟକୁ ନେଇ ଚିତ୍ର ଆଙ୍କିଛି। ସେହିପରି ଚିତ୍ରଶିଳ୍ପୀ ଜିତେନ୍ଦ୍ର କୁମାର ଭଞ୍ଜ କହିଛନ୍ତି, ପ୍ରଥମଥର ଏହି ଶିବିରରେ ଯୋଗଦେଇ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜ ଲୋଗୋ ସମେତ ଅନ୍ୟାନ୍ୟ ଚିତ୍ର ଅଙ୍କନ କରିଛି। ଚିତ୍ରଶିଳ୍ପୀ ସ୍ମିତାପ୍ରଜ୍ଞା ବେହେରା କହିଛନ୍ତି, ନେତାଜୀଙ୍କ ଜୀବନୀକୁ ପ୍ରଥମଥର ଚିତ୍ର ମାଧ୍ୟମରେ ଉପସ୍ଥାପନ କରିବାର ସୁଯୋଗ ପାଇଛି। ସେହିପରି ଚିତ୍ରଶିଳ୍ପୀ ରାଜେଶ କୁମାର ନାୟକ କହିଛନ୍ତି, ନେତାଜୀଙ୍କ ଗ୍ରେଟ୍ ଏସ୍‌କେପ୍ ସମୟର ଚିତ୍ର ଆଙ୍କିଛି। ଚିତ୍ରଶିଳ୍ପୀଙ୍କୁ ଏଭଳି ସୁଯୋଗ ଦେଇଥିବାରୁ ଓଡ଼ିଶା ଲଳିତକଳା ଏକାଡେମୀକୁ ଧନ୍ୟବାଦ ଜଣାଉଛି।




କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ମହାରାଷ୍ଟ୍ରର ଧ୍ରୁବ ଗ୍ଲୋବାଲ ସ୍କୁଲ ପକ୍ଷରୁ ପରିବେଷିତ ଲୋକନୃତ୍ୟ।



@ ଜଷ୍ଟି



@ ସୁଶୀଲ



@ କମଳକୃଷ୍ଣ



@ ଦିନେଶ



@ ଦୁଃଶାସନ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଖୁଣ୍ଟୁଣୀ,୨୧।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ପଞ୍ଚାୟତ ସଡ଼କ ସାହି ଆଦିବାସୀ ବସ୍ତିର ଏକ ଘରୁ ମଙ୍ଗଳବାର ଅପରାହ୍ନରେ ମୀନା ସମରାଇ ନାମ୍ନୀ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡ଼ାକ୍ତରଖାନା ପଠାଇ ଦିଆଯାଇଛି। ସଡ଼କ ସାହିର ବଳରାମ ସମରାଇ ବାହାରେ ରହି କାମ କରନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ଖବର ସମ୍ପର୍କରେ ସେ ଜାଣିବା ପରେ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଫୋରେନ୍‌ସିକ୍ ଟିମ୍ ସହିତ ପହଞ୍ଚି ତଦନ୍ତ କରିଥିଲା। ଏନେଇ ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି, ବଳରାମ ଏତଲା ଦେଇଥିଲେ ମଧ୍ୟ ମୀନାଙ୍କ ବାପଘର ଲୋକଙ୍କ ଏତଲାକୁ ଆଧାର କରି ମାମଲା ରୁଜୁ ହେବ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଚୌଦ୍ୱାର,୨୧।୧(ଆଶୁତୋଷ ଦାସ)

ଚୌଦ୍ୱାର ମଧ୍ୟଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଦାବିରେ ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ସୋମବାର ଜାତୀୟ ରାଜପଥ ପ୍ରାଧିକରଣର ଢ଼େଙ୍କାନାଳସ୍ଥିତ ଅଫିସ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ହେଲେ ସୋମବାର ରାତିରେ ଠିକା ସଂସ୍ଥା ଏମ୍‌ଏସ୍‌ଆଇଏଲ୍‌ର ସୁଜିତ୍ କୁମାର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ସୁଜିତ୍ ସ୍ୱାଇଁ, ଶିବପ୍ରସାଦ ପଣ୍ଡା, ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ବି.କେ. ସିଂ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ସେମାନେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଓ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ରାସ୍ତାରେ ଖାଲ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତୁରନ୍ତ ରାସ୍ତା ମରାମତି ପାଇଁ ମଞ୍ଚର ସଦସ୍ୟ ଓ ଚୌଦ୍ୱାର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ହେଲେ ରାସ୍ତା ମରାମତି ବିଳମ୍ବ ହେବାରୁ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା।

# ବାଂଲାଦେଶୀ ନାବାଳିକା ଯୌନ ନିର୍ଯାତନା ମାମଲା: ୨ ମୁଖ୍ୟ ଅଭିଯୁକ୍ତ ଗିରଫ

କଟକ,୨୧।୧(କାର୍ତ୍ତିକ ସାହୁ)

ବାଂଲାଦେଶୀ ନାବାଳିକା ଯୌନ ନିର୍ଯାତନା ମାମଲାରେ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ମଧୁପାଟଣା ପୋଲିସ ଗିରଫ କରିଛି। ସେମାନେ ହେଲେ ଗୋପୀ ଓରଫ ରଜନୀକାନ୍ତ ବେହେରା, ଡି. ଶିବ କୁମାର ଦୋରା। ଏହି ମାମଲାରେ ପୂର୍ବରୁ ୪ ଜଣ ଗିରଫ ହୋଇଛନ୍ତି। ତେବେ ଉକ୍ତ ଘଟଣା ପଛରେ ଏକ ର୍‍ୟାକେଟ୍ କାମ କରୁଛି ଓ ଆହୁରି ଅନେକ ଲୋକ ଏଥିରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ବାଂଲାଦେଶୀ ନାବାଳିକାଙ୍କୁ ଭାରତରେ ଚାକିରି ଦେବାର ଲୋଭ ଦେଖାଇ ଦୁଇ ଜଣ ଦଲାଲ ପଶ୍ଚିମବଙ୍ଗ ବାଟ ଦେଇ ଓଡ଼ିଶା ଆଣିଥିଲେ। ସେମାନେ ନାବାଳିକାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରିଥିବା ଅଭିଯୋଗ ହେବା ପରେ ପୋଲିସ ଘଟଣାର ଖୋଳତାଡ଼ କରିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ଗତ ନଭେମ୍ବର ୯ ତାରିଖରେ ୫ ଜଣ ଦଲାଲଙ୍କ ବିରୋଧରେ ମଧୁପାଟଣା ଥାନାରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ମହିଳା ମାଷ୍ଟରମାଇଣ୍ଡ ବାରିପଦାରୁ ଗିରଫ ହୋଇଥିଲେ। ସମ୍ପୃକ୍ତ ମହିଳା ଅଭିଯୁକ୍ତ ନାବାଳିକାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରୁଥିବା ଜଣାପଡ଼ିଥିଲା। ପୋଲିସ ଏହି ମାମଲାରେ ଅଧିକ ତଥ୍ୟ ପାଇବା ପାଇଁ ମହିଳାଙ୍କ ଟିଆଇ ପରେଡ କରିଥିଲା। ଏଥିସହ ବାଂଲାଦେଶ ହାଇକମିଶନରଙ୍କୁ ନାବାଳିକାଙ୍କ ସଂକ୍ରାନ୍ତରେ ଚିଠି ଲେଖିଥିଲା। ଅପରପକ୍ଷରେ ଏବେ ନାବାଳିକା ଜଣଙ୍କ ପୋଲିସ ତତ୍ତ୍ୱାବଧାନରେ କଟକରେ ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କୁ ବାଂଲାଦେଶ ପଠାଯିବ ବୋଲି କଟକ ଡିସିପି ଜଗମୋହନ ମୀନା କହିଛନ୍ତି।

ଗତ ଅକ୍ଟୋବରରେ ସମ୍ପୃକ୍ତା ନାବାଳିକା ଚାକିରି ଖୋଜୁଥିବାବେଳେ ଜଣେ ବାଂଲାଦେଶୀ ଯୁବକଙ୍କ ସହ ଫେସ୍‌ବୁକ୍‌ରେ ତାଙ୍କର ବନ୍ଧୁତା ହୋଇଥିଲା। ସେ ନାବାଳିକାଙ୍କୁ ଚାକିରି ଦେବାକୁ କହି ପ୍ରଥମେ କୋଲକାତା, ପରେ ଭୁବନେଶ୍ୱର ଓ ଶେଷରେ କଟକରେ ଆଣି ରଖିଥିଲେ। ଭୁବନେଶ୍ୱରର ଏକ ମସାଜ ପାର୍ଲରରେ କିଛିଦିନ କାମ କରିବା ପରେ ନାବାଳିକାଙ୍କୁ ମାଲିକ ଦରମା ଦେଇ ନ ଥିବା ଜଣାପଡ଼ିଥିଲା। ତେବେ ପୂରା ଘଟଣାକୁ ଗୁରୁତର ସହ ଗ୍ରହଣ କରି ପୋଲିସ ପଦକ୍ଷେପ ନେଇଛି। ଏତେ ପୀଡ଼ିତାଙ୍କ ପରିବାର ଲୋକଙ୍କ ନିବେଦନ କ୍ରମେ ତାଙ୍କୁ ବାଂଲାଦେଶ ପଠାଯିବାକୁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି କଟକ ଡିସିପି ମୀନା।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ପ୍ରସ୍ତୁତି

# ମୁଖ୍ୟମନ୍ତ୍ରୀ ପତାକା ଉତ୍ତୋଳନ କରିବେ

କଟକ,୨୧।୧(କାର୍ତ୍ତିକ ସାହୁ)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଡ଼ାନାସୀ ମିନି ଷ୍ଟାଡିୟମରେ ପ୍ରଥମ ଅଭ୍ୟାସ ପରେଡ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୩ଟି ଦଳ ଅଂଶଗ୍ରହଣ କରିଥିଲେ। ୨୨ ତାରିଖ ଏବଂ ୨୪ ତାରିଖ ଅଭ୍ୟାସ ପରେଡ୍ ପରେ ଚୂଡ଼ାନ୍ତ ଦଳ ଘୋଷଣା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ବିଡ଼ାନାସୀ ମିନି ଷ୍ଟାଡିୟମଠାରେ ପାଳନ କରାଯିବ।



ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଡ଼ାନାସୀ ଖେଳ ପଡ଼ିଆରେ ପରେଡ ଅଭ୍ୟାସ କରାଯାଉଛି।

**ବିଡ଼ାନାସୀ ମିନି ଷ୍ଟାଡିୟମର ପ୍ରଥମ ପରେଡ୍ ଅଭ୍ୟାସ**

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପୋ ବରିଷ୍ଠ ଅଧିକାରୀଙ୍କ ସହ ଷ୍ଟାଡିୟମ ପରିଦର୍ଶନ କରି ସମସ୍ତ ପ୍ରଶାସନିକ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବିଶେଷକରି ଅସ୍ଥାୟୀ ଷ୍ଟେଜ୍ ନିର୍ମାଣ, ବ୍ୟାରିକେଡ୍, ଆଶୁ ଚିକିତ୍ସା, ପାନୀୟଜଳ ବ୍ୟବସ୍ଥା ଆଦି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଚଳିତବର୍ଷ ବାରବାଟୀ ଷ୍ଟାଡିୟମରେ ନ ହୋଇ ନୂତନ ସ୍ଥାନରେ ଏହି ଦିବସ ପାଳନ ହେଉଥିବାରୁ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଆବଶ୍ୟକ ସମନ୍ୱୟ ରକ୍ଷା ପୂର୍ବକ ସମସ୍ତ କାର୍ଯ୍ୟ ଯଥା ସମୟରେ ଶେଷ କରିବାକୁ ଅଧିକାରୀ, ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଦେଶୀମଦ ଜବତ, ୨ ଗିରଫ

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ୨ ଜଣଙ୍କଠାରୁ ୮୮ ଲିଟର ଦେଶୀମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଜିଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡି କହିଛନ୍ତି।

## ସଂକ୍ଷେପରେ

### ଚୋରି ବାଇକ୍ ଜବତ: ଅଭିଯୁକ୍ତ ଗିରଫ

ଜଟଣୀ,୨୧।୧(ରବୀନ୍ଦ୍ରନାଥ ମହାକୁଡ଼)

ବାଇକ୍ ଚୋରି ଘଟଣାରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଜଙ୍କିଆ ଥାନା ଅଧୀନ ଚମ୍ପାଝର ଅଞ୍ଚଳର ବାବନ ମହାପାତ୍ର(୫୩)। ତାଙ୍କ ନିକଟରୁ ଚୋରି ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୮/୨୫) ରୁଜୁ ହୋଇଛି। ସୂଚନା ମୁତାବକ, ଗତ ୧୭ ତାରିଖରେ ଦୁର୍ଗାମାଧବ ହରିଚନ୍ଦନ ତାଙ୍କ ବାଇକ୍‌ଟିକୁ ଜଟଣୀ ତହସିଲ କାର୍ଯ୍ୟାଳୟ ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସର ଜେରକ୍ସ ଦୋକାନଠାରେ ରଖିଥିଲେ। ବାବନ କୌଶଳକ୍ରମେ ବାଇକ୍‌କୁ ଚୋରିକରି ନେଇଯାଇଥିଲେ। ଏନେଇ ଦୁର୍ଗାମାଧବ ଥାନାରେ ଅଭିଯୋଗ କରିଥିଲେ।

### ‘ଶ୍ରେଣୀଗୃହ ପରିପ୍ରେକ୍ଷୀରେ ଶିକ୍ଷଣ ପ୍ରକ୍ରିୟା’ ପାଠଚକ୍ର

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପାଠଚକ୍ର ‘ଶ୍ରେଣୀ ଗୃହ ପରିପ୍ରେକ୍ଷୀରେ ଶିକ୍ଷଣ ପ୍ରକ୍ରିୟା’ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା, ଶିକ୍ଷକ ଏବଂ ଶିକ୍ଷାୟତନ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ହୋତା ମୁଖ୍ୟ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଡ.ସ୍ୱାତୀ ସୁଚରିତା ପାଠଚକ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପିକା ରୋଜାଲିନ ଦାଶ ଧନ୍ୟବାଦ ଦେଇଥିଲେ।

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ବେଗୁନିଆ,୨୧।୧(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରିସ୍ଥିତ ହଟକେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଭଗବାନ ସାହୁ ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ଯଶଲକ୍ଷ୍ମୀ ପାଇକରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ସଞ୍ଜୁକ୍ତା ସାମଲ, ବିନୋଦ ବିହାରୀ ମାର୍ଥା, ପ୍ରଭାତ ମହାନ୍ତି, ଦିଲୀପ ପଣ୍ଡା, ଆଦିତ୍ୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରତିଭା ଦାସ ଧନ୍ୟବାଦ ଦେଇଥିଲେ। ଯୁକ୍ତ୨ର ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। କ୍ରୀଡ଼ା ଶିକ୍ଷକ ପବିତ୍ର ମୋହନ ସାହୁ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ଭାବେ ଜ୍ୟୋତିରାଣୀ ଗନ୍ତାୟତ ଯୋଗଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

### ଶିକ୍ଷାବିତ୍ ମୁକୁନ୍ଦ ପଣ୍ଡାଙ୍କ ପରଲୋକ

କଳାପଥର/ ବୋଲଗଡ଼, ୨୧।୧ (ଗଙ୍ଗାଧର ସାହୁ/ ଦେବବ୍ରତ ହୋତା)

ଆରିକମାର ବିଶିଷ୍ଟ ଶିକ୍ଷାବିତ୍ ମୁକୁନ୍ଦ ପଣ୍ଡାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଓମ୍ ପ୍ରକାଶ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶଙ୍କରପୁରଠାରେ ପ୍ରଧାନ ଶିକ୍ଷକ ବାସୁଦେବ ଦାସଙ୍କ ତତ୍ତ୍ୱାବଧାନରେ ଶୋକସଭା ସହିତ ନୀରବ ପ୍ରାର୍ଥନା କରାଯାଇଥିଲା।

### ଜିଲାସ୍ତରୀୟ ୧୫ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ସ୍ଥାନୀୟ ଷ୍ଟାଡିୟମରେ ଚାଲିଛି। ମଙ୍ଗଳବାର ପ୍ରଥମ ମ୍ୟାଚ୍ ଷ୍ଟାର କ୍ଲବ ବାଣପୁର ଏବଂ କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ବେଗୁନିଆ ମଧ୍ୟରେ ହୋଇଥିଲା। ୨–୦ ଗୋଲ ବ୍ୟବଧାନରେ ବେଗୁନିଆ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ମହାବୀର କ୍ଲବ ଗୁରୁଜଙ୍ଗ ଏବଂ ଆଦିବାସୀ ଜାଗରଣ କ୍ଲବ ପାଇକ ତିଗିରିଆ ମଧ୍ୟରେ ହୋଇଥିଲା। ମ୍ୟାଚ୍ ଶେଷପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଏମ୍.ଏସ୍. ବେଗ୍ ମ୍ୟାଚ୍ ପରିଚାଳନା କରିଥିବା ବେଳେ ରମେଶ ଚନ୍ଦ୍ର ପାଇକରାୟ, ବୈକୁଣ୍ଠ ମହାପାତ୍ର ସହଯୋଗ କରିଥିଲେ। ମ୍ୟାଚ୍ କମିଶନର ଭାବେ ସୁଶାନ୍ତ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ।

# ସହଭାଗିତା ରହିଲେ କୁଷ୍ଠରୋଗ ମୁକ୍ତ ହେବ



ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)

ସ୍ପର୍ଶ କୁଷ୍ଠରୋଗ ସଚେତନତା ଅଭିଯାନ ଜିଲା ସମନ୍ୱୟ କମିଟି ବୈଠକ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୋଜନା ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିଲେ। କୁଷ୍ଠ ରୋଗ ଲକ୍ଷଣ ନିରାକରଣ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଜିଲାରେ ସ୍ପର୍ଶ କୁଷ୍ଠରୋଗ ସଚେତନତା ଅଭିଯାନକୁ ବ୍ୟାପକ କରିବା ସହିତ ତୃଣମୂଳସ୍ତରରେ ସବୁବର୍ଗର ଲୋକଙ୍କୁ ସାମିଲ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସମନ୍ୱୟ, ସହଭାଗିତା ରହିଲେ ଖୋର୍ଦ୍ଧା ଜିଲା କୁଷ୍ଠ ରୋଗମୁକ୍ତ ହୋଇପାରିବ ବୋଲି ସେ କହିଥିଲେ।

ଜାନୁଆରୀ ୩୦ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ସ୍ପର୍ଶ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୁଷ୍ଠରୋଗ ଜୀବାଣୁ ରୋଗୀର ନାକରୁ ବାହାରୁଥିବା ପବନରେ ବାହାରି ବାୟୁମଣ୍ଡଳରେ ଖେଳିଯାଏ। ସାଧାରଣ ଲୋକଙ୍କ ନାକରେ ପଶି ରୋଗ ସୃଷ୍ଟିକରେ। ଶିଶୁମାନଙ୍କ ରୋଗ ପ୍ରତିରୋଧ ଶକ୍ତି କମ୍ ଥିବାରୁ ସେମାନେ ଶୀଘ୍ର ଆକ୍ରାନ୍ତ ହୁଅନ୍ତି। ରୋଗୀର ପାଖ ଲୋକମାନେ ଆକ୍ରାନ୍ତ ହେବା ସମ୍ଭାବନା ଅଧିକ ରହିଥାଏ। ସେମାନେ ଥରେ ରୋଗ ପ୍ରତିରୋଧକ ରିଫାମ୍ପିସିନ୍ ବଟିକା ଖାଇଲେ ଏହି ରୋଗ ପ୍ରତିହତ କରିହେବ। ଏହି ରୋଗର ଔଷଧ ଏମ୍‌ଡିଟି ମାଗଣାରେ ମିଳେ। ୬ କିମ୍ବା ୧୨ ମାସ ଔଷଧ ଖାଇଲେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଥାଏ। ତେଣୁ ଚିକିତ୍ସାରେ ବିଳମ୍ବ ହେଲେ ମୁହଁ, ନାକ, ଆଖି, ଆଙ୍ଗୁଠି ସବୁ ବିକୃତ ହୋଇଯାଏ। ରୋଗକୁ ଲୁଚାଇଲେ ତାହା ଅଧିକ ବଢ଼ିଥାଏ। ଚର୍ମରେ ବଧିରା, ଫିକା ରଙ୍ଗର ଛଉ ଦେଖିଲେ, କପାଳ ଚର୍ମ ତେଲିଆ ଦେଖାଗଲେ, ହାତରୁ ଜିନିଷ ଖସିପଡୁଥିଲେ, ଗୋଡ଼ରୁ ଚପଲ ଖସିପଡୁଥିଲେ, ପାଦରେ କାଦୁଅ ମାଡ଼ିଲା ଭଳି ଲାଗିଲେ, ଠିକ୍ ଭାବେ ଚାଲି ନ ପାରିଲେ ବିଳମ୍ବ ନ କରି ଆଶା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଜଣାନ୍ତୁ। ଲୋକେ ରୋଗକୁ ଲୁଚାଇବା ଯୋଗୁ ବାୟୁମଣ୍ଡଳରେ ଜୀବାଣୁ ଘୂରି ବୁଲୁଛନ୍ତି। ଏହାଦ୍ୱାରା ଶିଶୁ, ଭଲ ଲୋକ ମଧ୍ୟ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ଲକ୍ଷଣ ଦେଖି ଔଷଧ ଖାଇଲେ କୁଷ୍ଠମୁକ୍ତ ହୋଇପାରିବ।



ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ ଖୋର୍ଦ୍ଧା କମିଟି ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

## ଡିଏସ୍‌ଓ ପକ୍ଷରୁ ପ୍ରତିଯୋଗିତା

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ ଖୋର୍ଦ୍ଧା କମିଟି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ବୋଷଙ୍କ ୧୨୮ତମ ଜୟନ୍ତୀ ସପ୍ତାହ ପାଳନ ଉପଲକ୍ଷେ ଆଞ୍ଚଳିକସ୍ତରୀୟ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା ଉଇଲ୍‌କିଶନ ନଗର ନୂଆଗାଁସ୍ଥିତ ପଞ୍ଚାୟତ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୁମ୍ଭାରବସ୍ତ, ମହୁଲମାଜଣା, ନୂଆଗାଁ, ପାଇକ ତିଗିରିଆ, ଅରାଙ୍ଗ ଏବଂ ଗୁରୁଜଙ୍ଗର ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ଡିଏସ୍‌ଓ କାର୍ଯ୍ୟାଳୟ ସମ୍ପାଦକ ନସିମ୍ ସରକାର ଏବଂ ଶିକ୍ଷାବିତ୍ ଡ. ନୀଳାଦ୍ରିନାଥ ଜଗଦ୍ଦେବ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଙ୍ଗଠନ ସମ୍ପାଦକ ଅବିନାଶ ପ୍ରଧାନ, ସଭାପତି ଶ୍ରୀକାନ୍ତ ନାୟକ, ଉପସଭାପତି ସାଗର ସାହୁ, ସତ୍ୟବ୍ରତ ଦାସ, ବେବି ନାୟକ, ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡି ଏବଂ ଅକ୍ଷୟ କୁମାର ବାରିକ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜଣ୍ଟି



@ ସୁଶୀଲ



@ କମଳକୃଷ୍ଣ



@ ଦିନେଶ



@ ଦୁଃଶାସନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିକଶିତ ଭାରତ ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧା,୨୧।୧(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗସ୍ଥିତ ସରସତୀ ଶିଶୁମନ୍ଦିରର ୨୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ସମ୍ପାଦକ ସମରେନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ କହିଥିଲେ, ବିକଶିତ ଭାରତ ନିର୍ମାଣରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ସରସ୍ୱତୀ ଶିଶୁମନ୍ଦିର ଆଦର୍ଶ ଶିକ୍ଷାନୀତିରେ ରାଷ୍ଟ୍ରଭକ୍ତ ଛାତ୍ରୀଛାତ୍ର ନିର୍ମାଣ କରିଚାଲିଛି। ଯେଉଁମାନଙ୍କ ବଳିଦାନ, ତ୍ୟାଗ, ଉତ୍ସର୍ଗୀକୃତ ସେବା ପାଇଁ ଭରତ ମହୀୟାନ୍ ହୋଇଛି, ସେମାନେ ଆମର ଆଦର୍ଶ ହେବା ଉଚିତ। ପିଲାଙ୍କ ମଧ୍ୟରେ ଆଦର୍ଶ ବିଚାର, ସତ୍‌ଚିନ୍ତନ, ଉତ୍କୃଷ୍ଟ ସମାଜ ଗଠନ ଦିଗରେ ଆମର ନୈତିକ ଦାୟିତ୍ୱ ରହିଛି। ସେହିପରି ମୁଖ୍ୟବକ୍ତା ଆରଏସ୍‌ଏସ୍ ଭୁବନେଶ୍ୱର ମହାନଗର ସଂଘଚାଳକ ଶ୍ରୀନିବାସ ମାନସିଂହ କହିଥିଲେ, ରାଷ୍ଟ୍ର ନିର୍ମାଣରେ ଯୁବସମାଜ, ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ପିଲାମାନେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୋବାଇଲଠାରୁ ଦୂରେଇ ରୁହନ୍ତୁ। ସରସ୍ୱତୀ ଶିଶୁମନ୍ଦିର ରାଷ୍ଟ୍ର ନିର୍ମାଣର କଳ୍ପବଟ। ବିଭିନ୍ନ କ୍ଷେତ୍ରରେ ଶିଶୁମନ୍ଦିରର ଛାତ୍ରୀଛାତ୍ର ପାରଦର୍ଶିତା ଅର୍ଜନ କରିପାରିଛନ୍ତି। ପିଲାମାନଙ୍କୁ ଭାରତୀୟ ଆଚାର ପଦ୍ଧତି ଶିକ୍ଷା ଦିଅନ୍ତୁ। ଆଦର୍ଶ ସମାଜର ପରିକଳ୍ପନା ପରିବାରରୁ ହିଁ ଆରମ୍ଭ ହେଉ। ଆଦର୍ଶ ପରିବାରରୁ ଆଦର୍ଶ ରାଷ୍ଟ୍ର ନିର୍ମାଣ ହୋଇପାରିବ। ସାମାଜିକ କର୍ମୀ ନିକୁଞ୍ଜ ପଟ୍ଟନାୟକ, ସ୍ଥାନୀୟ କାଉନ୍‌ସିଲର ଲିନାରାଣୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ଶତପଥୀ ଅତିଥି ପରିଚୟ, ସ୍ୱାଗତ ଭାଷଣରେ ଜାତୀୟ ଶିକ୍ଷାନୀତି, ଶିଶୁମନ୍ଦିରର ପୃଷ୍ଠଭୂମି ଉପରେ କହିଥିଲେ। ପରିଚାଳନା ସଭାପତିଙ୍କ ବାର୍ତ୍ତା ପାଠ କରିଥିଲେ। ପ୍ରଧାନାଚାର୍ଯ୍ୟ ଦୁଷ୍ମନ୍ତ କୁମାର ସୁବୁଦ୍ଧି ବିବରଣୀ ପାଠ ସହ ଶିଶୁମନ୍ଦିରର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାଚୀର ପତ୍ରିକା ଜ୍ଞାନଦୀପ, ପିଲାଙ୍କ ଦୋଳି ଉନ୍ମୋଚନ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ, ସାମାଜିକ କର୍ମୀ, ଖବରଦାତା ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ପରିଚାଳନା କମିଟି ସହସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। କମିଟି କୋଷାଧ୍ୟକ୍ଷ ସୁମନ୍ତ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ, ଗୁରୁମା’ଗୁରୁଜୀ ପରିଚାଳନା କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।





କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟ ଅତିଥି।

## କୋରମ୍ ଅଭାବରୁ ହୋଇପାରିଲାନି ଅନାସ୍ଥା ଭୋଟ

ଟାଙ୍ଗୀ,୨୧।୧(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବାଲିପାଟପୁର ପଞ୍ଚାୟତ ସରପଞ୍ଚ ଭାବି ବେହେରାଙ୍କ ବିରୋଧରେ ୱାର୍ଡସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଜିଲା ପ୍ରଶାସନ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବର ଭୋଟିଂ ପାଇଁ ଦିନ ଧାର୍ଯ୍ୟ କରିଥିଲେ। ତେବେ କୋରମ୍ ଅଭାବରୁ ଅନାସ୍ଥା ଭୋଟ୍ ହୋଇପାରି ନ ଥିବା ଜଣାପଡ଼ିଛି।

ସୂଚନାଥାଉ କି, ବାଲିପାଟପୁର ପଞ୍ଚାୟତ ୧୧ଟି ୱାର୍ଡକୁ ନେଇ ଗଠିତ। ଗୋଟିଏ ୱାର୍ଡ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି। ପ୍ରାର୍ଥୀ ଅଭାବରୁ ସେହି ୱାର୍ଡରେ ନିର୍ବାଚନ ହୋଇପାରିନାହିଁ। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ୭ଜଣ ୱାର୍ଡସଭ୍ୟ ଅନାସ୍ଥା ନୋଟିସ ଆଣିଥିଲେ। ଏହି ୭ ଜଣଙ୍କ ମଧ୍ୟରୁ ୪ଜଣ ୱାର୍ଡ ସଭ୍ୟଙ୍କର ଅଧିକ ସନ୍ତାନ ଥିବାରୁ ଗତ ୧୮ତାରିଖରେ ଜିଲା ମାଜିଷ୍ଟ୍ରେଟ ସଭ୍ୟ ପଦ ରଦ୍ଦ କରିଛନ୍ତି। ମଙ୍ଗଳବାର ବ୍ଲକ୍ ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ତହସିଲଦାର ମିତାଲି ପାତ୍ରଙ୍କ ଉପସ୍ଥିତିରେ ଅନାସ୍ଥା ଭୋଟିଂ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମୋଟ୍ ୮ଜଣ ୱାର୍ଡସଭ୍ୟ ଉପସ୍ଥିତ ଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୪ଜଣଙ୍କ ସଭ୍ୟ ପଦ ରଦ୍ଦ ହୋଇଥିବାରୁ ସେମାନଙ୍କୁ ସେଠାରୁ ବାହାର କରିଦିଆଯାଇଥିଲା। ଆବଶ୍ୟକ ୱାର୍ଡସଭ୍ୟ ଉପସ୍ଥିତ ନ ଥିବାରୁ ଅନାସ୍ଥା ଭୋଟ ହୋଇପାରି ନ ଥିଲା।

## ପଥ ବଦଳାଇଲେ ୧୩ ଟିକିଆ ହାତୀପଲ

ବେଗୁନିଆ,୨୧।୧(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗିରହିଛି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ସନ୍ଧ୍ୟାହେଲେ ଲୋକେ ଘରୁ ବାହାରୁନାହାନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବେଗୁନିଆ ସଦର ମହକୁମା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୩ଟିକିଆ ହାତୀପଲ ବିଚରଣ କରୁଥିବା ଖବର ପ୍ରଚାରିତ ହୋଇଥିଲା। ଖବରପାଇ ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯାଇଥିଲା। ହାତୀପଲଙ୍କୁ ବାଘମାରୀ, କୁମ୍ଭିଲ ଦେଇ ଚନ୍ଦକା ଅଭୟାରଣ୍ୟକୁ ଘଉଡ଼ାଇ ନେବାକୁ ବନ ବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି। ସୂଚନାଥାଉ କି, ଗତ କିଛିଦିନ ହେବ ଚନ୍ଦକା ଜଙ୍ଗଲରୁ ୧୮ଟିକିଆ ହାତୀପଲ ଆସି ବେଗୁନିଆ ବ୍ଲକ୍‌ର ସିକୋ, ଦେଉଳି, ହଜ, ଶଗଡ଼ଭଙ୍ଗା, ହୀରାପୁର, ବୋତଲମା, ଗୋବିନ୍ଦପୁର ଆଦି ୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉତ୍ପାତ କରୁଛନ୍ତି। ତେବେ ମଙ୍ଗଳବାର ସନ୍ଧ୍ୟାରେ ହାତୀପଲ ବାସସ୍ଥାନ ବଦଳାଇ ଦେଇଛନ୍ତି। ୧୮ଟିକିଆ ପଲ ମଧ୍ୟରୁ ୧୩ ଟିକିଆ ହାତୀପଲ ଏବେ ବେଗୁନିଆ ସଦର ମହକୁମା ପାର୍ଶ୍ୱବର୍ତ୍ତୀ ଗ୍ରାମ ବାମଡିହ, ଲେହେଙ୍ଗ, ଭୁଆସୁଣୀପାଟଣା, ବାଘମାରୀ, ଚଣ୍ଡିଆପଲା ଅଞ୍ଚଳରେ ବିଚରଣ କରୁଥିବା ଜଣାପଡ଼ିଛି।



## ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ

## ବ୍ଲୁ ବାର୍ଡ କ୍ଲବ୍ ଗୁରୁଜଙ୍ଗ ବିଜୟୀ



ଖୋର୍ଦ୍ଧା, ୨୧।୧(ପ୍ରଭାତ ପାଣିଗ୍ରାହୀ)

କ୍ରିକେଟ ଆସୋସିଏଶନ ଅଫ୍ ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ଗୁରୁଜଙ୍ଗର ବ୍ଲୁ ବାର୍ଡ କ୍ଲବ ବିଜୟୀ ହୋଇଛି। ମଙ୍ଗଳବାର ଗୁରୁଜଙ୍ଗର ବ୍ଲୁ ବାର୍ଡ କ୍ଲବ ଏବଂ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଗୁରୁଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂକରି ୪୦ ଓଭରରେ ୮ ଉଇକେଟ ବିନିମୟରେ ୨୮୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୁଦ୍ର ପ୍ରସାଦ ମଲ୍ଲିକ ୭୭ ବଲ୍‌ରୁ ୧୫୦ ରନ୍ ସଂଗ୍ରହ କରିଥିଲେ। ଜବାବରେ ଜଟଣୀ କ୍ରିକେଟ ଏକାଡେମୀ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୪୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଗୁରୁଜଙ୍ଗ ଟିମ୍‌ର ଆଶୁତୋଷ ସିଂ ୭ ଓଭରରେ ୧୪ ରନ୍ ଦେଇ ୭ଟି ଉଇକେଟ ନେଇଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଏବଂ ଚନ୍ଦ୍ରମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଜିତେନ୍ଦ୍ର ସେନାପତି ଦାୟିତ୍ୱ ତୁଲାଇଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି, ରୋହିତ ରଞ୍ଜନ ରାୟ ଏବଂ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମ୍ୟାଚ୍‌ର ସଂଯୋଜକ କାର୍ଯ୍ୟ କରିଥିଲେ। ବିଜେବି ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପରେଡ୍ ଅଭ୍ୟାସ ଏବଂ ୨୬ ତାରିଖରେ ସମାରୋହ ଥିବାରୁ ଏହି ଟୁର୍ନାମେଣ୍ଟର ପରବର୍ତ୍ତୀ ପର୍ଯ୍ୟାୟ ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ

ନିରାକାରପୁର,୨୧।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷା ବ୍ରତତୀ ମିଶ୍ର, ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଯୋଗଦେଇଥିଲେ। ଶିବିରରେ ମୋଟ୍ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କର ଡା. ସୌରଭ ସୁନ୍ଦର ରାୟ, ଲାବ୍ ଟେକ୍ନିସିଆନ ଅରୁଣ ସାହୁ, ଝିଲ୍ଲିରାଣୀ ପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ, ଶ୍ରୀକାନ୍ତ ସାମନ୍ତରାୟସିଂହାର ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. କୈବଲ୍ୟ ପତିଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କଲେଜ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରସନ୍ନ ନାୟକ, ଅଧ୍ୟାପକ ଡ. ଜୟନ୍ତ ବାନାର୍ଜୀ, ଅଧ୍ୟାପକ ଡ. ପ୍ରଭାତ ଦାଶ, ରଶ୍ମିତା ଜେନା, ସୋନାଲି ରଣସିଂହ, ମୋନାଲିସା ଆଚାର୍ଯ୍ୟ, କାର୍ତ୍ତିକ ସାମନ୍ତରାୟ, ମନୋଜ ପ୍ରଧାନ ସହଯୋଗ କରିଥିଲେ।

**ଚପଲ ନେଇ ଶ୍ରୀମନ୍ଦିର ଭିତରେ ପଶିଗଲେ ଭକ୍ତ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଶ୍ରୀମନ୍ଦିର ମଧ୍ୟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି, ଯାହା ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭାଇରାଲ୍ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି, ଜଣେ ବୟସ୍କ ଲୋକ ମୁଣ୍ଡରେ ଚପଲ ଧରି ଶ୍ରୀମନ୍ଦିରରୁ ବାହାରୁଛନ୍ତି। କେତେଜଣ ସେବାୟତ ତାଙ୍କୁ ଶ୍ରୀମନ୍ଦିରରୁ ବାହାରକୁ ଯିବାକୁ କହୁଥିବା ଦେଖାଯାଇଛି। ତେବେ ଏତେ ସୁରକ୍ଷା ମଧ୍ୟରେ ବ୍ୟକ୍ତି ଜଣଙ୍କ ଚପଲ ଧରି ଶ୍ରୀମନ୍ଦିର ମଧ୍ୟକୁ କିପରି ଗଲେ ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ତେବେ ବ୍ୟକ୍ତି ଜଣଙ୍କ ଶ୍ରୀମନ୍ଦିରର କେଉଁ ସ୍ଥାନ ପର୍ଯ୍ୟନ୍ତ ଚପଲ ନେଇ ଯାଇଥିଲେ ତାହା ଜଣାପଡ଼ି ନାହିଁ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ: ମା', ପୁଅ ଆହତ

ନିମାପଡ଼ା,୨୧।୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ମାହାଳ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରୂପେଇ ବେହେରା ନାମ୍ନୀ ମହିଳା ଓ ତାଙ୍କ ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୩ ଆକ୍ରମଣକାରୀଙ୍କ ବିରୋଧରେ ୨୧/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣକାରୀ ହେଲେ ଗ୍ରାମର ଭରତ ସ୍ୱାଇଁ, ଶରତ ସ୍ୱାଇଁ , ସାହେବ ସ୍ୱାଇଁ। ରବିବାର ସକାଳେ ରୂପେଇଙ୍କ ଘରେ ସ୍ୱାମୀ, ପୁଅ ନ ଥିବାବେଳେ ୩ ଆକ୍ରମଣକାରୀ ପଶି ତାଙ୍କୁ ଆକ୍ରମଣ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଖବରପାଇ ମହିଳାଙ୍କ ସ୍ୱାମୀ ଓ ପୁଅ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଆକ୍ରମଣକାରୀ ରୂପେଇଙ୍କ ପୁଅଙ୍କୁ ମାଡ଼ ମାରିଥିଲେ। ଆକ୍ରମଣରେ ରୂପେଇ ଓ ତାଙ୍କ ପୁଅ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି।

### କୁଶଭଦ୍ରାରେ ବୁଡ଼ି ବୃଦ୍ଧ ମୃତ

ନିମାପଡ଼ା,୨୧।୧(ବିଚିତ୍ରାନନ୍ଦ ସାହୁ)

ଶୌଚ ହେବାକୁ ଆସି କୁଶଭଦ୍ରା ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ଡେଣୁଆଁ ପଞ୍ଚାୟତ ଆଳିପିଙ୍ଗଳ ଗ୍ରାମର ଇନ୍ଦ୍ରମଣି ଭୋଇ (୭୮)। ଏନେଇ ନିମାପଡ଼ା ପୋଲିସ ୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଇନ୍ଦ୍ରମଣି ତାଙ୍କ ଝିଅଘର ନିମାପଡ଼ା ନିକଟ ବିଷ୍ଣୁପୁର ଦେଉଳି ସାହି ଗ୍ରାମକୁ ୪/୫ ଦିନ ପୂର୍ବେ ଆସି ରହୁଥିଲେ। ମଙ୍ଗଳବାର ସକାଳେ ସେ ଗ୍ରାମ ନିକଟ କୁଶଭଦ୍ରା ନଦୀକୁ ଶୌଚ ହେବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ

## ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀଙ୍କ ବିରୋଧ

କାକଟପୁର/ଅସ୍ତରଙ୍ଗ,୨୧।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)




ପ୍ରସ୍ତାବିତ ବନ୍ଦରକୁ ବିରୋଧକରି ବିସ୍ଥାପିତ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି ।

ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ନେଇ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଏଠାରେ ବନ୍ଦର ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକେ ଭିଟାମାଟି ହରାଇବେ ଏବଂ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ମରିବୁ ପଛେ ନିଜ ଭିଟାମାଟି ଛାଡ଼ିବୁ ନାହିଁ କି ଏଠାରେ କୌଣସି ପରିସ୍ଥିତିରେ ବନ୍ଦର ପ୍ରତିଷ୍ଠା ହେବାକୁ ଦେବୁନାହିଁ ବୋଲି ଅଞ୍ଚଳବାସୀ ରୋକଠୋକ ଶୁଣାଇ ଦେଇଛନ୍ତି। ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପୀରଜାହାନିଆଠାରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ବନ୍ଦର ପାଇଁ ମଙ୍ଗଳବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର ବନ୍ଦରକୁ ବିରୋଧ କରି କଣମଣ ଛକଠାରୁ ପୀରଜାହାନିଆ ପର୍ଯ୍ୟନ୍ତ ପ୍ଲା କାର୍ଡ ଧରି ପଦଯାତ୍ରା କରି ସଭାସ୍ଥଳରେ ପହଞ୍ଚିଥିଲେ।

ସୂଚନା ମୁତାବକ, ଅସ୍ତରଙ୍ଗଠାରେ ମଲ୍ଟି ୟୁଜର ଗ୍ରୀନଫିଲ୍ଡ ବନ୍ଦର ସ୍ଥାପନ ନିମନ୍ତେ ଓଡ଼ିଶା ସରକାର ଏବଂ ନବ ଯୁଗ ଇଞ୍ଜିନିୟରିଂ କମ୍ପାନୀ ମଧ୍ୟରେ ଚୁକ୍ତି ସାକ୍ଷରିତ ହୋଇଛି। ଲିଜ୍ ସୂତ୍ରରେ ମୋଟ ୩୮୯୯. ୯୮୭ ଏକର ଜମିରେ ବନ୍ଦର ସ୍ଥାପନ ହେବ। ସମୁଦାୟ ପ୍ରକଳ୍ପର ମୂଲ୍ୟ ୭୪୧୭ କୋଟି ଟଙ୍କା ରହିଛି। ଏନେଇ ଆୟୋଜିତ ଜନଶୁଣାଣିରେ ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସୋହନ ଗିରି, ଉପନିର୍ଦ୍ଦେଶକ ସୌମେନ୍ଦ୍ରନାଥ ମହାନ୍ତି, ସହାୟକ ପରିବେଶ ବୈଜ୍ଞାନିକ ସୋମ୍ୟରଞ୍ଜନ ମଲ୍ଲିକ, ଭୂ-ଅର୍ଜନ ଅଧିକାରୀ ପ୍ରଶାନ୍ତ ଜେନା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୈବଲ୍ୟ କର, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ଜନଶୁଣାଣିରେ ପାଖାପାଖି ୩୦ ଜଣ ବ୍ୟକ୍ତି ବିଶେଷ ନିଜର ମତ ସାବ୍ୟସ୍ତ କରିଥିଲେ। ଏଥିନେଇ ପରିବେଶବିତ୍ ବିଚିତ୍ରାନନ୍ଦ ବିଶ୍ୱାଳ କହିଛନ୍ତି, ବନ୍ଦର ସ୍ଥାପନ ହେଲେ ଅଞ୍ଚଳର ଜୈବ ବିବିଧତା ଓ ପରିବେଶ ପ୍ରଭାବିତ ହେବା ସହ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ବାଧାପ୍ରାପ୍ତ ହେବ। ବନ୍ଦର ସ୍ଥାପନ ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିଶ୍ୱାଳ କହିଛନ୍ତି। ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ପକ୍ଷରୁ ଶତାଧିକ ଲୋକ ବିରୋଧ କରି ସଭାସ୍ଥଳରେ ପହଞ୍ଚିଥିଲେ। ଏଥିରେ ୧୨ଟି ଗ୍ରାମର ଅଧିବାସୀ ତଥା ବିସ୍ଥାପିତ ହେବାକୁ ଥିବା ଲୋକେ ଏକତ୍ର ହୋଇ ବନ୍ଦର ବିରୋଧରେ ମତ ରଖିଥିଲେ। ସମାବେଶରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ, କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁ, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ, ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ସହ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଏଥିରେ ବିଭିନ୍ନ ଦଳର ରାଜନେତା ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ମହାପାତ୍ର କହିଛନ୍ତି, ଅନ୍ୟ ଏକ ଜନଶୁଣାଣି ଆସନ୍ତା ୨୩ ତାରିଖରେ ହେବାକୁ ଥିବାବେଳେ ଅଞ୍ଚଳବାସୀଙ୍କ ମତାମତ ନିଆଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆଜିଠୁ ସାଧାରଣତନ୍ତ୍ର ଦିବସ ଅଭ୍ୟାସ ପରେଡ୍

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବୁଧବାରଠାରୁ ଅଭ୍ୟାସ ପରେଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେବାକୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଛି। ଜାନୁଆରୀ ୨୬ ତାରିଖ ସକାଳ ୮ଟା ୩୦ ମିନିଟ୍ ସମୟରେ ମୁଖ୍ୟ ଅତିଥି ତାଳବଣିଆ

**ପରେଡ୍ ଅଭିବାଦନ ଗ୍ରହଣ କରିବେ ଉପମୁଖ୍ୟମନ୍ତ୍ରୀ**

ଷ୍ଟୋର୍ଟ୍ସ କମ୍ପ୍ଲେକ୍ସରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିବେ। ଶେଷରେ ମୁଖ୍ୟ ଅତିଥି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିତ୍ୱ, ସାଂସ୍କୃତିକ ଦଳ, ପରେଡ୍‌ର ଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରିବେ। ଏହା ପରେ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ପୋଷାକ ଓ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜାନୁଆରୀ ୨୨ ଓ ୨୩ ତାରିଖ ଅପରାହ୍ନ ୩ ଘଣ୍ଟିକା ଓ ୨୪ ତାରିଖ ପୂର୍ବାହ୍ନ ୮ ଘଟିକାରେ ତାଳବଣିଆ ଷ୍ଟୋର୍ଟ୍ସ କମ୍ପ୍ଲେକ୍ସରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଶିରୁଳି ମହାବୀର ମନ୍ଦିର ହୁଣ୍ଡିରୁ ଚୋରି

ପୁରୀ,୨୧।୧(ଅଜିତ୍ କୁମାର ମହାନ୍ତି)

ଶିରୁଳି ମହାବୀର ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଚୋରି କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଚନ୍ଦନପୁର ପୋଲିସ ଓ ତହସିଲ୍‌ଦାର ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ତହସିଲ୍‌ଦାରଙ୍କ ପକ୍ଷରୁ ଚନ୍ଦନପୁର ଥାନାରେ ଏତଲା ଦିଆଯାଇଛି। ପ୍ରଥମେ ଦୁର୍ବୃତ୍ତମାନେ ଟ୍ରାନ୍ସଫର୍ମରରୁ ଲାଇନ୍ କାଟିବା ପରେ ନବଗ୍ରହ ନିକଟରେ ଲାଗିଥିବା ଲୁହା ଗ୍ରୀଲ୍ ଭାଙ୍ଗି ହୁଣ୍ଡିରୁ ଟଙ୍କା ଲୁଟ୍ କରିଛନ୍ତି। ଫରେନସିକ୍ ଟିମ୍ ଓ ସିସିଟିଭି ଇନ୍‌ଷ୍ଟଲେଶନ୍ ଟିମ୍ ଶିରୁଳି ମହାବୀର ମନ୍ଦିରରେ ପହଞ୍ଚି ସିସିଟିଭି ଯାଞ୍ଚ କରିଛି।

ମଙ୍ଗଳବାର ଭୋରରୁ ପାଳିଆ ସେବାୟତମାନେ ମନ୍ଦିର ଖୋଲି ମନ୍ଦିର ଭିତରକୁ ପ୍ରବେଶ କରିବା ବେଳେ ଦେଖିଥିଲେ ହୁଣ୍ଡି ଭଙ୍ଗାଯାଇ ପଡ଼ିଛି। ଚୋରି ହୋଇଥିବା ନେଇ ମନ୍ଦିର କମିଟି ପକ୍ଷରୁ ଚନ୍ଦନପୁର ଥାନାକୁ ଖବର ଦିଆଯାଇଥିଲା। ଖବରପାଇ ଚନ୍ଦନପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଏନେଇ ତହସିଲ୍‌ଦାର ଅଭିଷେକ ଦାଶ କହିଛନ୍ତି, ଚୋରି ଘଟଣା ନେଇ ସକାଳେ ଖବର ମିଳିଥିଲା। ଥାନାର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ନାଟମଣ୍ଡପ ଭିତରେ ଥିବା ହୁଣ୍ଡିରୁ ଚୋରି ହୋଇଛି। ସିସିଟିଭିଗୁଡ଼ିକ କଟ୍ କରାଯାଇଛି, ମନ୍ଦିର କାର୍ଯ୍ୟାଳୟର ସିସିଟିଭିକୁ ନେଇ ଯାଞ୍ଚ କରାଗଲେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ। ସେବାୟତଙ୍କ କହିବା ଅନୁଯାୟୀ ମନ୍ଦିରରୁ ଚୋରି ହେବା ନୂଆ ନୁହେଁ, ପୂର୍ବରୁ ମଧ୍ୟ ଚୋରି ହୋଇଛି। ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏନେଇ ଏସ୍‌ପି ଭିନୀତ୍ ଅଗ୍ରୱାଲ କହିଛନ୍ତି, ଲୋକାଲ ପୋଲିସ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତ ଅଛନ୍ତି। ସମସ୍ତ ସିସିଟିଭିକୁ ଯାଞ୍ଚ କରାଯାଉଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଛି। ଖାଲି ଶିରୁଳି ମହାବୀର ମନ୍ଦିର ଚୋରି ନୁହେଁ, ପୁରୀର ଯେଉଁ ମନ୍ଦିରଗୁଡ଼ିକରେ ଏପରି ଘଟଣା ଘଟିଛି ଓ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ମହିଳା ସ୍ୱାବଲମ୍ବୀ ହେଲେ ଦେଶର ଦ୍ରୁତ ବିକାଶ ହେବ

ନିମାପଡ଼ା,୨୧।୧(ବିଚିତ୍ରାନନ୍ଦ ସାହୁ)

ମହିଳା ସଶକ୍ତ, ସ୍ୱାବଲମ୍ବୀ ହେଲେ ଦେଶ ଓ ରାଜ୍ୟର ଦ୍ରୁତ ବିକାଶ ଓ ପ୍ରଗତି ହେବ। ମହିଳାଙ୍କ ବିକାଶ ପାଇଁ ରାଜ୍ୟ ସରକାର ଦୃଢ଼ ସଂକଳ୍ପବଦ୍ଧ ଓ ସଦାଚେଷ୍ଟିତ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଟାଉନ ହଲ୍‌ଠାରେ ଓଡ଼ିଶା ଜୀବିକା ମିଶନର କମ୍ୟୁନିଟି ରିସର୍ଚ୍ଚ ପର୍ସନ(ସିଆର୍‌ପି)ଙ୍କ ଏକ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ସିଆର୍‌ପିଙ୍କ ବିଭିନ୍ନ କାର୍ଯ୍ୟ, ଅଭାବ, ଅସୁବିଧା, ସମସ୍ୟା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ସାଂସଦ ପ୍ରତିନିଧି ବରିଷ୍ଠ ନାରୀମନ୍ତ୍ରୀ ମୀନଲତା ମହାନ୍ତି, ଝିଲିଲତା ଦାସ, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମୋନାଲିସା ତ୍ରିପାଠୀ, ମିଶନ ଶକ୍ତି ବ୍ଲକ ପ୍ରୋଜେକ୍ଟ ସଂଯୋଜକ (ବିପିସି) ନୟନ କୁମାର ଜେନା, ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ସୌଦାମିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ନିମାପଡ଼ା ବ୍ଲକର ପ୍ରାୟ ୨୮୩ ଜଣ ସିଆର୍‌ପି ଯୋଗଦେଇ ସେମାନଙ୍କ ବିଭିନ୍ନ ଅଭାବ, ଅସୁବିଧା ବାବଦରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।



**ଝାଡ଼ାବାନ୍ତି ପାଇଁ ବନ୍ଦ ହେଲା ଭୋଜିଭାତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): ପୁରୀ ଜିଲା କଣାସ ବ୍ଲକ୍‌ର ୬ରୁ ୭ଟି ଗ୍ରାମରେ ଦୀର୍ଘଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। ଏଭଳି ସ୍ଥିତିରେ କଣାସ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବିବାହ ଭୋଜି ହେବାକୁ ଥିବାବେଳେ ପ୍ରଶାସନିକ ଅଧିକାରୀ ଖବର ପାଇ ସେଠାରେ ପହଞ୍ଚି ଭୋଜି ବନ୍ଦ ରଖିବାକୁ ପରାମର୍ଶ ଦେଇଛନ୍ତି। ଫଳରେ ସମ୍ପୃକ୍ତ ବ୍ୟକ୍ତି ବିବାହ ଭୋଜି ବନ୍ଦ ରଖିଥିବା ଜଣାପଡିଛି।

# ସାଧାରଣତନ୍ତ୍ର ଦିବସ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୨୧।୧(ସତ୍ୟଜିତ୍ ରାଉତ)

ଚଳିତବର୍ଷ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓ ଗୁରୁବାର ଅପରାହ୍ନ ୨ଟାରୁ ୬ଟା ପର୍ଯ୍ୟନ୍ତ ପରେଡ୍ ଏବଂ ଶୁକ୍ରବାର ସକାଳ ୭ରୁ ୧୧ଟା୩୦ ଯାଏ ପୂର୍ଣ୍ଣ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ଏଥିସହିତ ୨୬ ତାରିଖରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ସକାଳ ୬ଟା୩୦ରୁ ଆରମ୍ଭ ହେବାକୁ ଥିବାବେଳେ ସର୍ବସାଧାରଣଙ୍କ ସୁଗମନାଗମନ ଓ ପାର୍କିଂ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ଟ୍ରାଫିକ୍ କଟକଣା ଜାରି କରାଯାଇଛି।

କଟକଣା ସମୟରେ କୌଣସି ପ୍ରକାର ଭାରିଯାନ ରାମମନ୍ଦିର ଏବଂ ରାଜମହଲ ଛକ ପାର୍ଶ୍ୱରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ଯିବାକୁ ଦିଆଯିବ ନାହିଁ। କେବଳ ଦୁଇଚକିଆ ତଥା ହାଲୁକା ଯାନ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଆଡ଼କୁ ଆସିପାରିବ କିନ୍ତୁ ପିଏମ୍‌ଜି ଛକ ଆଡ଼କୁ ଯିବାପାଇଁ ଅନୁମତି ଦିଆଯିବ ନାହିଁ। ହାଉସିଂବୋର୍ଡ ଛକ ପାର୍ଶ୍ୱରୁ ରବୀନ୍ଦ୍ରମଣ୍ଡପ ଆଡକୁ ଆସୁଥିବା ଯାନବାହାନଗୁଡ଼ିକ କେଶରୀ ଟକିଜ୍‌ଠାରୁ ଆଗକୁ ନ ଯାଇ ସେହିଠାରୁ ବାମପାର୍ଶ୍ୱ ଲେନ୍‌ରେ ଯିବ। ସେହିପରି ଏଜି ଛକରୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ଯାନବାହନଗୁଡ଼ିକ ଜୟଦେବ ଭବନ ଗଳି ରାସ୍ତା ଦେଇ ଇଡକଲ୍ ଅଡିଟୋରିୟମ୍ ପଟୁ ଯିବେ। ୧୨୦ ବାଟାଲିୟନ୍ ଛକରୁ ରବୀନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହନ ଏମ୍.ଏଲ୍‌ଏ କଲୋନୀ ରାସ୍ତା ଦେଇ ୪ ନମ୍ବର ପାର୍ଶ୍ୱକୁ ଯିବେ। ମହାତ୍ମାଗାନ୍ଧୀ ମାର୍ଗ ସଂଲଗ୍ନ ସମସ୍ତ ଲେନ୍ ଓ ବାଇଲେନ୍‌ଗୁଡ଼ିକରେ ଯାନବାହନ ଚଳାଚଳ ବନ୍ଦ ରହିବ। କେବଳ ପଦଚାରୀମାନେ ଚାଲି ଚାଲି ମହାତ୍ମାଗାନ୍ଧୀ ମାର୍ଗକୁ ଆସିପାରିବେ। ତେବେ ସାଧାରଣତନ୍ତ୍ର ଦିବସରେ ପରେଡ୍ ସରିବା ଯାଏ ପିଏମ୍‌ଜି ଛକଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ କୌଣସି ଗ୍ୟାସ୍ ବେଲୁନ୍ ବିକ୍ରି ହୋଇପାରିବ ନାହିଁ।

# ‘ସ୍ୱାସ୍ଥ୍ୟରକ୍ଷାରେ ଇଲେକ୍ଟ୍ରୋହୋମିଓପାଥି ଔଷଧର ପାରଦର୍ଶିତା ରହିଛି’

ଭୁବନେଶ୍ୱର, ୨୧।୧(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ରକ୍ଷାରେ ଇଲେକ୍ଟ୍ରୋହୋମିଓପାଥି ଔଷଧର ପାରଦର୍ଶିତା ବିଶେଷ ଭାବେ ରହିଛି। ଏହି ଚିକିତ୍ସା ବିଜ୍ଞାନର ବ୍ୟାପକ ପ୍ରୟୋଗ ଲାଗି ସରକାର ଧ୍ୟାନ ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରାଜ୍ୟ ଇଲେକ୍ଟ୍ରୋହୋମିଓ ଚିକିତ୍ସକ ସଂଘ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ (ଓୟୁଏଟି) ଦ୍ୱାରା ଅନୁବନ୍ଧିତ ଦୁଇଦିନିଆ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଓୟୁଏଟିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ଇଲେକ୍ଟ୍ରୋହୋମିଓପାଥି ଡାକ୍ତରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ ଓ ଲକ୍ଷ୍ମଣ ବାଗ ଯୋଗଦେଇ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ବ୍ୟବସ୍ଥାର ବିକାଶ ବିସ୍ତାରର ଆବଶ୍ୟକତା ରହିଥିବା କହିଥିଲେ। ଭାଜପା ନେତା ସଜ୍ଜନ ଶର୍ମା, ଭାଜପା ଉପସଭାପତି ଗୋଲଖ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ରକ୍ଷାରେ ଏହି ଚିକିତ୍ସକମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। କର୍ମଶାଳାରେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଠ ଚିକିତ୍ସକ ଓ ଗବେଷକଙ୍କ ସମେତ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ୫ଶହରୁ ଊର୍ଦ୍ଧ୍ୱ ଇଲେକ୍ଟ୍ରୋ ହୋମିଓ ପାଥିକ ଚିକିତ୍ସକ ଯୋଗଦେଇଥିଲେ।



କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ।

# କଣାସରେ ଝାଡ଼ାବାନ୍ତି ବ୍ୟାପିବା ନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ଅଛି: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୧(ବନ୍ଦନା ସେଠୀ)

ପୁରୀ ଜିଲା କଣାସ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଘଟଣାର ଯାଞ୍ଚ ପାଇଁ ବିଭାଗର ଏକ ଟିମ୍ କଣାସ ଅଞ୍ଚଳକୁ ପଠାଯାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସେହିପରି ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ଔଷଧ ମହଜୁଦ ଅଛି। ଲୋକଙ୍କୁ ସଚେତନ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କଣାସ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ସରକାର ସବୁ ଦିଗରୁ ସଜାଗ ଅଛନ୍ତି। ଚିକିତ୍ସା ସେବା ଠିକ୍‌ରେ ଚାଲିଛି। ଝାଡ଼ାବାନ୍ତି ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅଞ୍ଚଳରେ କିପରି ଅଧିକ ଝାଡ଼ାବାନ୍ତି ନ ବ୍ୟାପିବ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, କଣାସ ଅଞ୍ଚଳରେ ଝାଡ଼ାବାନ୍ତିରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଆସିଥିଲା। ତେବେ ସେମାନଙ୍କ ମଧ୍ୟରୁ ଜଣେ ଝାଡ଼ାବାନ୍ତିରେ ମରିଥିବା ସ୍ପଷ୍ଟ ହୋଇଥିବାବେଳେ ଅନ୍ୟ ଦୁଇ ଜଣଙ୍କ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଜାଗୁଲେଇପଦର ଗ୍ରାମରୁ ଜାନୁଆରୀ ୧୨ରେ ପ୍ରଥମେ ଏକ ଭୋଜିରୁ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ପରେ ଆଖପାଖ ୫ଟି ଗାଁକୁ ବ୍ୟାପିଛି। ବର୍ତ୍ତମାନ ସୁଦ୍ଧା ଏହି ଗାଁଗୁଡ଼ିକରୁ ୮୩ଜଣ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୬ଜଣ ସୁସ୍ଥ ହୋଇସାରିଛନ୍ତି। ଦୟା ନଦୀରୁ ଦୂଷିତ ଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡିଛି। ନମୁନା ପରୀକ୍ଷାରୁ ଇ-କୋଲି ବ୍ୟାକ୍ଟେରିଆ ଚିହ୍ନଟ ହୋଇଛି। ତେବେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଅଛି। ସେ ଅଞ୍ଚଳରେ ଭୁବନେଶ୍ୱରରୁ ୨ଟି ଟିମ୍ ସହ ସ୍ୱାସ୍ଥ୍ୟ ବିଭାଗର ମୋଟ ୮ଟି ଟିମ୍ ନିୟୋଜିତ ହୋଇଛନ୍ତି। ସେହିପରି ନଦୀର ସବୁଘାଟକୁ ସୁପର କ୍ଲୋରିନେଶନ ବା ବିଶୋଧନ କରାଯାଇ ସରକାରଙ୍କ ପକ୍ଷରୁ ବିଶୁଦ୍ଧ ଜଳ ଯୋଗାଇ ଦିଆଯାଉଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତା ସପ୍ତାହ ଉଦ୍‌ଘାଟିତ

ବାରଙ୍ଗ,୨୧।୧(ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ (ଏଫଇଟି) ପକ୍ଷରୁ ‘ଏଆଇ ଓ ସାଇବର ସିକ୍ୟୁରିଟି-ଆଲାଏନ୍ସ ଅଫ୍ ଦି ଫ୍ୟୁଚର୍’ ଶୀର୍ଷକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସପ୍ତାହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣିଙ୍କ ସମେତ କୁଳପତି ପ୍ରଫେସର ଡ. ତେଜ ପ୍ରତାପ, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ବହୁ ଅତିଥି ଭାବେ ଯୋଗ ଦେଇଥିଲେ। ଇଣ୍ଟେଲ, ଆଇବିଏମ୍, ମାଇକ୍ରୋସଫ୍ଟ, ନାସକମ ଏବଂ ଏଲ୍‌ଆଣ୍ଡଟି ଏଡୁଟେକ ଭଳି ଟେକ୍ନୋଲୋଜି କମ୍ପାନୀର ବିଶେଷଜ୍ଞମାନେ ‘ଏଆଇ ଏବଂ ସାଇବର ସୁରକ୍ଷା’ ଉପରେ ଏହି ଆଭାସୀ ବୈଠକରେ ନିଜ ନିଜ ମତ ରଖିଥିଲେ। ତେବେ ସୁଶ୍ରୀ ଶ୍ୱେତା ଖୁରାନା (ଇଣ୍ଟେଲ), ଡ. ମଣି ମଧୁକର (ଆଇବିଏମ୍) ଏବଂ କରଣ ସିଂ (ନାସକମ) ପ୍ରମୁଖ ବକ୍ତା ଭାବେ ଆଭାସୀ ଜରିଆରେ ଯୋଗଦେଇଥିଲେ। ଏହି ଅବସରରେ ଏଆଇ ଏଣ୍ଟରପ୍ରାଇଜ, ଏଆଇ ଆପେଟିଜର୍, ଏଆଇ ଫର୍ ଅଲ୍ ଏବଂ ଇଣ୍ଟେଲର ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଫ୍‌ଡିପି) ଭଳି ପଦକ୍ଷେପର ଶୁଭାରମ୍ଭ ହୋଇଥିଲା। ପ୍ରଫେସର ଡ. ଗୋପୀନାଥ ପଲାଇ ଧନ୍ୟବାଦ ଦେଇଥିଲେ। ଆସୋସିଏଟ ପ୍ରଫେସର ଡ. ସତ୍ୟଜିତ୍ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଫ୍‌ଇଟି ଡିନ୍ ଡ. ରବିନାରାୟଣ ଶତପଥୀ ଏଥିରେ ତତ୍ତ୍ୱାବଧାନ କରିଥିଲେ।

## ଶିବିରରୁ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ

ଅନ୍ୟପଟେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଶ୍ରୀଶ୍ରୀ ଆୟୁର୍ବେଦିକ ବିଜ୍ଞାନ ଓ ଗବେଷଣା ଚିକିତ୍ସାଳୟରେ ‘ପରିଚାଳନା ଅଧ୍ୟୟନ ବିଭାଗ’ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରୁ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡା. ସ୍ମିତା ମହାପାତ୍ରଙ୍କ ସମେତ କଟକ ଏସ୍‌ସିବିଏମ୍‌ସିଏଚ୍ ଟ୍ରାନ୍ସଫ୍ୟୁଜନ ମେଡିସିନର ସହଯୋଗୀ ପ୍ରାଧ୍ୟାପିକା ଡାକ୍ତର ସୁସ୍ମିତା ବେହେରା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ବାରବାଟୀ ବିଧାୟକ ସୋଫିଆ ଫିର୍ଦ୍ଦୋସ ଯୋଗଦେଇଥିଲେ।

# ଇଣ୍ଡିଆନ୍ ଅଏଲ୍ ପାଇପ୍ ଲାଇନ ସୁରକ୍ଷା ପାଇଁ ଡ୍ରୋନ୍ ସର୍ଭିଲାନ୍ସ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ ଅଏଲ୍ ଏବଂ ଗ୍ୟାସ୍ ପାଇପ୍ ଲାଇନ ସୁରକ୍ଷା ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଡ୍ରୋନ୍ ସର୍ଭିଲାନ୍ସ ଆରମ୍ଭ କରିଛି। କମ୍ପାନୀ ପକ୍ଷରୁ ପ୍ରାକୃତିକ ଗ୍ୟାସ୍, ଅଶୋଧିତ ତୈଳ ସହ ଅନ୍ୟ ପେଟ୍ରୋଲିୟମ ଉତ୍ପାଦ ଯୋଗାଣ କରାଯାଉଥିବା ପାଇପ୍ ଲାଇନର ସୁରକ୍ଷା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପାଇପ୍ ଲାଇନରେ ଅନଧିକାର ଖନନ, ଚୋରି ତଥା କ୍ଷତି ପହଞ୍ଚାଉଥିବା କାରକ ଉପରେ ନଜର ରଖିବ। କେବଳ ପାଇପ୍ ଲାଇନ ଯାଇଥିବା ସ୍ଥାନରେ ଏହି ଡ୍ରୋନ୍ ଉଡ଼ିବ ଏବଂ ଏହା ଯେପରି କୌଣସି ବ୍ୟକ୍ତିବିଶେଷଙ୍କୁ ହାନି ନ ପହଞ୍ଚାଏ ସେଥିପ୍ରତି କମ୍ପାନୀ ସଜାଗ ରହିବ।

# ଖାଲି ଆଖିରେ ଦେଖାଯିବ ୪ ଗ୍ରହ

ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ)

ଖାଲି ଆଖିରେ ଦେଖିହେବ ୪ଟି ଗ୍ରହ। ସୂର୍ଯ୍ୟଙ୍କ ଚାରିପଟେ ବୁଲୁଥିବା ୮ଟି ଗ୍ରହ ମଧ୍ୟରୁ ଶୁକ୍ର, ମଙ୍ଗଳ, ବୃହସ୍ପତି ଏବଂ ଶନି ଗ୍ରହ ଜାନୁଆରୀ ୩୧ ପର୍ଯ୍ୟନ୍ତ ଖାଲି ଆଖିରେ ଦେଖାଯାଇପାରିବେ। ପଶ୍ଚିମ ଦିଗ୍‌ବଳୟର କିଛି ଉପରେ ଉଜ୍ଜ୍ୱଳ ଶୁକ୍ର ଗ୍ରହ ଦେଖାଯାଉଥିବାବେଳେ ତା’ର କିଛି ତଳକୁ ଈଷତ୍ ହଳଦୀ ରଙ୍ଗର ଶନି ଗ୍ରହ ଦେଖାଯିବ। ପୂର୍ବ ଦିଗ୍‌ବଳୟରେ ମଙ୍ଗଳ ଗ୍ରହ ଓ ମୁଣ୍ଡ ଉପରେ ଥିବା ଉଜ୍ଜ୍ୱଳ ବୃହସ୍ପତି ଗ୍ରହ ଦେଖିବାକୁ ମିଳିବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ରାତି ବଢିବା ସହ ଏହି ଗ୍ରହଗୁଡ଼ିକ ଘଣ୍ଟାକୁ ୧୫ ଡିଗ୍ରୀ ବେଗରେ ପୂର୍ବରୁ ପଶ୍ଚିମ ଆଡ଼କୁ ଗତି କରି କ୍ରମାନ୍ୱୟରେ ଅସ୍ତ ହେବେ। ରାତି ୮ଟା ୩୦ ବେଳକୁ ପ୍ରଥମେ ଶନି ଓ ପରେ ଶୁକ୍ର ଗ୍ରହ ଅସ୍ତ ହେବେ। ସେହିପରି ଫେବୃଆରୀ ୨୮ ତାରିଖ ଭୋର ସମୟରେ ଏଭଳି ଗ୍ରହ ସମାବେଶ ଦେଖିବାକୁ ମିଳିବ। ଗ୍ରହମାନଙ୍କର ଏହି ସମାବେଶକୁ ‘୪ ପ୍ଲାନେଟ ପରେଡ୍’ କୁହାଯାଏ। ଏହି ସୁନ୍ଦର ମହାଜାଗତିକ ଦୃଶ୍ୟ ମେଘମୁକ୍ତ ଥିବା ଭାରତ ତଥା ଓଡ଼ିଶାର ସବୁ ଅଞ୍ଚଳରେ ଖାଲି ଆଖିରେ ଦେଖିହେବ। ଏହାର କୌଣସି ପ୍ରଭାବ କାହା ଉପରେ ପଡ଼ିବ ନାହିଁ ବୋଲି ପଟ୍ଟନାୟକ କହିଛନ୍ତି।



## ଟ୍ରକ୍ ପଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ୍, ଜଣେ ମୃତ

ମଙ୍ଗୁଳି-ଜଗତପୁର, ୨୧।୧ (ମାନସ ସାମଲ)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ଟୋଲ୍‌ଗେଟ୍ ନିକଟ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ପିକ୍‌ଅପ୍ ଭ୍ୟାନ୍ ପିଟି ହୋଇଯାଇଛି। ଫଳରେ ପିକ୍‌ଅପ୍ ଭ୍ୟାନ୍‌ରେ ବସିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ସିଙ୍ଗିପୁର ଅଞ୍ଚଳର ଧନେଶ୍ୱର ଦାସ(୫୫)। ଟ୍ରକ୍‌ଟି ରାସ୍ତାପାର୍ଶ୍ୱରେ ଛିଡା ହୋଇଥିଲା। ମଙ୍ଗଳବାର ଭୋର ପ୍ରାୟ ୫ଟାରେ ଛତିଆରୁ କଟକ ଅଭିମୁଖେ ଆସୁଥିବା ପିକ୍‌ଅପ୍ ଭ୍ୟାନଟି ଭାରସାମ୍ୟ ହରାଇ ସେଥିରେ ପିଟି ହୋଇଯାଇଥିଲା। ଭ୍ୟାନ୍‌ରେ ବସିଥିବା ଧନେଶ୍ୱରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୧୦ ଲକ୍ଷ ଠକେଇ, ମୁଖ୍ୟ ଅଭିଯୁକ୍ତ ଗିରଫ

କଟକ,୨୧।୧(କାର୍ତ୍ତିକ ସାହୁ)- ନକଲି ମୋବାଇଲ୍ ଆପ୍ ମାଧ୍ୟମରେ ଅଧିକ ଲାଭ ଦେବାର ଲୋଭ ଦେଖାଇ ୧୦ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ କଟକ ସାଇବର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ରାୟଗଡ଼ା ଜିଲା ମୁନିଗୁଡ଼ା ମେନ୍‌ରୋଡ୍ ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ପୋଦାପଡ଼ା ଗ୍ରାମର ସୁରେନ୍ଦ୍ର ସାହୁ(୪୨)। ତାଙ୍କଠାରୁ ୨ଟି ମୋବାଇଲ ଜବତ କରାଯାଇଛି। ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୯ର ବିକ୍ରମ କେଶରୀ ଭୂୟାଁ ଏନେଇ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୯/୨୪) ରୁଜୁକରି ତଦନ୍ତ ଚଳାଇଥିଲା।

ବିକ୍ରମଙ୍କ ଅଭିଯୋଗ ଅନୁସାରେ, କଟକ ଅଲିଙ୍ଗ କସର୍ଦ୍ଦା ଗ୍ରାମର ସୋମନାଥ ଶର୍ମା ସିଡିଏ ସେକ୍ଟର-୧୦ ଅଞ୍ଚଳରେ ରହୁଥିଲେ। ସେ ବିକ୍ରମଙ୍କୁ ବାଦାମବାଡ଼ି ଅଞ୍ଚଳର ଏକ ହୋଟଲରେ କାମ କରୁଥିବା କେଶବ ଗୌଡ଼ଙ୍କ ସହ ୨୦୨୪ ମାର୍ଚ୍ଚ ୧୩ ତାରିଖରେ ପରିଚିତ କରାଇଥିଲେ। କେଶବ ଟ୍ରେଡିଂ ବ୍ୟବସାୟରେ ଅର୍ଥ ବିନିଯୋଗ କରି ୬ ମାସରେ ବହୁ ଲାଭ ପାଇବାର ପ୍ରତିଶ୍ରୁତି ବିକ୍ରମଙ୍କୁ ଦେଇଥିଲେ। ପୋଲିସ ତଦନ୍ତ ଅନୁସାରେ, ସୁରେନ୍ଦ୍ର ସାହୁ ନାମକ ବ୍ୟକ୍ତି ଫର୍କ୍ସ ନାମକ ଏକ ନକଲି କମ୍ପାନୀ ଖୋଲି ଥାଇଲାଣ୍ଡରୁ ବେଆଇନ ଭାବେ ତାହାକୁ ପରିଚାଳନା କରୁଥିଲେ। ଏକ ନକଲି ମୋବାଇଲ୍ ଆପ୍ ଜରିଆରେ ମଧ୍ୟ ସେ ଲୋକଙ୍କୁ ଅର୍ଥ ବିନିଯୋଗ କରି ଅଧିକ ରୋଜଗାର କରିବାର ଲୋଭ ଦେଖାଉଥିଲେ। ପ୍ରାଥମିକ ଅବସ୍ଥାରେ ସେ ଠକାମିର ଶିକାର ହୋଇଥିବା ଲୋକମାନଙ୍କୁ ଭଲ ରୋଜଗାର ଫେରାଇ ଅଧିକରୁ ଅଧିକ ଲୋକଙ୍କୁ ତାଙ୍କ ନେଟ୍‌ୱାର୍କରେ ଯୋଡ଼ିବାରେ ସକ୍ଷମ ହେଉଥିଲେ। ଏପରି କି ଲୋକମାନଙ୍କୁ ଥାଇଲାଣ୍ଡ ଭ୍ରମଣର ସୁଯୋଗ ସୃଷ୍ଟି କରୁଥିଲେ। ଏଥିସହ ଥାଇଲାଣ୍ଡରେ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ କରୁଥିଲେ। ଏସବୁ କରିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି ହେଉଥିଲା। ଏଭଳି ବିଶ୍ୱାସ କରି ଅଭିଯୋଗକାରୀ ବିକ୍ରମ ୧୦ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ଏହିପରି ଭାବରେ ଅନେକ ଲୋକ ମୋଟା ଅଙ୍କର ଅର୍ଥ ଉକ୍ତ ମୋବାଇଲ ଆପ୍‌ରେ ବିନିଯୋଗ କରିଥିଲେ। ଏହାପରେ ଉକ୍ତ ଆପ୍‌କୁ ନିଷ୍କ୍ରିୟ କରିଦିଆଗଲା ଓ ମାଷ୍ଟରମାଇଣ୍ଡ ସୁରେନ୍ଦ୍ର ସାହୁ ନିଖୋଜ ହୋଇଗଲେ। ଏ ନେଇ ସାଇବର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ମୁନିଗୁଡ଼ାରୁ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ କରିଛି। ଏହି ମାମଲାରେ ଜଡ଼ିତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି।

## ଲକ୍ଷପତି ଦିଦି ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଦେଇଥିବା ମହିଳାମାନେ ।

ତିଗିରିଆ,୨୧।୧(ଜାଫର ଖାଁ) ତିଗିରିଆ ବ୍ଲକ ୩ ପଞ୍ଚାୟତ ଯଥା ଜେମାଦେଇପୁର, ଗଦାଧରପୁର ଓ ନିଜିଗଡ ପଞ୍ଚାୟତରେ ମଙ୍ଗଳବାର ବ୍ଲକ ମିଶନ ଶକ୍ତି ବିଭାଗ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଲକ୍ଷପତି ଦିଦି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜେମାଦେଇପୁର ମିଶନ ଶକ୍ତି କାର୍ଯ୍ୟାଳୟରେ ମୁଖ୍ୟଅତିଥି ଭାବେ ପଞ୍ଚାୟତସ୍ତରୀୟ ସଭାନେତ୍ରୀ ଅନସୂୟା ପ୍ରଧାନ, ସମ୍ମାନିତ ଅତିଥିଭାବେସମ୍ପାଦିକା ସୁଷମା ରାଉତ ବିଏଲ୍‌ସି ଧର୍ମରାଜ ଜେନା, ଦକ୍ଷ ନଥିପତ୍ର ଲେଖିକା ସସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷିକା ଭାବେ ଗୋଷ୍ଠୀ ସହାୟିକା ଜାହାନାରା ବେଗମ, ତୃପ୍ତିମୟୀ ଚିନ୍ନରା, ଉର୍ମିଳା ଦେଈ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନିଜିଗଡ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତିଗିରିଆ ବିପିଏମ୍ ପ୍ରଦୀପ କୁମାର ସିଂହ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ଓ ସରପଞ୍ଚ ସଂଯୁକ୍ତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପଞ୍ଚାୟତସ୍ତରୀୟ ସଭାନେତ୍ରୀ ରତ୍ନା ପଟ୍ଟନାୟକ ଉପସ୍ଥିତ ଥିଲେ। ଗୋଷ୍ଠୀ ସହାୟିକାମାନେ ପ୍ରଶିକ୍ଷଣ ଦେଇଥିଲେ। ଗଦାଧରପୁରରେ ପୂର୍ବତନ ମିଶନ ଶକ୍ତି ସଭାନେତ୍ରୀ ରୁପା ଦଳେଇ, ବିପିଏମ୍ ପ୍ରଦୀପ ସିଂହ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ସିଆରପିମାନେ ପ୍ରଶିକ୍ଷଣ ଦେଇଥିଲେ।

## ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଇଲେ ଜିଲାପାଳ

ସାଲେପୁର,୨୧।୧(ଅରବିନ୍ଦ ଭୂୟାଁ)

କଟକ-ଚାନ୍ଦବାଲି ରାସ୍ତାର ଜଗତପୁର ଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ କଟକ ଜିଲାପାଳ ରୋକୋ ଲଗେଇଛନ୍ତି।

ପ୍ରକାଶ ଯେ, ଦୈନନ୍ଦିନ କଟକ-ଚାନ୍ଦବାଲି ରାସ୍ତା ଦେଇ ପାରାଦୀପ ଅଭିମୁଖେ ଶତାଧିକ ସଂଖ୍ୟକ ଭାରୀଯାନ ଯାତାୟାତ କରୁଛି। ଫଳରେ ଭାରିଯାନ ଚଳାଚଳ ଯୋଗୁ ରାସ୍ତାରେ ନିୟମିତ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟୁଛି। ଭାରିଯାନ ପାଇଁ ସାଲେପୁର ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏପରିକି ଅଧିକାଂଶ ସମୟରେ ସାଲେପୁର ରାସ୍ତା ଜାମ୍ ରହିବାରୁ ଜରୁରିକାଳୀନ ଗାଡ଼ି ଯାତାୟାତରେ ବାଧା ଉପୁଜିଛି। ଭାରିଯାନ ଚଳାଚଳ ଯୋଗୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଟିକସ ଫାଙ୍କିବାପାଇଁ ଏହି ରାସ୍ତା ଦେଇ ଦୈନନ୍ଦିନ ଆଇରନ୍ ଟ୍ରକ୍‌ଠାରୁ ଆରମ୍ଭ କରି ବହୁ ଭାରିଯାନ ଯାତାୟାତ କରିଥାଏ। ଏହି ଯାନ ଗୁଡିକ ରାସ୍ତାରେ ନିୟମିତ ଯାତାୟତ କରିବାରୁ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଶେଷରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଜଗତ୍‌ପୁରରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ ରୋକ୍ ଲଗାଇଛନ୍ତି। ଏହି ରାସ୍ତାରେ ଜାନୁଆରୀ ୨୨ରୁ ଫେବୃୟାରୀ ୨୧ତାରିଖ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇଛନ୍ତି। ବିଶେଷ କରି ୬ଚକିଆ ଯାନରୁ ଉର୍ଦ୍ଧ୍ୱ ଚକିଆ ଭାରିଯାନ ୧୮.୫ଟନ୍‌ରୁ ଉର୍ଦ୍ଧ୍ୱ ଓଜନର ସାମଗ୍ରୀ ନେଇ ଏହି ରାସ୍ତାରେ ଯାତାୟାତ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏନେଇ ବୁଧବାରଠାରୁ ଏହି ରାସ୍ତାରେ ଭାରିଯାନ ଚଳାଚଳ ନ କରିବା ପାଇଁ ପ୍ରଥମେ ପୋଲିସ ପକ୍ଷରୁ ସଚେତନତା କରାଯିବ। ଯଦି କୌଣସି ଅମାନିଆ ଏହାକୁ ନ ମାନନ୍ତି, ତେବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ପୋଲିସ କହିଛି।

## ସମୟ ପୂର୍ବରୁ ଚାଲିଗଲେ ଡାକ୍ତର, ପ୍ରମାଣପତ୍ର ଆଶାୟୀ ହତାଶ

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ନିଶ୍ଚିନ୍ତକୋଇଲି, ୨୧।୧
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଉଦଯାପିତ ହୋଇଯାଇଛି। ତେବେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ସମୟ ପୂର୍ବରୁ ଶିବିର ଛାଡ଼ିଦେଇଥିବାରୁ ବହୁ ଭିନ୍ନକ୍ଷମ ପ୍ରମାଣପତ୍ର ଆଶାରେ ଆସି ନିରାଶ ହୋଇଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ କଟକ ସିଡିଏମଓ ପ୍ରଶାନ୍ତ କୁମାର ହୋତା,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅମିତ ଜେନା, ବ୍ଲକ ଅଧକ୍ଷା ରୋଜୀ ସେଠୀ,ଉପାଧ୍ୟକ୍ଷ ଅଶୋକ ଓଝା ଯୋଗଦେଇଥିଲେ। ଆୟୋଜିତ ସଭାରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୟୁବେନ୍ଦୁ ଦାଶ ସଭାପତିତ୍ୱ କରିଥିଲେ। ଶିବିରରେ ୪୧ପଞ୍ଚାୟତରୁ ୧୩୦୫ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ସ୍ନାୟୁ ବିଭାଗରେ ୧୩୬, ଇଏନ୍‌ଟିରେ ୧୯୫, ମାନସିକ ୨୪୩, ଚକ୍ଷୁ ୧୬୫ ଓ ଅସ୍ଥିଶଲ୍ୟ ବିଭାଗରେ ୫୬୬ଜଣ ନାମ ପଞ୍ଜୀକରଣ କରିଥିଲେ। ତେବେ ମଧ୍ୟାହ୍ନ ଭୋଜନ ପରେ ଅସ୍ଥିଶଲ୍ୟ ବିଭାଗର ବିଭାଗୀୟ ଡାକ୍ତର ଶିବିର ଛାଡି ପଳାଇଯାଇଥିଲେ। ଫଳରେ ବହୁ ଭିନ୍ନକ୍ଷମ ନିରାଶ ହୋଇ ଫେରିବାକୁ ପଡ଼ିଛି। ଠିକ୍ ଢଙ୍ଗରେ ପ୍ରଚାର ପ୍ରସାର ହୋଇ ନ ଥିବା ଓ ଶିବିର ସଂଯୋଜନାରେ ତ୍ରୁଟି ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ଦୂର ଦୂରାନ୍ତରୁ ଭିନ୍ନକ୍ଷମମାନେ ଆସିପାରି ନ ଥିଲେ। ଏସମ୍ପର୍କରେ ସମାଜ ସୁରକ୍ଷା ଅଧିକାରୀ ସୁନିଲ ପାତ୍ର କୁହନ୍ତି, ଯେଉଁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇପାରିନାହିଁ ସେମାନଙ୍କ ଆବେଦନ ଫର୍ମ ସିଡିଏମଓଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯିବ। ସେଠାରେ ପରୀକ୍ଷା ନିରୀକ୍ଷା କରି ଆବଶ୍ୟକୀୟ ପ୍ରମାଣପତ୍ର ଦିଆଯିବ।

## ୨ ସମିତିରେ ଖୋଲିଲା ଧାନମଣ୍ଡି

ଆଠଗଡ/ବାଙ୍କୀ, ୨୧।୧
(ସତ୍ୟ ପ୍ରସାଦ ରଥ/ଶୁଭେନ୍ଦୁ ମହାପାତ୍ର)

ଆଠଗଡ଼ ବ୍ଲକରେ ନୂତନଭାବେ ଗଠିତ ସଠିଲୋ ସେବା ସମବାୟ ସମିତିଅଧୀନରେ ଖରିଫ ଋତୁରେ ଚାଷୀମାନଙ୍କ ଠାରୁ ଧାନ କିଣିବା ନିମନ୍ତେ ମଣ୍ଡି ଖୋଲିଛି। ପ୍ରଥମ ଦିନରେ ପଞ୍ଜୀକୃତ ତଥା ଟୋକନ ପାଇଥବା ୨୦ଜଣ ଚାଷୀଙ୍କ ଠାରୁ ୫୦୦କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା।ରାଜ୍ୟ ସରକାର ଦାରା ନିଯୁକ୍ତ ଆଠଗଡ଼ ବ୍ଲକ ବେଡଖୋଲି ଗ୍ରାମସ୍ଥିତ ଶ୍ରୀଗୁରୁ ରାଇସ ମିଲ ପକ୍ଷରୁ ଚାଷୀମାନଙ୍କଠାରୁ ଧାନ କ୍ରୟ କରାଯାଇଥିଲା। ସେହିପରି ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ସେବା ସମବାୟ ସମିତିରେ ପ୍ରଥମ ଧାନମଣ୍ଡି ଖୋଲାଯାଇଛି। ସମ୍ପାଦିକା ସୁଚିସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେବା ସମବାୟ ସମିତି ସଭାପତି ତରୁଣ କୁମାର ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।



# ଜବରଦଖଲ ମୁକ୍ତ ଦାବିରେ ଅନଶନ

**ବେଗୁନିଆ,୨୧।୧ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ଗୋଚର ଏବଂ ସର୍ବସାଧାରଣ ଜାଗାରୁ ଜବରଦଖଲ ଉଚ୍ଛେଦ କଲାନି ପ୍ରଶାସନ। ଏହାର ପ୍ରତିବାଦରେ ମଙ୍ଗଳବାର ଦିନିଆରୀ ଗ୍ରାମର ଜ୍ୟୋତିର୍ମୟୀ ମହାପାତ୍ର ବେଗୁନିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ।

ଅଭିଯୋଗ ମୁତାବକ, ବେଗୁନିଆ ତହସିଲ କୁରାଡ଼ିଲ୍ଲ ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ଦିନିଆରୀ ମୌଜାର ଏକ ଗୋଚର ଏବଂ ସର୍ବସାଧାରଣ ଜାଗାକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଖାତା ନଂ. ୩୧୫, ପ୍ଲଟ୍ ନଂ.୧୦୮୨



ତହସିଲ କାର୍ଯ୍ୟାଳୟ ଆଗରେ ଜ୍ୟୋତିର୍ମୟୀ ମହାପାତ୍ର ଅନଶନରେ ବସିଛନ୍ତି।

ରକବା ଏବଂ ଖାତା ନଂ.,୩୧୪, ପ୍ଲଟ୍ ନଂ. ୧୦୭୭ ରକବା ଜାଗାକୁ ନିଜ କବ୍ଜାରେ ରଖିଛନ୍ତି। ଏଥିଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଉକ୍ତ ଗୋଚର ଜାଗା ସଂଲଗ୍ନ ତାଙ୍କ ବାସଗୃହ ପାର୍ଶ୍ୱରେ ଜୋରଜବରଦସ୍ତ ନିଅଁ ଖୋଳି ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ। ଉକ୍ତ ଗୋଚର ଜାଗାକୁ ଜବରଦଖଲ କରି ବିଭିନ୍ନ କିସମର ଗଛ ଲଗାଇଛନ୍ତି। ଏନେଇ ଜ୍ୟୋତିର୍ମୟୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ଗତ ଏପ୍ରିଲ ୧୩ରେ ତହସିଲଦାରଙ୍କ ପକ୍ଷରୁ ଉକ୍ତ ଜାଗାର ମାପଚୁପ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରେ ମଧ୍ୟ ଉକ୍ତ ଅବରୋଧକାରୀଙ୍କୁ ଏପର୍ଯ୍ୟନ୍ତ ହଟାଗଲାନାହିଁ। ଦିନକୁ ଦିନ ଜବରଦଖଲ କରିଥିବା ବ୍ୟକ୍ତି ଜଣଙ୍କ ଅପ୍ରୀତିକର କାର୍ଯ୍ୟ କରିଚାଲିଛନ୍ତି। ଏହାର ପ୍ରତିବାଦରେ ଅନଶନରେ ବସିଛନ୍ତି ବୋଲି ଜ୍ୟୋତିର୍ମୟୀ କହିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଜାରି ରହିବ ବୋଲି ସେ କହିଛନ୍ତି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଏବଂ ତହସିଲଦାର ତାପସ ବିଶି ଅନଶନରେ ବସିଥିବା ଜ୍ୟୋତିର୍ମୟୀଙ୍କ ସହ ଆଲୋଚନା କରିବା ସହ ଆଇନ ଅନୁଯାୟୀ ସ୍ଥାୟୀ ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ତହସିଲ୍‌ଦାର ବିଶି କହିଛନ୍ତି, ଉକ୍ତ ଜାଗାର ମାପଚୁପ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଉପଜିଲାପାଳଙ୍କ ନିକଟରେ ଫାଇଲ ପଡ଼ିଛି। ଆଦେଶ ମିଳିବା ପରେ ଉଚ୍ଛେଦ ପ୍ରକ୍ରିୟା ଜାରି ହେବ।

# ୪୯୫ ଜଣଙ୍କୁ ମିଳିଲା ଭିନ୍ନକ୍ଷମ ପ୍ରମାଣପତ୍ର

**ବାଲୁଗାଁ,୨୧।୧(ସଂଗ୍ରାମ ପାଇକରାୟ):** ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏବଂ ଜିଲା ପ୍ରଶାସନର ସହାୟତାରେ ମଙ୍ଗଳବାର ଚିଲିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ହଳଧର ଶବର, ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ପାଢ଼ୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୋଟ୍ ୭୮୦ଜଣ ଶିବିରରେ ନାମ ପଞ୍ଜୀକରଣ କରିଥିଲେ। ଡାକ୍ତରଙ୍କ ଦ୍ୱାରା ପରୀକ୍ଷଣ ପରେ ସେମାନଙ୍କ ମଧ୍ୟରୁ ୪୯୫ ଜଣଙ୍କୁ ଭିନ୍ନକ୍ଷମ ପରିଚୟପତ୍ର ପ୍ରଦାନ କରାଯାଇଛି। ଏଥିସହ ବିଭିନ୍ନ ବର୍ଗର ୩୩୪ ଜଣଙ୍କୁ ଟ୍ରାଇ ସାଇକେଲ, ହୁଇଲ ଚେୟାର, ଆଶାବାଡ଼ି ଆଦି ସହାୟତା ବଣ୍ଟନ ନିମନ୍ତେ ଚୟନ କରାଯାଇଛି। ପ୍ରବଳ ଭିଡ଼ ଯୋଗୁ କେତେଜଣ ପଞ୍ଜୀକୃତ ହିତାଧିକାରୀ ପରୀକ୍ଷଣରୁ ବଞ୍ଚିତ ହୋଇ ଫେରିଯାଉଥିବା ଦେଖିବାକୁ ମିଳିଥିଲା।

# ଖାଲି ଆଖିରେ ଦେଖାଯିବ ୪ ଗ୍ରହ

**ଭୁବନେଶ୍ୱର,୨୧।୧(ସୁଚିସ୍ମିତା ସାହୁ):** ଖାଲି ଆଖିରେ ଦେଖିହେବ ୪ଟି ଗ୍ରହ। ସୂର୍ଯ୍ୟଙ୍କ ଚାରିପଟେ ବୁଲୁଥିବା ୮ଟି ଗ୍ରହ ମଧ୍ୟରୁ ଶୁକ୍ର, ମଙ୍ଗଳ, ବୃହସ୍ପତି ଏବଂ ଶନି ଗ୍ରହ ଜାନୁଆରୀ ୩୧ ପର୍ଯ୍ୟନ୍ତ ଖାଲି ଆଖିରେ ଦେଖାଯାଇପାରିବେ। ପଶ୍ଚିମ ଦିଗ୍‌ବଳୟର କିଛି ଉପରେ ଉଜ୍ଜ୍ୱଳ ଶୁକ୍ର ଗ୍ରହ ଦେଖାଯାଉଥିବାବେଳେ ତା'ର କିଛି ତଳକୁ ଈଷତ୍ ହଳଦୀ ରଙ୍ଗର ଶନି ଗ୍ରହ ଦେଖାଯିବ। ପୂର୍ବ ଦିଗ୍‌ବଳୟରେ ମଙ୍ଗଳ ଗ୍ରହ ଓ ମୁଣ୍ଡ ଉପରେ ଥିବା ଉଜ୍ଜ୍ୱଳ ବୃହସ୍ପତି ଗ୍ରହ ଦେଖିବାକୁ ମିଳିବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ରାତି ବଢିବା ସହ ଏହି ଗ୍ରହଗୁଡ଼ିକ ଘଣ୍ଟାକୁ ୧୫ ଡିଗ୍ରୀ ବେଗରେ ପୂର୍ବରୁ ପଶ୍ଚିମ ଆଡ଼କୁ ଗତି କରି କ୍ରମାନ୍ୱୟରେ ଅସ୍ତ ହେବେ। ରାତି ୮ଟା ୩୦ ବେଳକୁ ପ୍ରଥମେ ଶନି ଓ ପରେ ଶୁକ୍ର ଗ୍ରହ ଅସ୍ତ ହେବେ।

# କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ବାଣପୁର,୨୧।୧(ଦିଲୀପ କୁମାର ସ୍ୱାଇଁ)**

ପାଇକ କବିଭାବେ ପରିଚିତ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ୧୧୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଜନ୍ମମାଟି ଭୀମପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭୁବନେଶ୍ୱର ଏବଂ କୃଷ୍ଣଚନ୍ଦ୍ର ପାଠାଗାର ଭୀମପୁରର ମିଳିତ ଆନୁକୂଲ୍ୟରେ ବାନାମ୍ବର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ସେନାପତି ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ଡା.ଦେବେନ୍ଦ୍ରନାଥ ମାନସିଂହ ମୁଖ୍ୟ ଅତିଥି, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ ମୁଖ୍ୟ ବକ୍ତା, ଗ୍ରାମୀଣ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା କୃଷ୍ଣଚନ୍ଦ୍ର ସାହିତ୍ୟ ବିଶାରଦ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଗୋଦାବରୀଶ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ପୂର୍ବତନ ଅଧ୍ୟାପକ ଭାଷାତତ୍ତ୍ୱବିତ୍ ଡ.ଚାନ୍ଦକିଶୋର ତ୍ରିପାଠୀ, ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଗ୍ରାମ କେଶରୀ ସାହୁଙ୍କୁ 'କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଅଶୋକ ନନ୍ଦ, ଅଧ୍ୟାପକ ଜ୍ୟୋର୍ତିମୟ ତ୍ରିପାଠୀ, ଉପଦେଷ୍ଟା ବୈରାଗୀ ଚରଣ ବେହେରା, ଆମ ବିଦ୍ୟାଳୟ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସମ୍ପାଦନାରେ ଏହି ସମାରୋହରେ ପାଠାଗାରର ସମ୍ପାଦକ ମଧୁସୂଦନ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ବିଭୂତି ଭୂଷଣ ନନ୍ଦ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟୁଷରେ କବି କୃଷ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କବିଙ୍କ ରଚିତ ପାଇକ କବିତା 'ଏଇ ଯେ ଦିଶୁଛି ଲାଲମାଟିର ଖୋର୍ଦ୍ଧା ଗଡ଼' ଏବଂ ଅନ୍ୟାନ୍ୟ କବିତାଗୁଡ଼ିକ ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା।

# ୯ ମୃତ ବିଦେଶାଗତ ପକ୍ଷୀ ଜବତ

**ଟାଙ୍ଗୀ,୨୧।୧(ରଘୁନାଥ ସାହୁ)**

ଶୀତର ପ୍ରକୋପ ବଢ଼ିଥିବା ବେଳେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ମଧ୍ୟ ହୋଇଛି। ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ୍ ଅଞ୍ଚଳର ବିଲ ଗହୀରରେ ବୁଲୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଶିକାରୀମାନେ ସକ୍ରିୟ ହେବା ସହ ପକ୍ଷୀ ଶିକାର କରୁଥିବା ନଜିର ରହିଛି। ମଙ୍ଗଳବାର ବିଭାଗୀୟ କର୍ମଚାରୀମାନେ ଚିଲିକାକୂଳ ବାୟାବାଙ୍କ ନିକଟରେ ଚଢ଼ାଉ କରି ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରିବା ସହ ୯ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ରତନପୁର ଗ୍ରାମର ମୁନା ପାତ୍ର। ବିଷ ଦେଇ ପକ୍ଷୀଙ୍କୁ ଶିକାର କରିବା ସହ ତାହାକୁ ବାହାରେ ବିକ୍ରି କରୁଥିବା



ଅଭିଯୁକ୍ତ ସ୍ୱୀକାର କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ ଏବଂ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ହେଲେ ପକ୍ଷୀ ଶିକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଦେଖାଯାଉଛି। ଫଳରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରୁ ଶିକାରୀମାନେ ଧରାପଡୁଛନ୍ତି।

# 'ଶିକ୍ଷା ବିକାଶର ଚାବିକାଠି'




**ବୋଲଗଡ଼,୨୧।୧(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହିସ୍ଥିତ ସରକାରୀ ରଘୁନାଥ ମଧୁସୂଦନ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ଯୋଗଦେଇ 'ଶିକ୍ଷା ବିକାଶର ଚାବିକାଠି' ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାନାମ୍ବର ମାଝି, ଏବିଇଓ ଅମିତ୍ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା ଏବଂ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ଆଲୁମ୍ନି ସଭାପତି, ପରିଚାଳନା କମିଟି ସଭାପତି ଓ ସମ୍ପାଦକ, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ଶିକ୍ଷକ ହୀମାଦ୍ରି ମହାପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମୁନା ଖଟୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୪ ମସିହା ମାଟ୍ରିକ୍ ପରୀକ୍ଷାରେ ଉକ୍ତ ବିଦ୍ୟାଳୟରୁ ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରତିଭା ରଣସିଂହ ଧନ୍ୟବାଦ ଦେଇଥିଲେ।

# 'ଭଗବଦ୍ ଗୀତାର ସନ୍ଦେଶ' ଶୀର୍ଷକ ଆଲୋଚନାଚକ୍ର

**ଜଟଣୀ, ୨୧।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ 'ଭଗବଦ୍ ଗୀତାର ସନ୍ଦେଶ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ରାଜୀବ କର ପୌରୋହିତ୍ୟ କରିଥିଲେ। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଡ.ପ୍ରମୋଦ ଦାଶ ଯୋଗଦେଇ ଭଗବତ ଗୀତାର ବାର୍ତ୍ତା କିପରି ସର୍ବକାଳୀନ ସର୍ବଜନଗ୍ରାହ୍ୟ ସତ୍ୟ ଉପରେ ଆଧାରିତ ସେ ଦିଗରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ପ୍ରଶାନ୍ତ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସସ୍ମିତା ମୁଦୁଲି ପାଠଚକ୍ରର ଭିତ୍ତିନିବନ୍ଧ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଜିତ ସୁନ୍ଦରାୟ, ଡ.ଅନୁପ ମହାନ୍ତି, ଡ. ଅମିତ ବିକ୍ରମ ପଟ୍ଟନାୟକ, ଡ.ତପନ ମିଶ୍ର, ପ୍ରତାପ ମହାପାତ୍ର, ଦେବପ୍ରସାଦ ମାଲିକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସସ୍ମିତା ମୁଦୁଲି ଧନ୍ୟବାଦ ଦେଇଥିଲେ।



# କ୍ୟାପିଟୋଲ ଦଙ୍ଗାକାରୀଙ୍କୁ କ୍ଷମାଦେଲେ ଟ୍ରମ୍ପ୍

## ଡବ୍ଲ୍ୟୁଏଚ୍ଓ, ପ୍ୟାରିସ୍ ଚୁକ୍ତିରୁ ଓହରିଲା ଆମେରିକା

ୱାଶିଂଟନ,୨୧।୧

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବାର କିଛି ଘଣ୍ଟା ପରେ ଦାୟିତ୍ୱ ଗ୍ରହଣ କରିବା ସହ କେତେଗୁଡ଼ିଏ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଏହି ନିର୍ଦ୍ଦେଶନାମାଗୁଡ଼ିକ ମଧ୍ୟରେ ରହିଛି କ୍ୟାପିଟୋଲ ଦଙ୍ଗାକାରୀଙ୍କୁ କ୍ଷମା, ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରୁ ୱାଶିଂଟନ ଦ୍ୱିତୀୟ ଥର ପାଇଁ ଓହରିବା, ଟିକ୍‌ଟକ୍ ବ୍ୟାନ୍ ସମୟସୀମାକୁ ୭୫ ଦିନ ଘୁଞ୍ଚାଇବା ଏବଂ ବାଇଡେନ୍‌ଙ୍କ ଶାସନ କାଳରେ କାର୍ଯ୍ୟକାରୀ ହୋଇଥିବା ୭୮ଟି ପଦକ୍ଷେପକୁ ରଦ୍ଦ।

ୱାଶିଂଟନ ଡିସିର କ୍ୟାପିଟାଲ ୱାନ୍ ଏରେନାରେ ସମର୍ଥକମାନଙ୍କ ସମ୍ମୁଖରେ ଟ୍ରମ୍ପ୍ ୮ଟି ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିବାବେଳେ ଓଭାଲ ଅଫିସରୁ ଫେରିବା ପରେ ଆଉ କେତେକ ଦସ୍ତାବିଜ୍‌ରେ ଦସ୍ତଖତ କରିଛନ୍ତି। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ପରାଜିତ ହେବା ପରେ ୨୦୨୧ ଜାନୁଆରୀ ୬ରେ କ୍ୟାପିଟୋଲ ହିଲ୍‌ରେ ତାଙ୍କ ସମର୍ଥକମାନେ ଦଙ୍ଗା ସୃଷ୍ଟି କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ତଥା ଦୋଷୀସାବ୍ୟସ୍ତ ୧,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟ୍ରମ୍ପ୍ କ୍ଷମା ଦେଇଛନ୍ତି। ସେମାନେ ଖୁବ୍‌ଶୀଘ୍ର ମୁକୁଳିବେ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହା ବ୍ୟତୀତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ରୁ



ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରି ସମର୍ଥକଙ୍କୁ ଦେଖାଉଛନ୍ତି।

ଆମେରିକା ଓହରିଯିବା ପାଇଁ ଏକ ନିର୍ଦ୍ଦେଶନାମାରେ ଟ୍ରମ୍ପ୍ ସ୍ୱାକ୍ଷର କରିଛନ୍ତି। ସାମରିକ ଏବଂ ଅଳ୍ପ କେତେକ ଅତ୍ୟାବଶ୍ୟକ କ୍ଷେତ୍ରରେ ନିଯୁକ୍ତିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ କ୍ଷେତ୍ରରେ ସଂଘୀୟ ନିଯୁକ୍ତିକୁ ରଦ୍ଦ କରାଯାଇଛି। ୱାର୍କ ଫ୍ରମ୍ ହୋମ୍ ବା ଘରୁ କାର୍ଯ୍ୟ କରିବା ପରମ୍ପରାକୁ ବନ୍ଦ କରାଯାଇଛି। ଏଣିକି ସଂଘୀୟ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସି ପୂର୍ଣ୍ଣକାଳୀନ କାର୍ଯ୍ୟ କରିବେ। ବ୍ୟୟ ସଙ୍କଟ ହ୍ରାସ କରିବାକୁ ପ୍ରତ୍ୟେକ ବିଭାଗ ଓ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ପ୍ରଶାସନର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ସରକାରଙ୍କୁ ଅସ୍ତ୍ର କରିବା ବ୍ୟବସ୍ଥାର ଅନ୍ତ ଘଟାଇବା ପାଇଁ ଉଦ୍ଦିଷ୍ଟ ଏକ୍‌ଜିକ୍ୟୁଟିଭ୍ ଅର୍ଡରେ ରାଷ୍ଟ୍ରପତି ଟ୍ରମ୍ପ୍ ସ୍ୱାକ୍ଷର କରିଛନ୍ତି।

ଆମେରିକାରେ ବେଆଇନ ଭାବେ ପ୍ରବେଶ କରି ରହିଯାଇଥିବା ପ୍ରବାସୀମାନଙ୍କ ପାଇଁ କଠୋର କଟକଣା ଘୋଷଣା କରାଯାଇଛି। ଆମେରିକା-ମେକ୍ସିକୋ ସୀମାକୁ ସୈନ୍ୟ ପଠାଯିବ। ଜନ୍ମସିଦ୍ଧ ଅଧିକାର ନାଗରିକତ୍ୱକୁ ବନ୍ଦ କରାଯିବାକୁ ଉଦ୍ୟମ ହେଉଛି। ଦକ୍ଷିଣ ସୀମାରେ ଟ୍ରମ୍ପ୍ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି।

## ଜନ୍ମସିଦ୍ଧ ଅଧିକାର ନାଗରିକତ୍ୱ ରଦ୍ଦ ହେଲେ ଭାରତୀୟ ପ୍ରଭାବିତ ହେବେ

ଆମେରିକାରେ ଜନ୍ମସିଦ୍ଧ ଅଧିକାର ନାଗରିକତ୍ୱ ରଦ୍ଦ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ବେଆଇନ ଆପ୍ରବାସନ ଏବଂ ଜନ୍ମ ପର୍ଯ୍ୟଟନ ରୋକିବା ଏହାର ଲକ୍ଷ୍ୟ। ଆମେରିକାର ନାଗରିକ ନ ଥିବା ମାଆବାପାଙ୍କଠାରୁ ଜନ୍ମିତ ପିଲାଙ୍କୁ ଆମେରିକୀୟ ନାଗରିକତ୍ୱ ମିଳୁଥିବାବେଳେ ତାହାର ଅନ୍ତ ହେବାକୁ ଯାଉଛି। ମାଆବାପାଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଆମେରିକାର ନାଗରିକ ହୋଇଥିଲେ, ଆଇନଗତ ଭାବେ ସ୍ଥାୟୀ ବାସିନ୍ଦା (ଗ୍ରୀନ୍‌କାର୍ଡ ଧାରକ) ହୋଇଥିଲେ କିମ୍ବା ଆମେରିକା ସେନାର ସଦସ୍ୟ ହୋଇଥିଲେ, ସେମାନଙ୍କଠାରୁ ଜନ୍ମିତ ପିଲାଙ୍କୁ ନାଗରିକତ୍ୱ ମିଳିବ ବୋଲି ଅର୍ଡରରେ କୁହାଯାଇଛି।। ଭାରତ ଓ ଚାଇନା ଭଳି ଦେଶରୁ ବହୁ ସଂଖ୍ୟାରେ ପ୍ରବାସୀ ଆମେରିକାରେ ରହୁଥିବାବେଳେ ସେମାନେ ନିଜର ଫାଇଦା ପାଇଁ ଜନ୍ମସିଦ୍ଧ ଅଧିକାର ବ୍ୟବସ୍ଥାର ଦୁରୁପଯୋଗ କରୁଥିବା ଟ୍ରମ୍ପ୍ ଯୁକ୍ତି ଦର୍ଶାଇଛନ୍ତି। ଫଳରେ ଆମେରିକାରେ ଜନ୍ମିତ ଅନ୍ୟ ଦେଶର ନାଗରିକଙ୍କ ପିଲାମାନଙ୍କୁ ଆଉ ଆମେରିକୀୟ ନାଗରିକତ୍ୱ ମିଳିବ ନାହିଁ। ଫଳରେ ଭାରତ ସମେତ ବିଭିନ୍ନ ଦେଶରୁ ସେଠାରେ ଥିବା ଲୋକେ ପ୍ରଭାବିତ ହେବେ ବୋଲି କୁହାଯାଉଛି। ଆମେରିକାରେ ଭାରତୀୟ-ଆମେରିକୀୟଙ୍କ ସଂଖ୍ୟା ସର୍ବାଧିକ ବଢୁଥିବାବେଳେ ଉପରୋକ୍ତ ପରିବର୍ତ୍ତନ ଦ୍ୱାରା ସେମାନେ ପ୍ରଭାବିତ ହେବେ। ୨୦୨୪ର ରିପୋର୍ଟ ଅନୁଯାୟୀ ଆମେରିକାରେ ୫୪ ଲକ୍ଷ ଭାରତୀୟ-ଆମେରିକୀୟ ରହିଛନ୍ତି, ଯାହାକି ସେଠାର ମୋଟ ଜନସଂଖ୍ୟାର ୧.୪୭ ପ୍ରତିଶତ। ସେଥିରୁ ଦୁଇ-ତୃତୀୟାଂଶ ଆପ୍ରବାସୀ ହୋଇଥିବାବେଳେ ୩୪ ପ୍ରତିଶତ ଆମେରିକାରେ ଜନ୍ମିତ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଟ୍ରମ୍ପ୍ ସ୍ୱାକ୍ଷର କରିଥିବା ନିର୍ଦ୍ଦେଶନାମା ଆଇନଗତ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରେ। କାରଣ ସାମ୍ବିଧାନିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ, ଯାହା ଚ୍ୟାଲେଞ୍ଜ ଏବଂ କଷ୍ଟକର ହେବ। ଏଥିପାଇଁ ଉଭୟ ହାଉସ୍ ଏବଂ ସିନେଟରୁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଭୋଟ ଆବଶ୍ୟକ। ନୂଆ ସିନେଟ୍‌ରେ ଡେମୋକ୍ରାଟ୍ ସଦସ୍ୟଙ୍କ ସଂଖ୍ୟା ୪୭ ହୋଇଥିବାବେଳେ ରିପବ୍ଲିକାନ୍ ସଦସ୍ୟ ସଂଖ୍ୟା ୫୩ ରହିଛି। ସେହିପରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଡେମୋକ୍ରାଟଙ୍କ ସଂଖ୍ୟା ୨୧୫ ଏବଂ ରିପବ୍ଲିକାନ୍‌ସଦସ୍ୟଙ୍କ ସଂଖ୍ୟା ୨୨୦ ଅଛି। ସମ୍ବିଧାନ ସଂଶୋଧନ କରାଇବାରେ ଏହା ପ୍ରତିବନ୍ଧକ ସୃଷ୍ଟି କରିବ।

## ଡିଓଜିଇ ଛାଡ଼ିଲେ ବିବେକ ରାମସ୍ୱାମୀ



ୱାଶିଂଟନ,୨୧।୧

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର କିଛି ଘଣ୍ଟା ପରେ ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗୀ ବିବେକ ରାମସ୍ୱାମୀ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ)ରୁ ଅପ୍ରତ୍ୟାଶିତ ଭାବେ ଇସ୍ତଫା ଦେଇଛନ୍ତି। ସରକାରୀ ବିଭାଗଗୁଡ଼ିକର ଦକ୍ଷତା ବଢ଼ାଇବା ପାଇଁ ଟ୍ରମ୍ପ୍ ଡିଓଜିଇ ଗଠନ କରିବା ସହ ବିଲିୟନେୟାର ଏଲନ୍ ମସ୍କ ଏବଂ ରାମସ୍ୱାମୀଙ୍କୁ ଏହାର ନେତୃତ୍ୱ ଦେଇଥିଲେ। ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ହେବାରେ ବିଫଳ ହୋଇଥିବା ୩୯ ବର୍ଷୀୟ ରାମସ୍ୱାମୀ ଓହିଓର ଗଭର୍ନର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ଯୋଜନା ରଖିଥିବା ସୂଚନା ଦେଇଛନ୍ତି। ଡିଓଜିଇ ଗଠନରେ ସହାୟତା କରିବାର ସମ୍ମାନ ମିଳିଥିଲା। ତେବେ ଏଲନ ଓ ତାଙ୍କ ଟିମ୍ ସରକାରୀ କଳକୁ ସୁଧାରିବାରେ ସଫଳ ହେବେ ବୋଲି ରାମସ୍ୱାମୀ ଦୃଢ଼ୋକ୍ତି କରିଛନ୍ତି। ଆମେରିକାକୁ ପୁଣି ଥରେ ମହାନ୍ କରିବାରେ ଆମେ ସମସ୍ତେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ସହାୟତା କରିବୁ ବୋଲି ସେ ଏକ୍ସ'ରେ ଲେଖିଛନ୍ତି।

## ସଂକ୍ଷେପରେ

### ତାଇୱାନରେ ଭୂକମ୍ପ: ୨୭ ଆହତ

ତାଇପେଇ, ୨୧।୧

ଦକ୍ଷିଣ ତାଇୱାନରେ ମଙ୍ଗଳବାର ଭୂକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୪ ରେକର୍ଡ ହୋଇଥିବା ନେଇ ୟୁଏସ୍ ଜିଓଲୋଜିକାଲ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି। ତାଇୱାନର ଚିଆଇ କାଉଣ୍ଟି ହଲ୍‌ରୁ ୩୮ କିଲୋମିଟର ଦକ୍ଷିଣପୂର୍ବ ଦିଗରେ ୧୦ କି.ମି. ଗଭୀରତାରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ତେବେ ଏହି ଭୂକମ୍ପରେ ୨୭ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ତାଇୱାନର ଅଗ୍ନିଶମ ବିଭାଗ ସୂଚନା ଦେଇଛି। ଦେଶର ଚିଆଇ ଓ ଟୈନାନ ସହରରେ ଛୋଟରୁ ମଧ୍ୟମ ଧରଣର କ୍ଷୟକ୍ଷତି ହୋଇଥିବା ନେଇ ସ୍ଥାନୀୟ ପ୍ରଶାସନ ସୂଚନା ଦେଇଛି।

### ଶମ୍ଭଲରେ ପୋଲିସ ନିର୍ଯାତନାରୁ ହାଜତ ମୃତ୍ୟୁ ଅଭିଯୋଗ

ଶମ୍ଭଲ, ୨୧।୧

ଉତ୍ତରପ୍ରଦେଶର ଶମ୍ଭଲ ଜିଲା ରାୟା ସତ୍ତି ଥାନାରେ ପୋଲିସ ହାଜତରେ ଜଣେ ବ୍ୟକ୍ତିଙ୍କର ସନ୍ଦିଗ୍ଧ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ଜିଲାର ଖଗ୍ଗୁ ସରାୟ ନିବାସୀ ଇର୍‌ଫାନ ବୋଲି ଜଣାପଡ଼ିଛି। ତେବେ ପୋଲିସ ଔଷଧ ନେବାକୁ ଇର୍‌ଫାନଙ୍କୁ ବାରଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏହାସହ ହାଜତ ମଧ୍ୟରେ ଇର୍‌ଫାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗକୁ ଶମ୍ଭଲର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) କୃଷ୍ଣ କୁମାର ନିରାଧାର ବୋଲି କହିଛନ୍ତି। ଇର୍‌ଫାନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୃଷ୍ଣ କୁମାର କହିଛନ୍ତି।

### କମିଟି ଗଠନ ପାଇଁ ହାଇକୋର୍ଟଙ୍କୁ କହିଲେ ସୁପ୍ରିମକୋର୍ଟ

ବେତନ କମିଶନ ସୁପାରିସ କାର୍ଯ୍ୟକାରିତା

ନୂଆଦିଲ୍ଲୀ,୨୧।୧

ଦ୍ୱିତୀୟ ଜାତୀୟ ବିଚାରପତି ବେତନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ନେଇ ଜିଲାର ବିଚାରବିଭାଗୀୟ ଅଧିକାରୀମାନଙ୍କ ଆପତ୍ତି ଅଭିଯୋଗର ସମାଧାନ କରିବାକୁ ତୁରନ୍ତ କମିଟି ଗଠନ କରିବା ନିମନ୍ତେ ସୁପ୍ରିମକୋର୍ଟ ମଙ୍ଗଳବାର ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷେ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ଅଧିକାଂଶ ହାଇକୋର୍ଟ କମିଟି ଗଠନ କରି ନ ଥିବା ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ କେ. ପରମେଶ୍ୱର ଜଣାଇଥିଲେ। ଫଳରେ ଜଷ୍ଟିସ୍ ବି.ଆର୍. ଗଭାଇ, ଅଗଷ୍ଟାଇନ୍ ଜର୍ଜ ମସିହ ଏବଂ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ସମସ୍ତ ହାଇକୋର୍ଟଙ୍କୁ ୨ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଦଣ୍ଡାଦେଶ ବିରୋଧରେ ଅପିଲ୍ କରିପାରିବେ ପଶ୍ଚିମବଙ୍ଗ ସରକାର




ଆର୍.ଜି. କର ମାମଲାରେ ହାଇକୋର୍ଟଙ୍କ ଅନୁମତି

କୋଲକାତା,୨୧।୧

ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଏବଂ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ସଞ୍ଜୟ ରାୟଙ୍କୁ ସିଆଲଦାର ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିବାବେଳେ ଏହାର ବିରୋଧରେ ପଶ୍ଚିମବଙ୍ଗ ସରକାର ଅପିଲ୍ କରିପାରିବେ। କୋଲ୍‌କାତା ହାଇକୋର୍ଟ ମଙ୍ଗଳବାର ଏଥିପାଇଁ ଅନୁମତି ଦେଇଛନ୍ତି। ସଞ୍ଜୟଙ୍କୁ ମୃତ୍ୟୁଦଣ୍ଡ ପାଇଁ ନିବେଦନ କରି ପିଟିଶନ ଦାଏର କରିବାକୁ ଆଡଭୋକେଟ୍ ଜେନେରାଲ କିଶୋର ଦତ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ସେ ହାଇକୋର୍ଟଙ୍କ ଅନୁମତି ଚାହିଁଥିଲେ।

ସଞ୍ଜୟଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ସିବିଆଇ ପକ୍ଷରୁ ଦାବି ହୋଇଥିବାବେଳେ ମାମଲା ବିରଳରୁ ବିରଳତମ ବର୍ଗରେ ଆସୁନାହିଁ ବୋଲି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅନିର୍ବାଣ ଦାସ କହିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହିତ ୫୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୃତା ଡାକ୍ତରଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ବିଚାରପତି ପଶ୍ଚିମବଙ୍ଗ ସରକାରଙ୍କୁ କହିଥିଲେ। ଦଣ୍ଡାଦେଶକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। କୋଲକାତା ପୋଲିସଠାରୁ ଏହି ମାମଲାକୁ ଛଡ଼ାଇ ନିଆଯାଇ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ପୋଲିସ ତଦନ୍ତ କରିଥିଲେ, ଅପରାଧୀଙ୍କୁ ନିଶ୍ଚୟ ଫାଶୀଦଣ୍ଡ ମିଳିଥାନ୍ତା ବୋଲି ମମତା କହିଥିଲେ। ସିଆଲଦା କୋର୍ଟଙ୍କ ରାୟକୁ ରାଜ୍ୟ ସରକାର କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ସେ ସୂଚନା ଦେଇଥିଲେ।

## 'ଏଆଇ ଯୋଗୁ ଭାରତର ୨୬% ଶ୍ରମଶକ୍ତି ପ୍ରଭାବିତ ହେବ'

ଡାଭୋସ୍,୨୧।୧

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଯୋଗୁ ଭାରତର ସମସ୍ତ ଶିଳ୍ପ ଏବଂ ସେକ୍ଟରଗୁଡ଼ିକରେ ନିୟୋଜିତ ଶ୍ରମଶକ୍ତିର ପ୍ରାୟ ୨୬ ପ୍ରତିଶତ ନିଯୁକ୍ତି ହରାଇବା ସମ୍ଭାବନା ରହିଛି। ସୁଇଜରଲାଣ୍ଡର ଡାଭୋସ୍‌ଠାରେ ଚାଲିଥିବା ବିଶ୍ୱ ଅର୍ଥନୀତି ଫୋରମ୍‌ରେ ଯୋଗଦେବା ଅବସରରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ର ଉପପରିଚାଳନା ନିର୍ଦ୍ଦେଶିକା ଗୀତା ଗୋପୀନାଥ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଏହା କହିଛନ୍ତି। ଏଆଇ ଉପଯୋଗ ଦ୍ୱାରା ଶ୍ରମବଜାର ନିଶ୍ଚିତ ପ୍ରଭାବିତ ହେବ। ତେବେ ଏହାକୁ ସମ୍ପୂର୍ଣ୍ଣ ଭାବେ ନିରାଶା ଏବଂ ଅନିଷ୍ଟ ବୋଲି କୁହାଯାଇପାରିବ ନାହିଁ। କାରଣ ଏଆଇ ଉପଯୋଗ



ଗୀତା ଗୋପୀନାଥ

ଦ୍ୱାରା ଉକ୍ତ ନିଯୁକ୍ତିର ୧୪ ପ୍ରତିଶତ ଉପକୃତ ହେବେ। ତେଣୁ କେବଳ ୧୨ ପ୍ରତିଶତ ଛଟେଇ ଦ୍ୱାରା ପ୍ରଭାବିତ ହେବେ ବୋଲି ଗୋପୀନାଥ କହିଛନ୍ତି।

## ହୋଟେଲରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ଲକ୍ଷ୍ନୌ ୨୧।୧

ଲକ୍ଷ୍ନୌର ଚିନ୍‌ହଟ୍‌ସ୍ଥିତ ଏକ ହୋଟେଲରୁ ମଙ୍ଗଳବାର ନିଲେଶ ଭଣ୍ଡାରୀ ନାମକ ଜଣେ ବ୍ୟବସାୟୀଙ୍କ ମୃତଦେହ ଜବତ ହୋଇଛି। ନିଲେଶ ରାଜସ୍ଥାନର ମୂଳ ନିବାସୀ ହୋଇଥିବାବେଳେ ସେ ବେଙ୍ଗାଲୁରୁରେ ରହି ବ୍ୟବସାୟ କରୁଥିଲେ। ୨ ଦିନ ତଳେ ସେ ତାଙ୍କ ଗର୍ଲଫ୍ରେଣ୍ଡଙ୍କ ସହ ଉକ୍ତ ହୋଟେଲକୁ ଆସି ରହିଥିଲେ।

## ୬ ଦିନ ପରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ସୈଫ୍

ମୁମ୍ବାଇ, ୨୧।୧

ମୁମ୍ବାଇର ବାନ୍ଦ୍ରାସ୍ଥିତ ନିଜ ଘରେ ଛୁରି ଆକ୍ରମଣର ଶିକାର ହେବାର ୬ ଦିନ ପରେ ଅଭିନେତା ସୈଫ୍ ଅଲୀ ଖାନ୍ ମୁମ୍ବାଇର ଲୀଲାବତି ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ତାଙ୍କୁ ଘରକୁ ଆଣିବା ପାଇଁ ସ୍ତ୍ରୀ ତଥା ଅଭିନେତ୍ରୀ କରୀନା କପୁର ଖାନ୍ ଲୀଲାବତି ହସ୍ପିଟାଲରେ ପହଞ୍ଚିଥିଲେ। ମଙ୍ଗଳବାର ଅପରାହ୍ନ ୪ଟା ୪୫ ସମୟରେ ହସ୍ପିଟାଲରୁ ବାନ୍ଦ୍ରାସ୍ଥିତ ନିଜ ବାସଭବନ ଅଭିମୁଖେ ସୈଫ୍ ବାହାରିଥିଲେ। ତାଙ୍କ ବାମହାତରେ ଏକ କଳା ବ୍ୟାଣ୍ଡ ବନ୍ଧା ହୋଇଥିଲା। କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ସୈଫ୍‌ଙ୍କୁ ତାଙ୍କ



ଘରକୁ ଅଣାଯାଇଥିଲା। ତେବେ ସୈଫ୍‌ଙ୍କୁ ଆହୁରି ସପ୍ତାହେ ଯାଏ ବିଶ୍ରାମ କରିବାକୁ ପଡ଼ିବ ବୋଲି ଡାକ୍ତର କହିଛନ୍ତି। ସୈଫ ଘରେ ପହଞ୍ଚିବା ପରେ ତାଙ୍କ ବାସଭବନର ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ସେଠାରେ ସିସିଟିଭି କ୍ୟାମେରା ଲଗାଯାଇଛି।

ସୈଫ୍‌ଙ୍କୁ ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ମଙ୍ଗଳବାର ସକାଳେ ମୁମ୍ବାଇ ପୋଲିସ ସୈଫ୍‌ଙ୍କ ଘରେ ସିନ୍ ରି-କ୍ରିଏଟ୍ କରିଥିଲା। ଅନ୍ୟପକ୍ଷରେ ସୈଫ୍‌ଙ୍କୁ ଆକ୍ରମଣ ଘଟଣାରେ ପୋଲିସ ରିମାଣ୍ଡରେ ଥିବା ବାଂଲାଦେଶୀ ନାଗରିକ ଶରୀଫୁଲ ଇସ୍‌ଲାମ ଶହଜାଦ(୩୦) ୭ ମାସ ତଳେ ବାଂଲାଦେଶରୁ ଭାରତକୁ ବେଆଇନ ଭାବେ ଦାଓକୀ ନଦୀ ଦେଇ ଆସିଥିଲେ ବୋଲି ମଙ୍ଗଳବାର ମୁମ୍ବାଇ ପୋଲିସ ସୂଚନା ଦେଇଛି। ଶରୀଫୁଲ ପଶ୍ଚିମବଙ୍ଗରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଆଧାର କାର୍ଡକୁ ବ୍ୟବହାର କରି ନିଜ ପାଇଁ ସିମ୍ କିଣିଥିବା ପୋଲିସ କହିଛି।

## ଫୁର୍‌ସତ୍

## କୋଟିପତି ସଫେଇ କର୍ମଚାରୀ

ଲଣ୍ଡନ

ବ୍ରିଟେନ୍‌ର କାର୍ଲିସ୍ଲେରେ ରହୁଥିବା ଜେମ୍ସ କ୍ଲାର୍କସନ(୨୦) ୭.୫ ମିଲିୟନ ପାଉଣ୍ଡ (ପ୍ରାୟ ୮୦ କୋଟି ଟଙ୍କା)ର ଲଟେରି ଜ୍ୟାକ୍‌ପଟ ଜିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଗତ କ୍ରିସ୍‌ମସ୍ ସମୟରେ ନ୍ୟାଶନାଲ ଲଟେରିରେ ଜେମ୍ସ ୧୨୦ ପାଉଣ୍ଡ (୧୨,୬୭୬ ଟଙ୍କା) ଜିତିଥିଲେ ଏବଂ ଉକ୍ତ ଅର୍ଥରେ ସେ ଆଉ ଏକ ଲଟେରି ଟିକେଟ କିଣି ୮୦ କୋଟି ଟଙ୍କା ହାତେଇଛନ୍ତି। ତେବେ ୮୦ କୋଟି ଟଙ୍କାର ମାଲିକ ହେବା ପରେ ମଧ୍ୟ ଜେମ୍ସ ନିଜ ବୃତ୍ତିକୁ ଭୁଲିନାହାନ୍ତି ଏବଂ ପୂର୍ବପରି ସେ ପ୍ରତିଦିନ ସକାଳେ ନିଜର ଡ୍ରେନ୍ ସଫା କାର୍ଯ୍ୟକୁ ଜାରି ରଖିଛନ୍ତି।

ଜେମ୍ସ କହିଛନ୍ତି, ଯେତେବେଳେ ସେ ୮୦ କୋଟି ଟଙ୍କାର ଲଟେରି ଜିତିଛନ୍ତି ବୋଲି ଜାଣିଲେ ତାଙ୍କୁ ପ୍ରଥମେ ବିଶ୍ୱାସ ହୋଇ ନ ଥିଲା। ଏହା ତାଙ୍କ ପାଇଁ ଏକ ସ୍ୱପ୍ନ ସଦୃଶ ଥିଲା ବୋଲି ଜେମ୍ସ କହିଛନ୍ତି। ସେ ଏହାପରେ ନିଜ ପରିବାର




ଓ ଗର୍ଲଫ୍ରେଣ୍ଡଙ୍କୁ ଏହି ଖୁସିଖବର ଜଣାଇଥିଲେ। କୋଟିପତି ହୋଇଥିବା ଖୁସିରେ ତାଙ୍କ ଘରେ ଭୋଜିର ଆୟୋଜନ ହୋଇଥିଲା ବୋଲି ଜେମ୍ସ କହିଛନ୍ତି।

ତେବେ ସମ୍ପ୍ରତି ଡ୍ରେନ୍ ସଫେଇ କର୍ମଚାରୀ ଭାବେ ସେ ନିଜ ବୃତ୍ତିକୁ ଛାଡ଼ିବେ ନାହିଁ ବୋଲି ଜେମ୍ସ କହିଛନ୍ତି। ଏବେ ତାଙ୍କର ବୟସ ଖୁବ୍ କମ୍। ଲଟେରି ଜିତି କୋଟିପତି ହେବାର ଅର୍ଥ ନୁହେଁ, ସେ ତାଙ୍କ କାମ ଛାଡ଼ିଦେବେ ବୋଲି ଜେମ୍ସ କହିଛନ୍ତି। ୮୦ କୋଟି ଟଙ୍କାର ଲଟେରି ଜିତିବାର ଠିକ୍ ପରଦିନ ସେ ଶୀତରେ ଠିଆ ହୋଇ ଡ୍ରେନ୍ ସଫା କରୁଥିବାର ନଜରକୁ ଆସିଥିଲେ। ଜଣେ ସଫେଇ କର୍ମଚାରୀ ଭାବେ ସହରକୁ ସଫାସୁତୁରା ରଖିବା ହେଉଛି ତାଙ୍କର ବାସ୍ତବତା। ସେ ଏହି ବାସ୍ତବତାକୁ ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ ବୋଲି ଜେମ୍ସ କହିଛନ୍ତି। ଏହି ନମ୍ର ଏବଂ ପରିଶ୍ରମୀ ସ୍ୱଭାବ ଯୋଗୁ ଜେମ୍ସଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

## ମହାରାଣୀ ୟେଶୁବାଈଙ୍କ ଭୂମିକାରେ ରଶ୍ମିକା

ମୁମ୍ବାଇ

ଆସନ୍ତା ଫେବୃଆରୀ ୧୪ରେ ମରାଠା ଶାସକ ଛତ୍ରପତି ସମ୍ଭାଜି ମହାରାଜଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଥିବା 'ଛାବା' ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଫିଲ୍ମରେ ଛତ୍ରପତି ସମ୍ଭାଜି ମହାରାଜଙ୍କ ଭୂମିକାରେ ଅଭିନେତା ଭିକି କୌଶଲ ନଜରକୁ ଆସିବେ। ସେହିପରି ଛତ୍ରପତି ସମ୍ଭାଜି ମହାରାଜଙ୍କ ସ୍ତ୍ରୀ ମହାରାଣୀ ୟେଶୁବାଈ ଭୋଁସଲେଙ୍କ ଭୂମିକାରେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ଦେଖିବାକୁ ମିଳିବ। 'ଛାବା' ଫିଲ୍ମର ନିର୍ମାଣ କରିଥିବା ପ୍ରଡକ୍ସନ କମ୍ପାନୀ 'ମେଡକ୍ ଫିଲ୍ମସ୍' ପକ୍ଷରୁ ମଙ୍ଗଳବାର ଫିଲ୍ମରେ ମହାରାଣୀ ୟେଶୁବାଈ ଭାବେ ରଶ୍ମିକାଙ୍କର ପ୍ରଥମ ଲୁକ୍‌ର ୨ଟି ପୋଷ୍ଟରକୁ ଜାରି କରାଯାଇଛି। ପ୍ରଥମ ପୋଷ୍ଟରରେ ରଶ୍ମିକା ଭାରି ଅଳଙ୍କାର ସହ ଶାଢ଼ି ପିନ୍ଧିଛନ୍ତି। ସେହିପରି ରଶ୍ମିକା ମୁଣ୍ଡରେ ଓଢ଼ଣା ପକାଇଥିବା ସହ ହସୁଥିବାର ନଜରକୁ ଆସୁଛନ୍ତି। ଦ୍ୱିତୀୟ ପୋଷ୍ଟରରେ ରଶ୍ମିକାଙ୍କୁ ଗମ୍ଭୀର ମୁଦ୍ରାରେ ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ମେଡକ୍ ଫିଲ୍ମସ୍ ପକ୍ଷରୁ ଲେଖାଯାଇଛି, "ପ୍ରତ୍ୟେକ ମହାନ୍ ରାଜାଙ୍କ ସଫଳତା ପଛରେ ଜଣେ ରାଣୀ ଅଦୃଶ୍ୟ ଶକ୍ତି ଭାବରେ ଛିଡ଼ାହୋଇ ରହିଥାନ୍ତି। ବୁଧବାର 'ଛାବା' ଫିଲ୍ମର ଟ୍ରେଲର ରିଲିଜ୍ ହେବ।" ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ ଏବଂ ଦିନେଶ ଭିଜାନଙ୍କ ନିର୍ମିତ 'ଛାବା' ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଅକ୍ଷୟ ଖାନ୍ନା, ଆଶୁତୋଷ ରାଣା, ଅଭିନେତ୍ରୀ ଦିବ୍ୟା ଦତ୍ତା ପ୍ରମୁଖଙ୍କୁ ଦେଖିବାକୁ ମିଳିବ।



## ଏକ ଦେଶ ଏକ ନିର୍ବାଚନ: ୩୧ରେ ଜେପିସିର ଦ୍ୱିତୀୟ ବୈଠକ

ଦେଶରେ ଏକକାଳୀନ ନିର୍ବାଚନ ପାଇଁ ୨ଟି ବିଲ୍‌କୁ ଯାଞ୍ଚ କରୁଥିବା ଜଏଣ୍ଟ ପାର୍ଲାମେଣ୍ଟାରି କମିଟି (ଜେପିସି)ର ଦ୍ୱିତୀୟ ବୈଠକ ଆସନ୍ତା ୩୧ରେ ହେବ। ଲୋକ ସଭାର ୱେବ୍‌ସାଇଟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉକ୍ତ ବୈଠକରେ ଉଭୟ ବିଲ୍‌ର ଯାଞ୍ଚ ପାଇଁ ପ୍ରକ୍ରିୟା ଏବଂ କାର୍ଯ୍ୟପ୍ରଣାଳୀ ଉପରେ ଆଲୋଚନା କରାଯିବ। ଗତ ୭ରେ ଏନେଇ ଜେପିସିର ପ୍ରଥମ ବୈଠକ ବସିଥିଲା। ଉକ୍ତ ବୈଠକରେ ସଦସ୍ୟମାନେ ଏକକାଳୀନ ନିର୍ବାଚନର ବିଭିନ୍ନ ଦୃଷ୍ଟିକୋଣକୁ ନେଇ ଆଲୋଚନା କରିଥିଲେ। 'ଏକ ଦେଶ ଏକ ନିର୍ବାଚନ' ଦେଶର ସମ୍ବିଧାନ ଓ ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ ବୋଲି ବିରୋଧୀ ସଦସ୍ୟମାନେ ଉକ୍ତ ବୈଠକରେ କହିଥିଲେ।

# ଟ୍ରେନ୍ ଉପରକୁ ଚଢ଼ିଗଲେ ବୃଦ୍ଧ, ବିଦ୍ୟୁତ୍ ଆଘାତରେ ମୃତ୍ୟୁ

ରାୟଗଡ଼ା,୨୧।୧
(ଆଶିଷ ରଞ୍ଜନ ପଣ୍ଡା)



ଟ୍ରେନ୍ ଉପରେ ଚଢ଼ିଥିବା ବ୍ୟକ୍ତି।

ରାୟଗଡ଼ା ରେଳ ଷ୍ଟେଶନରେ ଅଟକି ରହିଥିବା ମାଲବାହୀ ଟ୍ରେନ୍ ଉପରକୁ ଜଣେ ବୃଦ୍ଧ ଚଢ଼ିଯାଇଥିବାବେଳେ ୨୫ ହଜାର କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ନୂଆପଡ଼ା ଜିଲା ରାଜଖରିଆର ଥାନା ଅନ୍ତର୍ଗତ ବଡ଼ମୂଳା ଗ୍ରାମର ନରସିଂହ କାଣ୍ଡ (୬୪)। ମୃତକ ଜଣେ ମାନସିକ ରୋଗୀ ବୋଲି ଅନୁମାନ କରାଯାଉଛି। ଏ ନେଇ ଆର୍‌ପିଏଫ୍ ତରଫରୁ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ନରସିଂହ ମଙ୍ଗଳବାର ସକାଳେ ସିକନ୍ଦରାବାଦରୁ ଟ୍ରେନ୍ ଯୋଗେ ଆସି ରାୟଗଡ଼ାରେ ପହଞ୍ଚିଥିଲେ। ପରେ ଷ୍ଟେଶନ ପରିସରରେ ଉତ୍ପାତ ମଚାଇଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଚାନକ ଷ୍ଟେଶନରେ ଛିଡ଼ା ହୋଇଥିବା ମାଲବାହୀ ଟ୍ରେନ୍ ଉପରକୁ ଚଢ଼ିଯାଇ ବିଦ୍ୟୁତ୍ ତାରକୁ ୨ ହାତରେ ଧରି ପକାଇଥିଲେ। ଫଳରେ ତତ୍‌କ୍ଷଣାତ ସେଠାରେ ସେ ଜଳି ଟଳିପଡ଼ିଥିଲେ। ଏହାପରେ ରେଳ କର୍ମଚାରୀ ଓ ରେଲୱେ ପୋଲିସ ତାଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ରେଲୱେ ପୋଲିସ ପକ୍ଷରୁ ନରସିଂହଙ୍କ ପୁଅ ରାମକାଣ୍ଡଙ୍କୁ ବାପାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏଏସ୍‌ଆଇ ମାଣିକ ଗୌଡ଼ ସୂଚନା ଦେଇଛନ୍ତି।

# ମଧ୍ୟାହ୍ନଭୋଜନ ତରକାରିରେ ପୋକ

**ଡୁଡୁକା ପଲ୍ଲିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ**

ଲୋଇସିଂହା,୨୧।୧(ସୁଶାନ୍ତ ବାରିକ)



ମଧ୍ୟାହ୍ନଭୋଜନରେ ପୋକ ବାହାରିଛି। ବିଦ୍ୟାଳୟର ଛାତ୍ରୀଛାତ୍ର।

ମଙ୍ଗଳବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ଡୁଡୁକା ପଲ୍ଲିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଥିବା ମଧ୍ୟାହ୍ନଭୋଜନ ତରକାରିରେ ପୋକ ବାହାରିବା ଦେଖିବାକୁ ମିଳିଛି। ସୋୟାବିନ ତରକାରିରେ ପୋକ ବାହାରିବା ଦେଖି ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଖବର ପାଇ ଶିକ୍ଷା କମିଟି ସଭାପତି ଅଶୋକ ପଟେଲ ଓ ଅଭିଭାବକ ସ୍କୁଲକୁ ଆସି ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁଙ୍କୁ ଜଣାଇବା ସହ କ୍ଷୋଭ ପ୍ରକାଶ କରିଥିଲେ। ପରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମ ମେହେର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶୁଭଶ୍ରୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକାରୀ ସ୍କୁଲରେ ପହଞ୍ଚି ସ୍ଥିତି ପରଖିବା ସହିତ ଛାତ୍ରୀଛାତ୍ରଙ୍କୁ ଏ ନେଇ ପଚାରି ବୁଝିଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀକୁ ତାଗିଦ କରିଥିଲେ। ଏହି ଅବସରରେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିକୁ ହଟାଇବାକୁ ବିଇଓଙ୍କ ନିକଟରେ ଦାବି କରାଯାଇଥିଲା। ଅପରପକ୍ଷେ ପୋକ ବାହାରିବା ଜଣାପଡିବା ପରେ ସେହି ଖାଦ୍ୟକୁ ଫୋପାଡ଼ି ଛାତ୍ରୀଛାତ୍ରଙ୍କୁ ଜଳଖିଆ ଦିଆଯାଇଥିବା ପ୍ରଧାନ ଶିକ୍ଷକ ସାହୁ ପ୍ରକାଶ କରିଛନ୍ତି।

# ସ୍ୱାଧୀନ ମତବ୍ୟକ୍ତ ଅଧିକାରକୁ ପ୍ରାଧାନ୍ୟ ଦେଇଆସୁଛୁ: ସୁରମା

ଭୁବନେଶ୍ୱର,୨୧।୧(ସୁନିତ୍ ମିଶ୍ର)

**ପାଟନାରେ ୮୫ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ**

ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଆମର ଏକ ସମୃଦ୍ଧ ଐତିହାସିକ ଗଣତାନ୍ତ୍ରିକ ପରମ୍ପରା ଓ ମୂଲ୍ୟବୋଧ ରହିଛି। ଗତ ୭୫ ବର୍ଷ ମଧ୍ୟରେ ନିରପେକ୍ଷ ଓ ସ୍ୱାଧୀନ ମତଦାନ ସହ ନିର୍ବାଚନ ଅନୁଷ୍ଠିତ ହୋଇଛି। କେନ୍ଦ୍ର ଓ ରାଜ୍ୟସ୍ତରରେ ଆମେ ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର ଅଧିକାରକୁ ପ୍ରାଧାନ୍ୟ ଦେଇଆସୁଛୁ। ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକ ଏକତା, ଜନସାଧାରଣଙ୍କ ସହଯୋଗ ଏବଂ ସହଭାଗିତା ସହ କାର୍ଯ୍ୟ କରିଆସୁଛନ୍ତି। ସମାନତା, ସ୍ୱାଧୀନତା, ନ୍ୟାୟ, ସହାବସ୍ଥାନ, ଭ୍ରାତୃତ୍ୱଭାବ ଆମ ସମ୍ବିଧାନର ମୂଳଲକ୍ଷ୍ୟ ଓ ଆଭିମୁଖ୍ୟ ହୋଇଥିବାବେଳେ ଦୀର୍ଘ ୭୫ ବର୍ଷରେ ଆମେ ଏହା ବଜାୟ ରଖିବାରେ ସହାୟକ ହୋଇପାରିଛୁ ବୋଲି ପାଟନାଠାରେ ଅନୁଷ୍ଠିତ ୮୫ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ ଏହା କହିଛନ୍ତି। ସମ୍ବିଧାନର ୭୫ତମ ପୂର୍ତ୍ତି ଉପଲକ୍ଷେ ସମ୍ବିଧାନର ମୂଲ୍ୟବୋଧକୁ ସଶକ୍ତ କରିବା ଦିଗରେ ସଂସଦ ଓ ବିଧାନସଭାଗୁଡ଼ିକର ଅବଦାନ ଉପରେ ଆଲୋଚନାରେ ଅଂଶଗ୍ରହଣକରି ନିଜ ବକ୍ତବ୍ୟ ଉପସ୍ଥାପନକରି ବାଚସ୍ପତି କହିଛନ୍ତି, ଆମ ରାଜ୍ୟ ଭିଜନ୍ ୨୦୩୬ ଲକ୍ଷ୍ୟକୁ ସାକାର କରି ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବା ସହ ୨୦୪୭ ମସିହା ସୁଦ୍ଧା ଅମୃତକାଳ ମଧ୍ୟରେ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଭାଗୀଦାରି ହେବାର ସମସ୍ତ ପ୍ରୟାସ କରୁଅଛି। ଏବେ ରାଜ୍ୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମଧ୍ୟ ଅଂଶଗ୍ରହଣକରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସର୍ବଭାରତୀୟ ସମ୍ମିଳନୀରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ସଂସଦୀୟ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ।

# କମିଲା ଶୀତ, ବଢ଼ିଲା ତାପମାତ୍ରା

**୨୪ ପର୍ଯ୍ୟନ୍ତ ଘନ କୁହୁଡ଼ି**

ଭୁବନେଶ୍ୱର,୨୧।୧
(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ପାଇଛି। ଆସନ୍ତା ୨୪ ଘଣ୍ଟା ପରେ ରାତି ତାପମାତ୍ରା ମଧ୍ୟ ବଢ଼ିବାର ସମ୍ଭାବନା ରହିଛି। ପଶ୍ଚିମା ଝଡ଼ର ସକ୍ରିୟ ପ୍ରଭାବରେ ଓଡ଼ିଶାକୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରିବ। ଫଳରେ ରାଜ୍ୟରେ ତାପମାତ୍ରା ଉପରମୁହାଁ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଆସନ୍ତା ୪ ଦିନରେ ଉଭୟ ସର୍ବନିମ୍ନ ଓ ସର୍ବାଧିକ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାର ସବୁ ଜିଲାରେ ତାପମାତ୍ରା ବଢ଼ିବ। ତାତି ବଢ଼ିବା ସହ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୪ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ ଓ ଖୋର୍ଦ୍ଧା ଜିଲା ରହିଛି। ୨୪ ତାରିଖରେ ଘନ କୁହୁଡ଼ି ନେଇ କଟକ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। କିଛି ଅଞ୍ଚଳରେ ଜିରୋ ଭିଜିବିଲିଟି ନେଇ ସତର୍କ କରାଯାଇଛି। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଏବଂ କଳାହାଣ୍ଡିରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦୃଶ୍ୟମାନ ହେବ।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ଇଡିକୁ ଲକ୍ଷେ ଟଙ୍କା ଜରିମାନା

ମୁମ୍ବାଇ, ୨୧।୧

ବିନା କୌଣସି ଠୋସ୍ ପ୍ରମାଣରେ ମୁମ୍ବାଇର ରିୟଲ ଇଷ୍ଟେଟ ଡେଭଲପର୍ ରାକେଶ ଜୈନଙ୍କ ବିରୋଧରେ ଅର୍ଥ ହେରଫେର ତଦନ୍ତ ଆରମ୍ଭ କରିଥିବାରୁ ମଙ୍ଗଳବାର ବମ୍ବେ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ୧ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ଇଡି ପରି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଆଇନର ଢାଞ୍ଚା ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଏକ ମାମଲାର ଶୁଣାଣିକରି ଜଷ୍ଟିସ୍ ମିଲିନ୍ଦ ଯାଦବଙ୍କ ଏକକ ବେଞ୍ଚ କହିଛନ୍ତି, ନାଗରିକମାନେ ଯେପରି ହଇରାଣ ନ ହୁଅନ୍ତି, ସେଥିପ୍ରତି ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକୁ ଦୃଢ଼ ବାର୍ତ୍ତା ପଠାଯିବାର ଆବଶ୍ୟକତା ରହିଛି। ଆଣ୍ଟି ମନି ଲଣ୍ଡରିଂ ଏଜେନ୍ସି ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ଆଧାର କରି ୨୦୧୪ ଅଗଷ୍ଟରେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାକେଶଙ୍କୁ ଜାରି କରିଥିବା ନୋଟିସକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

## ଲାଞ୍ଚ ମାମଲା: ନିଜ ଡିଏସ୍‌ପିଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୨୧।୧

ଏକ ଲାଞ୍ଚ ମାମଲାରେ ସିବିଆଇ ଏହାର ଡିଏସ୍‌ପି ବଲ୍‌ବୀର ଶର୍ମାଙ୍କୁ ଗିରଫ କରିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସହକାରୀ ନିର୍ଦ୍ଦେଶକ ବିଶାଲ ଦୀପଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ହିମାଚଳପ୍ରଦେଶରେ ଶିକ୍ଷାବୃତ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ଇଡି ଅଧିକାରୀ ବିଶାଲ ଏକ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କଠାରୁ ୧.୧ କୋଟି ଟଙ୍କା ଲାଞ୍ଚ ଦାବି କରିଥିଲେ, ଯାହାର ରେକର୍ଡିଂ ଅଭିଯୋଗକାରୀ ସିବିଆଇରେ ଦାଖଲ କରିଥିଲେ। କାରବାରରେ ସିବିଆଇର ସ୍ୱତନ୍ତ୍ର ଅପରାଧ ଶାଖାରେ ପୋଷ୍ଟିଂ ହୋଇଥିବା ଶର୍ମା ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି।

## ଇସ୍ରାଏଲ ସେନା ଜେନେରାଲଙ୍କ ଇସ୍ତଫା

ଜେରୁଜେଲମ୍,୨୧।୧

୨୦୨୩ ଅକ୍ଟୋବର ୭ରେ ହମାସ୍ ଅତର୍କିତ ଆକ୍ରମଣ କରିବା ଘଟଣାରେ ଇସ୍ରାଏଲ୍ ସେନାର ୨ ଶୀର୍ଷ ଜେନେରାଲ ଇସ୍ତଫା ଦେଇଛନ୍ତି। ସୁରକ୍ଷା ଓ ଗୋଇନ୍ଦା ବିଫଳତା ପାଇଁ ନିଜକୁ ଦାୟୀ କରି ଲ୍ୟୁଟ୍‌ନାଣ୍ଟ ଜେନେରାଲ ହେର୍ଜି ହାଲେଭି ଇସ୍ତଫା ଦେଇଥିବାବେଳେ ଗାଜା ଯୁଦ୍ଧର ତଦାରଖ କରୁଥିବା ଇସ୍ରାଏଲ୍ ନର୍ଦର୍ନ କମାଣ୍ଡ ମୁଖ୍ୟ ମେଜର ଜେନେରାଲ ୟାରୋନ ଫିଙ୍କେଲମାନ୍ ଇସ୍ତଫା ଦେଇଛନ୍ତି। ହମାସ୍ ଆକ୍ରମଣ ଇସ୍ରାଏଲ୍ ଇତିହାସରେ ସବୁଠୁ ଘାତକ ଥିଲା, ଯେଉଁଥିରେ ୧,୨୦୦ ଲୋକଙ୍କ ମୃତ୍ୟୁ ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ।

**OFFICE OF DISTRICT COLLECTOR, KHORDHA (EXCISE SECTION)**

**NOTICE INVITING APPLICATION FOR SETTLEMENT OF 1 (ONE) NO. OF IMFL "OFF" SHOP AND 1 (ONE) NO. OF COUNTRY LIQUOR SHOP IN BHUBANESWAR EXCISE DISTRICT**

**No. 300, Ex., Dtd.** **Date : 20.01.2025**

**No.F-121** : Applications are invited for settlement of **1 (One) No. of IMFL "OFF" Shop and 1 (One) No. of Country Liquor Shop** in Bhubaneswar Excise District for the remaining period of 2024-25 by way of lottery.

The persons interested to participate may apply in **'Form-B'** through the portal **https://stateexcise.odisha.gov.in** from **17.01.2025** to **30.01.2025 (5:30 P.M.)**. Lottery will be conducted on **31.01.2025** at **4:00 P.M.** in **DRDA Conference Hall, Collectorate, Khordha**.

The details of the shop to be settled and the terms and conditions applicable thereof are available in the said website and the notice boards of the District Excise Office, Bhubaneswar and Collectorate, Khordha.

Toll Free No. 18003456713.

**By Order of Collector**
**Sd./- Superintendent of Excise, Bhubaneswar**
**OIPR-36016/11/0001/2425**

See Career Appointment on every Wednesday & Saturday

**ODISHA UNIVERSITY OF TECHNOLOGY AND RESEARCH P.O.**
**MAHALAXMI VIHAR, BHUBANESWAR - 751 029**

**Notice No. OUTR/SELS/CSCEDS/2024-25/25 Date : 20.01.2025**

**No.KK-326 : E-Tenders are invited** under two bid systems from reputed Original Manufacturers/Registered Firms/Authorised Dealers/Agencies for supply of "Drone under CSCEDS Project" of **School of Electronic Sciences at OUTR, Bhubaneswar".**

Date of available inTenders Odisha Portal : 22.01.2025 at 06.00 P.M.

Last date and time of submission of Bid : 12.02.2025 upto 6.00 P.M. For details : Please visit : http://tendersodisha.gov.in & http://www.outr.ac.in For Technical query please contact : Prof. Tapas Kumar Patra, Phone No - 9438020131, Email : tkpatra@outr.ac.in

**Sd./- REGISTRAR**
**OIPR-16005/11/0058/2425**

**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା ୩୧୨ ତା୨୦।୦୧।୨୦୨୫

**ନୋଟିସ** No.C-1516

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୪।୦୨।୨୦୨୫ରିଖଠାରୁ ତା୧୭।୦୨।୨୦୨୫ରିଖ ପର୍ଯ୍ୟନ୍ତ ଖଣ୍ଡଗିରିଠାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ। ଏହି ମେଳାରେ ଦୋକାନ / ମିନାବଜାର ଇତ୍ୟାଦି ନିମନ୍ତେ ସ୍ଥାନ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟବସାୟୀ / ଅନୁଷ୍ଠାନ ମଣ୍ଡଳ ଆୟୁକ୍ତ (I/C) ଦକ୍ଷିଣ ପଶ୍ଚିମ ମଣ୍ଡଳ, ରେଣ୍ଟାଲ କଲୋନୀ, ଭୁବନେଶ୍ୱରଙ୍କ ନିକଟରେ ତା୨୮।୦୧।୨୦୨୫ରିଖ ଅପରାହ୍ନ ଘ୪.୦୦ଟିକା ମଧ୍ୟରେ ବିଗତ ବର୍ଷର ପୁରାତନ ରସିଦର କପି ଓ ପରିଚୟପତ୍ର ସହିତ ସାଦା କାଗଜରେ ଦରଖାସ୍ତ କରିପାରିବେ। ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଆବଶ୍ୟକ ସ୍ଥଳେ କ୍ଷମତାପ୍ରାପ୍ତ ଅଧିକାରୀ ଉପରିସ୍ଥ ନିୟମକୁ ପରିବର୍ତ୍ତନ କରିପାରିବେ। ଚୟନ ସର୍ତ୍ତାବଳୀ ମହାନଗର ନିଗମ ଦକ୍ଷିଣ ପଶ୍ଚିମ ମଣ୍ଡଳ ଦ୍ୱାରା ଗଠିତ ଚୟନ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯାଇ ଚୟନ କରାଯିବ।

ସ୍ୱା./- ମଣ୍ଡଳ ଆୟୁକ୍ତ (I/C)
(ଦକ୍ଷିଣ ପଶ୍ଚିମ ମଣ୍ଡଳ)
OIPR-13002/11/0139/2425 ଭୁବନେଶ୍ୱର ମହାନଗର ନିଗମ

**ODISHA PUBLIC SERVICE COMMISSION,**

**NOTICE**

No.539/P.S.C., Dt. 21.01.2025
(1E-11-2024/25) (DR-II)

**No.D-241** : In continuation to this office Notice No. 243/PSC, dt. 10.01.25, it is for information of all concerned that the Written Examination for recruitment to the post of **Assistant Microbiologist**, Group-B of Odisha Food Testing Laboratory cadre under Health & Family Welfare Department, pursuant to the Advertisement No. **07 of 2023-24** will be held at Cuttack zone as per the following programme.

**Programme of Examination**

| Date | Time | Name of the Examination Centre and Address | Total Candidates alloted |
|---|---|---|---|
| 18.02.2025 (Tuesday) | 10.00 A.M. to 01.00 P.M. | KMBB Science Higher Secondary School, CAMPUS-II, Naranpur, Trisulia, CUTTACK - 754005 | 352 |

The candidates are required to download their **"Admission certificate"** and **"Instruction to Candidates"** from website of the Commission **(www.opsc.gov.in)** from **12.02.2025 onwards**.

**OIPR-12002/11/0139/2425** **Sd./- Secretary**

**OFFICE OF THE BASUDEVPUR MUNICIPALITY BHADRAK**

**No. 344** **Date : 18.01.2025**

**E-Procurement Notice**

**BID Identification No. BM_TCN_06_2024-25**

**No.C-1511** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const works as mentioned in DTCN
2. No. of works : 05 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 22.01.2025 (10 A.M.) to 28.01.2025
6. Last date and time for receipt : 28.01.2025 up to 5.00 P.M.
7. Bids received online shall be opened on : 29.01.2025 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

**Sd./- Executive Officer**
**Basudevpur Municipality**
**OIPR-13135/11/0011/2425**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା - ମାଲକାନଗିରି**
**OFFICE OF THE PANCHAYAT SAMITI, CHITRAKONDA, DIST. - MALKANGIRI**
**e-mail : ori-kudumulugumma@nic.in, Mob No. - 8658570050**

**TENDER CALL NOTICE No.- 03/ 2024-25** **DATED : 20.01.2025**

**No.i-435** : Sealed tenders are invited from the registered "D & C" and C & B Class Contractors of the state PWD (R&B)/Water Resources/Rural works/M.I/CPWD in prescribed form to be eventually drawn in P.W.D. form No.P1.The filled in tender form shall be received through registered/speed post only at Office of the Block Development Officer, Chitrakonda, Dist. - Malkangiri by 5.00 P.M. of 12th Feb, 2025 for the work **"AS PER THE FOLLOWING TABLE" for the year 2024-25 on GPLF building & Samagra Sikshya. The last date of selling and dropping of tender papers is 11.02.2025 and 12.02.2025**. All the tender forms received shall be opened before the tender committee in the presence of the tenderers or their authorized representatives at 12.00 A.M. on 14th Feb, 2025 at the Block Conference Hall of Chitrakonda. The details of the Tender Schedule of the said projects is appended with this as **Annexure-I**.

The detailed terms and conditions is available in the official website https://ww.malkangiri.nic.in.

The detail last date & time of receipt of tender paper, date and time of opening of tender paper, venue etc. are mentioned in the bid documents. The Authority reserves the right to reject any or all tenders without assigning any reason thereof.

**Sd./- Block Development Officer, Chitrakonda**
**OIPR-19312/11/0006/2425**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR**
**Phone No.06671-224074, e-mail: eerwkhariar@gmail.com**

**e-Procurement Notice**

**BID IDENTIFICATION NO.RWKHR-11/2024-25 (Online)**

**No.O-1306:**Bid documents consisting of Work, Estimated Cost, EMD, Cost of Tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work: Roads & Building Works. 2. Total No. of Works: 13 Nos. 3. Estimated Cost: 1.68 to 13.45 Lakhs. 4. Period of Completion: 1 (One) Calendar Months. 5. Other details:-

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Khariar | RWKHR-11/2024-25 (Online) | 27.01.2025 At 10.00 AM | 03.02.2025 Upto 5.00 PM | 03.02.2025 Upto 11.00 AM | 04.02.2025 at 11.00 AM |

Further details can be seen from the website www.tendersodisha.gov.in.

**OIPR-25152/11/0006/2425** **Sd./- Executive Engineer, Rural Works Division, Khariar**

**GOVERNMENT OF ODISHA** **No.O-1310**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH**
**AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com**
**No.Tender Online-RWCCESNG-16 of 2024-25, Letter No.64/ Dtd.18.01.2025**

**e-Procurement Notice**

1. Type of the Work: Building. 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seek-ing tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-16 of 2024-25 | 28.01.2025 11.00 AM | 12.02.2025 5.00 PM | 11.02.2025 5.00 PM | 13.02.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

**Sd./- Chief Construction Engineer (I/C)**
**Rural Works Circle, Sundargarh**
**OIPR-25133/11/0030/2425**

**TENDER NOTICE FOR OFFICE STATIONARY & CONSUMABLE ITEMS OF FMMC&H, BALASORE (2024-25)**

**Tender No.232/S/FMMCHB** **Date:20.01.2025**

No.E-698: FMMC&H, Balasore invites sealed Tender from registered Firm/ Agencies/ Company for **Office stationary & Consumable** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025,11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/ www.blsmch.nic.in**. Authority reserves every rights to reject all or any of the Tender without assign any reason thereof.

**Sd./- Superintendent**
**FMMC&H, Balasore**
OIPR-10134/11/0030/2425

**TENDER NOTICE FOR WATER PURIFIER & CONSUMABLE ITEMS OF FMMC&H, BALASORE (2024-25)**

**Tender No.234/S/FMMCHB** **Date:20.01.2025**

No.E-700: FMMC&H, Balasore invites sealed Tender from registered Firm/ Agencies/ Company for **Water purifier & Consumable** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt. 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025,11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/ www.blsmch.nic.in**. Authority reserves every rights to reject all or any of the Tender without assign any reason thereof.

**Sd./- Superintendent**
**FMMC&H, Balasore**
OIPR-10134/11/0032/2425

**TENDER NOTICE FOR ELECTRICAL & ELECTRONICS ITEMS OF FMMC&H BALASORE (2024-25)**

**Tender No.230/S/FMMCHB** **Date:20.01.2025**

No.E-696: FMMC&H, Balasore invites sealed Tender from registered Firm/ Agencies/ Company for **Electrical & electronics** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt. 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025,11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/www.blsmch.nic.in**. Authority reserves every rights to reject all or any of the Tender without assign any reason thereof.

**Sd./- Superintendent**
**FMMC&H, Balasore**
OIPR-10134/11/0028/2425

**TENDER NOTICE FOR HOSPITAL BEDDING CLOTHING & GARMENTS ITEMS OF FMMC&H, BALASORE (2024-25)**

**Tender No.235/S/FMMCHB** **Date:20.01.2025**

No.E-701: FMMC&H, Balasore invites sealed Tender from registered Firm/Agencies/ Company for **Hospital Bedding clothing & garments** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt. 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025, 11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/ www.blsmch.nic.in**. Authority reserves every rights to reject all or any of the Tender without assign any reason thereof.

**Sd./- Superintendent**
**FMMC&H, Balasore**
OIPR-10134/11/0033/2425

# ପ୍ରମୁଖ ରାଜନୈତିକ ଦଳଙ୍କ ବଢ଼ୁଛି ଅଡୁଆ

## ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରସଙ୍ଗ

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଓ ବରଗଡ଼ ମଧ୍ୟରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପାହାଡ଼ ଜୈବବିବିଧତାରେ ପରିପୂର୍ଣ୍ଣ। ହେଲେ ଶିଳ୍ପସଂସ୍ଥାଗୁଡ଼ିକର ଦୃଷ୍ଟି ସେଠାରେ ଥିବା ପ୍ରାକୃତିକ ସମ୍ବଳ ଉପରେ ନିବଦ୍ଧ। ନିର୍ଦ୍ଦିଷ୍ଟ ଶିଳ୍ପ ସଂସ୍ଥା ସେଠାରେ ଜମି କିଣିବା ପରେ ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ଗତ ବର୍ଷ ଶେଷ ଆଡ଼କୁ ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ଫଳରେ ସ୍ଥାନୀୟ ଅଧିବାସୀ ଓ ସାମାଜିକ କର୍ମକର୍ତ୍ତା ଗଣଧାରଣା ଦେଇଥିଲେ। ପ୍ରସଙ୍ଗ ବଡ଼ ଆକାର ଧାରଣ କରିବାରୁ ତାହାକୁ ନେଇ ରାଜନୀତି ଆରମ୍ଭ ହୋଇଥିଲେ ମଧ୍ୟ ପ୍ରମୁଖ ରାଜନୈତିକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଉଛି।

ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ତିନି ଦଳ ଭାଜପା, ବିଜେଡି ଓ କଂଗ୍ରେସର ଗତିବିଧି ଉପରେ ଲୋକଙ୍କ ନଜର ରହିଛି। ଗତ ରବିବାର ଖପ୍ରାଖୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଗନ୍ଧମାର୍ଦ୍ଦନ ସୁରକ୍ଷାକୁ ନେଇ ପଶ୍ଚିମ ଓଡ଼ିଶା ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଶିଷ୍ଟ ପରିବେଶବିତ୍, ସାମାଜିକ କର୍ମୀ, ଚାଷୀନେତା, ରାଜନେତା, କୋଶଳବାଦୀ ନେତା, ବିଭିନ୍ନ ଜନଆନ୍ଦୋଳନର ପ୍ରତିନିଧି ଏବଂ ଜନସାଧାରଣ ଯୋଗ ଦେଇଥିଲେ। ବିଜେଡି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ରୀତା ସାହୁ, ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ଓ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ହେଲେ ମହାସମାବେଶରେ ବିଜେଡି ନେତାଙ୍କୁ କିଛି ଲୋକ ବିରୋଧ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ସ୍ଲୋଗାନ ମଧ୍ୟ ଦେଇଥିଲେ। ଶାସନ କ୍ଷମତାରେ ଥିଲା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା କଥା ନ କହି ଏବେ କାହିଁକି ଆସିଛ ବୋଲି କହି ସେମାନେ ପ୍ରଶ୍ନ କରିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ଛୁରିଆ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରୁଛୁ କହି ଲୋକଙ୍କ ଯାହା ବି ଦାବି ରହିଛି ନବୀନ ବାବୁଙ୍କୁ ଜଣାଇ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବୁ ବୋଲି କହିଥିଲେ। ମହାସମାବେଶରେ ବିରୋଧର ସମ୍ମୁଖୀନ ହୋଇଥିଲେ ମଧ୍ୟ ବିଜେଡି ନେତାମାନେ ସାହସ ଜୁଟାଇଥିବା ଦେଖିବାକୁ ମିଳିଥିଲା। ମାତ୍ର କଂଗ୍ରେସ କିମ୍ବା ଭାଜପାରୁ କେହି ଆସି ନ ଥିବାରୁ ଦୁଇ ଦଳକୁ ସମାଲୋଚନା କରାଯାଇଛି।

ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଥିଲେ, ଜଣେ ଉପମୁଖ୍ୟମନ୍ତ୍ରୀ ଓ ବରଗଡ ଏମ୍‌ପି ଗନ୍ଧମାର୍ଦ୍ଦନ ସୁରକ୍ଷା କଥା କହୁଥିଲେ ହେଁ ମୁଖ୍ୟମନ୍ତ୍ରୀ ଅଦ୍ୟାବଧି ଏହା ଉପରେ କିଛି ମନ୍ତବ୍ୟ ଦେଇନାହାନ୍ତି। ସରକାର ପ୍ରକୃତରେ ଯଦି ଗନ୍ଧମାର୍ଦ୍ଦନ ସୁରକ୍ଷା ଚାହୁଁଛନ୍ତି ତେବେ ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରି ଉକ୍ତ ଅଞ୍ଚଳକୁ ନୋ ମାଇନିଂ ଜୋନ୍ ଘୋଷଣା କରନ୍ତୁ ବୋଲି ସାମନ୍ତରା କହିଥିଲେ। ଚାଷୀନେତା ଲିଙ୍ଗରାଜ କହିଥିଲେ, ଅଶୀ ଦଶକରେ କଂଗ୍ରେସ, ନବେ ଦଶକରେ ଜନତା ଦଳ ଏବଂ ପରେ ବିଜେଡି-ଭାଜପା ମେଣ୍ଟ ସରକାର ଗନ୍ଧମାର୍ଦ୍ଦନରେ ବକ୍ସାଇଟ୍ ଖନନ ଉଦ୍ୟମ କରିଛନ୍ତି। ଏଣୁ ଲୋକେ କୌଣସି ରାଜନୈତିକ ଦଳକୁ ଆଉ ବିଶ୍ୱାସ କରୁନାହାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବାକୁ ହେଲେ ବିଧାନସଭାରେ ସର୍ବଦଳୀୟ ସଂକଳ୍ପ ପାରିତ କରାଯାଉ ଏବଂ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ବିଧିବଦ୍ଧ ଆଇନ ଅଣାଯାଉ ବୋଲି ଲିଙ୍ଗରାଜ ଆହ୍ୱାନ ଦେଇଛନ୍ତି। କୋଶଳବାଦୀ ନେତା ପ୍ରମୋଦ ମିଶ୍ର କହିଥିଲେ, ସବୁ ପ୍ରମୁଖ ରାଜନୈତିକ ଦଳ ଗନ୍ଧମାର୍ଦ୍ଦନକୁ ଧ୍ୱଂସ କରିବାକୁ ଉଦ୍ୟମ କରୁଛନ୍ତି। ଏଣୁ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ହେଲେ ଆମେ ଗନ୍ଧମାର୍ଦ୍ଦନକୁ ସୁରକ୍ଷା ଦେଇପାରିବୁ ବୋଲି ସେ କହିଛନ୍ତି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା କହିଥିଲେ, ତିନି ପ୍ରମୁଖ ରାଜନୈତିକ ଦଳ ପୂର୍ବରୁ ଗନ୍ଧମାର୍ଦ୍ଦନରେ ଖଣିଖନନ ଉଦ୍ୟମ କରିଛନ୍ତି। ଏଭଳି ପରିପ୍ରେକ୍ଷୀରେ ଆଗାମୀ ବିଧାନସଭାରେ ସର୍ବଦଳୀୟ ସଂକଳ୍ପ ପାରିତ କରାଯାଇ ଭବିଷ୍ୟତରେ ଯେଭଳି ଏଠାରେ ଖଣିଖନନ ନ ହେବ ସେ ନେଇ ଆଇନ ଅଣାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଜନଆନ୍ଦୋଳନକୁ ବ୍ୟାପକ ଓ ସମ୍ପ୍ରସାରିତ କରିବା ଲକ୍ଷ୍ୟରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ୫୭ ଦିନର ଗଣଧାରଣାକୁ ୨୦ ଜାନୁଆରୀରେ ସାମୟିକ ସ୍ଥଗିତ ଘୋଷଣା କରିଛି। ଯେଉଁଭଳି ଭାବେ ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ବଢ଼ିବାରେ ଲାଗିଛି ଠିକଣା ସମୟରେ ତିନି ପ୍ରମୁଖ ରାଜନୈତିକ ଦଳ ଉଚିତ ପଦକ୍ଷେପ ନ ନେଲେ ସେମାନଙ୍କ ଅଡୁଆ ବଢ଼ିବ ବୋଲି ଆଲୋଚନା ହେଲାଣି।


ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଭାଜପା ପକ୍ଷରୁ ମଙ୍ଗଳବାର ସଙ୍କଳ୍ପପତ୍ରର ୨ୟ ଭାଗକୁ ଉନ୍ମୋଚନ କରୁଛନ୍ତି ଏମ୍‌ପି ଅନୁରାଗ ଠାକୁର, ଭାଜପା ନେତା ରାମଭୀର୍ ସିଂ ବିଧୁରୀ, ଦଳର ଦିଲ୍ଲୀ ସଭାପତି ବୀରେନ୍ଦ୍ର ସଚ୍ଚଦେବା ଓ ବିଜେନ୍ଦ୍ର ଗୁପ୍ତା।

# କୋଲ୍ ବ୍ଲକ୍‌ରୁ ଦୂରେଇରହିବାକୁ ତତ୍କାଳୀନ ଜିଲାପାଳ,ଏସ୍‌ପି ନବଙ୍କୁ କହିଥିଲେ: ସାଲୁଜା

## ତଦନ୍ତକାରୀ ଦଳକୁ ସାଲୁଜା ଏହା ଜଣାନ୍ତୁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୧।୧(ସୁନିତ୍ ମିଶ୍ର)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ନବ ଦାସଙ୍କ ହତ୍ୟା ଘଟଣାରେ ସିବିଆଇ ତଦନ୍ତ କରାଇବା ଲାଗି ବହୁ ଲୋକ ଦାବି ଉଠାଇବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ବିଭିନ୍ନ ରାଜନୈତିକ ଦଳରେ ନେତାମାନେ ମଧ୍ୟ ଭିନ୍ନ ଭିନ୍ନ ମତ ରଖିବାରେ ଲାଗିଛନ୍ତି। ଏପରି ସ୍ଥଳେ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ମନ୍ତବ୍ୟ ହଇଚଇ ସୃଷ୍ଟି କରିଛି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆମେ ଗୋଟେ ଖାଇବା ଟେବୁଲରେ ବସିଥିଲୁ। ସେତେବେଳେ ନବ ତାଙ୍କୁ କହିଥିଲେ, ଝାରସୁଗୁଡ଼ାର ଏକ କୋଲ୍ ବ୍ଲକ୍‌ର ଏକ ଟ୍ରାନ୍ସପୋର୍ଟେଶନରୁ ଦୂରେଇ ରହିବାକୁ ଉପରୁ କୁହାଯାଇଥିଲା। ତତ୍କାଳୀନ ଏସ୍‌ପି ଓ ଜିଲାପାଳ ତାଙ୍କୁ ଏହା କହିଥିଲେ। ହେଲେ ନବ ତାଙ୍କୁ କହିଦେଇଥିଲେ, ଏ କଥାରେ ମୁଣ୍ଡ ନ ପୂରାଇବା ଲାଗି। ୨୯ ଜିଲାର ଦାୟିତ୍ୱ ସରକାର ବା ଦଳ ବୁଝନ୍ତୁ ହେଲେ ଝାରସୁଗୁଡ଼ା ଜିଲାରେ ମୁଣ୍ଡ ନ ପୂରାଇବାକୁ ଉପରେ ସେ ଜଣାଇ ଦେଇଥିବା ଏସ୍‌ପି ଓ ଜିଲାପାଳଙ୍କୁ କହିଥିବା କଥା କହିଲେ। ଏହାର କିଛିଦିନ ପରେ ନବ ଦାସଙ୍କୁ ହତ୍ୟା କରାଯାଇଥିଲା। ହେଲେ ଏହା କହିବା ଲାଗି ଜିଲାପାଳ ଏବଂ ଏସ୍‌ପିଙ୍କ ଉପରେ କିଏ ଚାପ ପକାଇଥିଲେ ସେମାନେ ୨ ଜଣ ହିଁ କହିପାରିବେ। ନବଙ୍କ ହତ୍ୟାର ଷଡ଼ଯନ୍ତ୍ର ପଛରେ କିଏ, ସିବିଆଇ ତଦନ୍ତକଲେ ଜଣାପଡିବ। ପୂର୍ବରୁ ବିଧାନସଭାରେ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି ହୋଇଥିଲା। ଏବେ ବି ସିବିଆଇ ତଦନ୍ତ କରାଗଲେ ଷଡ଼ଯନ୍ତ୍ର ପଦାକୁ ଆସିପାରିବ। ଗୋପାଳ ହତ୍ୟା କରିଥିଲେ ନା କରାଯାଇଥିଲା ତାହା ଜଣାପଡ଼ିବ ବୋଲି ସାଲୁଜା କହିଛନ୍ତି।

ସାଲୁଜାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସ୍ୱର୍ଗତ ନବ ଦାସ ତାଙ୍କ ସହ କଥା ହୋଇଥିଲେ ବୋଲି ଯଦି ସେ କହୁଛନ୍ତି, ଏହାକୁ ସେ ତଦନ୍ତକାରୀ ଦଳକୁ ଦେବା କଥା। ଆଶା କରିବି ତଦନ୍ତ ପ୍ରକ୍ରିୟାରେ ସାଲୁଜା ସହଯୋଗ କରିବେ। ଯଦି ଏ ବାବଦରେ ତଦନ୍ତକାରୀ ଦଳ ଆଗରେ ସାଲୁଜା ନିଜର ପ୍ରତିକ୍ରିୟା ରଖିବେ ତେବେ ତଦନ୍ତ କରିବେ। ସମସ୍ତଙ୍କ ମନରେ ଯେଉଁ ଗୋଟିଏ ସନ୍ଦେହ ରହୁଛି ତାହା ଆଗକୁ ସ୍ପଷ୍ଟ ହେବା ଦରକାର। ତାଙ୍କ ପରିବାର ଲୋକେ ମଧ୍ୟ ସିବିଆଇ ତଦନ୍ତ କଥା କହିଛନ୍ତି। ସେମାନେ କହିଛନ୍ତି, ତାଙ୍କ ପରିବାର ଭିତରେ ଚର୍ଚ୍ଚା, ଆଲୋଚନା ଚାଲିଛି ଏହାପରେ ସେମାନେ ଜଣାଇବେ। ମୁଖ୍ୟମନ୍ତ୍ରୀଙ୍କୁ ଲେଖିକି ଅଧିକ ତଦନ୍ତ ହେଉ ବୋଲି ଲେଖିବେ କହିଛନ୍ତି। ଏହି ଘଟଣାରେ ଯେଉଁସବୁ ନୂଆ ତଥ୍ୟ ଆସୁଛି, ତଦନ୍ତରେ ବହୁ କଥା ମିସିଙ୍ଗ୍ ଅଛି ବୋଲି କୁହାଯାଉଛି। ତେଣୁ ଅନେକ କଥା ପ୍ରଶ୍ନବାଚୀରେ ରହିଛି। ଏ ପ୍ରଶ୍ନବାଚୀଗୁଡିକର ଉତ୍ତର ଧୀରେ ଧୀରେ ଆସିବା ଆରମ୍ଭ କରିବ ବୋଲି ପୃଥ୍ୱୀରାଜ କହିଛନ୍ତି।

# ୧୦ ଲକ୍ଷ କ୍ଷତିପୂରଣ ଦାବିକଲା ବିଜେଡି

## ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୨୧।୧(ଅନିଲ ଦାସ)

ପୁରୀ ଜିଲାର କଣାସ ଅଞ୍ଚଳରେ ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପାଇଁ ବିଜେଡି ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ମଙ୍ଗଳବାର ଶଙ୍ଖ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟ ସରକାର ତାହାକୁ ନିୟନ୍ତ୍ରଣରେ ଆଣିବା ପାଇଁ କୌଣସି ପ୍ରକାରର ତତ୍ପରତା ଦେଖାଇ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସାମନ୍ତରାୟ କହିଛନ୍ତି, କଣାସ ଅଞ୍ଚଳର ବାସିନ୍ଦାମାନେ ଗତ ୧୦ ଦିନ ହେବ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରତିନିଧି ତ ଦୂରର କଥା, ସ୍ଥାନୀୟ ବିଧାୟକ ଏବଂ ଏମ୍‌ପି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ସୋମବାର ସନ୍ଧ୍ୟାରେ ସେମାନେ ପହଞ୍ଚିବା ପରେ ଲୋକଙ୍କ ରୋଷର ଶିକାର ହୋଇଛନ୍ତି। ତେଣୁ ରାଜ୍ୟ ସରକାର ଆକ୍ରାନ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ପ୍ରଦାନ କରନ୍ତୁ ଓ ଝାଡ଼ାବାନ୍ତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ସାମନ୍ତରାୟ ଦାବି କରିଛନ୍ତି।


ଶଙ୍ଖଭବନଠାରେ ବିଜେଡି ନେତା ଉମାକାନ୍ତ ସାମନ୍ତରାୟ ଓ ଲେନିନ୍ ମହାନ୍ତି।

## Business

# ଆର୍ଥିକ ଏକୀକରଣ ଉପରେ ଧ୍ୟାନଦେବା ଆବଶ୍ୟକ

## ବଜେଟ ଉପରେ ଇଣ୍ଡିଆ ରେଟିଂର ପରାମର୍ଶ

ଭୁବନେଶ୍ୱର,୨୧।୧(ଅନୁରାଧା ମହାରଣା)

ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟରେ ଉପଭୋକ୍ତା ଚାହିଦା ଏବଂ ପୁଞ୍ଜି ବ୍ୟୟକୁ ପ୍ରୋତ୍ସାହିତକରି ଆର୍ଥିକ ଏକୀକରଣ ଢାଞ୍ଚା ଉପରେ ଧ୍ୟାନଦେବା ଆବଶ୍ୟକ ବୋଲି ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟରେ, କେନ୍ଦ୍ର ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ଆର୍ଥିକ ସ୍ଥିତିକୁ ମଜଭୁତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାସହ ଆର୍ଥିକ ନିଅଣ୍ଟକୁ ମୋଟ ଘରୋଇ ଉତ୍ପାଦ (ଜିଡିପି) ର ୪.୫ ପ୍ରତିଶତକୁ ଆଣିବା ଲକ୍ଷ୍ୟ ରହିଛି। ଇଣ୍ଡିଆ ରେଟିଂ କହିଛି ବିଭିନ୍ନ ବର୍ଗ ବିଶେଷକରି ନିବେଶକମାନଙ୍କ ପାଇଁ ଅର୍ଥନୀତିର ଆର୍ଥିକ ସ୍ଥିତିକୁ ଆକଳନ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ମଧ୍ୟ ମୁଦ୍ରାସ୍ଫୀତି ହ୍ରାସ କରିବାରେ ସାହାଯ୍ୟକରେ ଯାହା ଆର୍ଥିକ ବର୍ଷରେ ୨୦୨୪-୨୫ ମଧ୍ୟରେ ରହିଥାଏ। ଏହା ଅର୍ଥନୀତିରେ ଦୁର୍ବଳ ବ୍ୟବହାର ଚାହିଦା ମଧ୍ୟରୁ ଏକ କାରଣ ଯାହାକି ବ୍ୟକ୍ତିଗତ ନିବେଶକୁ ୱାଚ୍-ୱେଟ୍ ପରିସ୍ଥିତିରେ ରଖିଛି। ଏଣୁ ଆୟକର ରିଲିଫ ମାଧ୍ୟମରେ ଅର୍ଥନୀତିରେ ଉପଭୋକ୍ତା ଚାହିଦାକୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ଆଗାମୀ ବଜେଟରେ ଘୋଷଣା କରାଯାଇପାରେ ବୋଲି ଆଶା କରାଯାଉଛି।

ଗତ ୩ ତ୍ରୈମାସରେ ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ସ୍ୱଳ୍ପ ଏବଂ ଦୀର୍ଘ ମିଆଦୀ କାର୍ଯ୍ୟସୂଚୀ ଉପରେ ଧ୍ୟାନ ଦେବ ବୋଲି ଆକଳନ କରାଯାଉଛି। ଏଥିରେ ଏକ ଆର୍ଥିକ ଏକୀକରଣ ସଡ଼କ ମାନଚିତ୍ର, ସଂଶୋଧିତ ଆର୍ଥିକ ସଡ଼କ ମାନଚିତ୍ର, ଉପଭୋକ୍ତା ଚାହିଦା ଏବଂ ଭିତ୍ତିଭୂମି ବୃଦ୍ଧି ଏବଂ ପୁଞ୍ଜି ଖର୍ଚ୍ଚ ଉତ୍ପାଦନ ଅନ୍ତର୍ଭୁକ୍ତ ରହିଛି। ଆର୍ଥିକବର୍ଷ ୨୦୨୧-୨୨ ପରେ, କେନ୍ଦ୍ର ସରକାର ଭିତ୍ତିଭୂମି କ୍ଷେତ୍ର ଉପରେ ଧ୍ୟାନ ଦେଉଛନ୍ତି ଯାହା ଯୋଗାଣ-ପାର୍ଶ୍ୱ ପ୍ରତିବନ୍ଧକକୁ ଦୂରକରିବାରେ ସାହାଯ୍ୟ କରିବ। ଇଣ୍ଡିଆ ରେଟିଂ ଆଶା କରୁଛି, ୨୦୨୫-୨୬ ବଜେଟରେ ମଧ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯିବ। ସୂଚନା ଥାଉକି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃଆରୀ ୧ରେ ୨୦୨୫-୨୬ ପାଇଁ ବଜେଟ ଉପସ୍ଥାପନ କରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ସାମାନ୍ୟ ପୁନରୁଦ୍ଧାର ସତ୍ତ୍ୱେ ଇଣ୍ଡିଆ ରେଟିଂ ଆଶା କରୁଛି ଯେ ଆର୍ଥିକ ଏକୀକରଣ ଢାଞ୍ଚାକୁ ପାଳନ କରିବ। ରେଟିଂ ଏଜେନ୍ସି କହିଛି , ୨୦୨୫-୨୬ ଆର୍ଥିକ ବର୍ଷରେ ବଜାର ମୂଲ୍ୟରେ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ହାର ୧୦.୨% ହେବ। ଇଣ୍ଡିଆ ରେଟିଂରେ ମୁଖ୍ୟ ଅର୍ଥନୀତିଜ୍ଞ ତଥା ଜନ ଫାଇନାନ୍ସର ମୁଖ୍ୟ ଦେବେନ୍ଦ୍ର କୁମାର ପନ୍ତ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ଆର୍ଥିକ ନିଅଣ୍ଟ ଲକ୍ଷ୍ୟକୁ ୪.୫%ରୁ କମ୍ ରଖିପାରନ୍ତି।


ନିର୍ମଳା ସୀତାରାମନ

# ଜେକେସିଏଲ୍ ନୂତନ ଉତ୍ପାଦ ଶୃଙ୍ଖଳ

ନୂଆଦିଲ୍ଲୀ,୨୧।୧

ଜେକେ ସିମେଣ୍ଟ ଲିମିଟେଡ୍ (ଜେକେସିଏଲ୍)ର ନୂତନ ଅତ୍ୟାଧୁନିକ ଉତ୍ପାଦ ଶୃଙ୍ଖଳର ଶୁଭାରମ୍ଭ ଓଡ଼ିଶା ବଜାରରେ ହୋଇଯାଇଛି, ଯାହାକି ଦେଶର ପୂର୍ବାଞ୍ଚଳରେ କମ୍ପାନୀର ସ୍ଥିତିକୁ ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପକୁ ଚିହ୍ନିତ କରୁଛି। ଏହି ନୂତନ ଉତ୍ପାଦ ଶୃଙ୍ଖଳାରେ ଜେକେ ସୁପର ଷ୍ଟ୍ରଙ୍ଗ୍ ଓ ଜେକେ ସୁପର୍ ଆଦି ସାମିଲ ରହିଛି, ଯାହାକୁ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟରେ ଉନ୍ନତ ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଶୁଭାରମ୍ଭ ଓଡ଼ିଶାରେ ନିର୍ମାଣ ଶିଳ୍ପର ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଉଚ୍ଚମାନର ନିର୍ମାଣ ସାମଗ୍ରୀ ପ୍ରଦାନ କରିବା ପ୍ରତି ଜେକେସିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଜେକେସିଏଲ୍ ଗ୍ରୁପ୍‌ର ଅଧ୍ୟକ୍ଷ ଅମିତ କୋଠାରି କହିଛନ୍ତି, ଓଡ଼ିଶା ଆମ ପାଇଁ ଏକ ପ୍ରମୁଖ ବଜାର ହୋଇଥିଲାବେଳେ ଏଠାରେ ଆମର ଉତ୍ପାଦଗୁଡିକର ଅତ୍ୟାଧୁନିକ ଶୃଙ୍ଖଳର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ।

# ବଜେଟ ପୂର୍ବବର୍ତ୍ତୀ ସମୟ ସୁନା କିଣିବାର ସୁବର୍ଣ୍ଣ ସୁଯୋଗ:ହଂସ

ଭୁବନେଶ୍ୱର,୨୧।୧

ଚଳିତ ବର୍ଷ ଫେବୃଆରୀରେ ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବେ। ଏହି ସମୟର ସରକାର ସୁନା ଉପରେ ସୀମାଶୁଳ୍କ ବଢ଼ାଇପାରନ୍ତି। ଏପରିକି ଶୁଳ୍କ ବଢ଼ିଲେ ସୁନା ଦର ମଧ୍ୟ ସେହି ଅନୁସାରେ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ବଜାର ବିଶେଷଜ୍ଞଙ୍କ ମତ ଅନୁସାରେ ବର୍ତ୍ତମାନ ସୁନା ଦର କମ୍ ରହିଛି। ଏହି ସମୟରେ ଆବଶ୍ୟକ ସୁନା କିଣିନେବା ଏକ ଲାଭଦାୟୀ ପନ୍ଥା ହେବ। ସେହିଭଳି ୨୦୨୪ ଜୁଲାଇ ୨୩ରେ ପାରିତ ବଜେଟ ଅନୁଯାୟୀ ସୁନାର ସୀମାଶୁଳ୍କ ୧୫%ରୁ କମି ୬% ହୋଇଯାଇଥିଲା। ଏହା ଫଳରେ ସୁନା ଆମଦାନୀ ଆଖିଦୃଶିଆ ଭାବେ ବୃଦ୍ଧି ପାଇଥିଲା ବୋଲି ଲାଲ୍‌ଚାନ୍ଦ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ ସଞ୍ଜୟ ହଂସ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ଗତ ବର୍ଷର ଏହି ଆମଦାନୀ ଶୁଳ୍କରେ ହ୍ରାସ ବ୍ୟବସ୍ଥାର ଭାରସାମ୍ୟ ରକ୍ଷାକରିବା ନେଇ ସରକାର ନିଶ୍ଚିତ ଚିନ୍ତା କରିବେ ଆକଳନ କରାଯାଉଛି ବୋଲି ହଂସ କହିଥିଲେ। ଏହା ସହ ଆମଦାନୀ ଶୁଳ୍କରେ ବୃଦ୍ଧି ସ୍ଥାନୀୟ ବଜାରର କାରବାର ଆଶଙ୍କାକୁ ମଧ୍ୟ ବଢ଼ାଇଦେବ। ସେଥିପାଇଁ ଆଶାୟୀ ଗ୍ରାହକମାନେ ଦର ହ୍ରାସ ହୋଇଥିଲାବେଳେ ଆବଶ୍ୟକ ସୁନା କିଣିନେବା ଏକ ଉପଯୋଗୀ ପଦକ୍ଷେପ ହେବ ବୋଲି ହଂସ କହିଛନ୍ତି।


ସଞ୍ଜୟ ହଂସ

# ୩ୟ ତ୍ରୈମାସରେ ୬୩୯ କୋଟିର ନେଟ୍ ଲାଭ

UCO BANK
(A Govt. of India Undertaking)
Honours Your Trust

ନୂଆଦିଲ୍ଲୀ,୨୧।୧(ଅଭୟ ଦାଶ)

ୟୁକୋ ବ୍ୟାଙ୍କର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏପରିକି ୨୦୨୪ ଡିସେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ୨୭.୦୪% ଅଭିବୃଦ୍ଧି ହାର ହାସଲକରି ୬୩୯ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି, ଯାହା ପୂର୍ବ ବର୍ଷ ଏହି ସମୟରେ ୫୦୩ କୋଟି ଟଙ୍କା ଥିଲା।

ସେହିଭଳି ବ୍ୟାଙ୍କର ସକଳ ଅଗ୍ରିମରେ ୨୨.୦୧% ବୃଦ୍ଧି ଘଟି ୧,୧୪,୩୫୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧି ୪, ୮୮,୯୧୧ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ୧୯.୬୨% ବୃଦ୍ଧି ଘଟି ୨,୩୭୮ କୋଟିରେ ପହଞ୍ଚିଛି।

ସେହିପରି ତୃତୀୟ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୩.୧୭% ବୃଦ୍ଧି ପାଇଥିବାବେଳେ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ୧୬.୨୫% ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ୯୬.୧୬% ରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ୪୧.୭୩% ଅଭିବୃଦ୍ଧି ହାରରେ ୧,୫୮୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ଏନ୍‌ପିଏ ୯୪ବିପିଏସ୍ ହ୍ରାସ ପାଇ ୨.୯୧%ରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୫ ବିପିଏସ୍ ହ୍ରାସ ପାଇ ୦.୬୩% ରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ,ୟୁକୋ ବ୍ୟାଙ୍କର ୩,୨୬୩ଟି ଘରୋଇ ଶାଖା ରହିଥିବାବେଳେ ହଂକଂ ଓ ସିଙ୍ଗାପୁରଠାରେ ୨ଟି ଶାଖା ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୪୭୮ଟି ଏଟିଏମ୍ ଓ ୧୦୬୫୩ଟି ବିସି ପଏଣ୍ଟ ରହିଛି।

# ମୁଥୁଟ୍ ଫାଇନାନ୍ସ ଫ୍ରି ଲକର ସେବାର ଶୁଭାରମ୍ଭ

## ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା

ନୂଆଦିଲ୍ଲୀ,୨୧।୧

ଦୀର୍ଘ ୧୨ ବର୍ଷ ପରେ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ 'ମହାକୁମ୍ଭ' (ମହା କୁମ୍ଭ ପ୍ରୟାଗରାଜ-୨୦୨୫) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଥୁଟ୍ ଫାଇନାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ସୁବିଧା 'ଫ୍ରି ଲକର ସେବା'ର ଶୁଭାରମ୍ଭ କରାଯାଇଛି। ଏହି ସେବା କେବଳ ମହାକୁମ୍ଭରେ ସାମିଲ ଶ୍ରଦ୍ଧାଳୁଙ୍କ ପାଇଁ ଉପଲବ୍ଧ। ଏହି ଅବସରରେ ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ ମୁଥୁଟ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଥୁଟ୍ ଗ୍ରୁପ୍ ଓ ମୁଥୁଟ୍ ଫାଇନାନ୍ସର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୫ ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ 'ମହାକୁମ୍ଭ' ମେଳା ଆୟୋଜିତ ହେବ। ଏହି ମେଳାରେ ସାମିଲ ବହୁ କୋଟି ଶ୍ରଦ୍ଧାଳୁଙ୍କୁ ମୁଥୁଟ୍ ଫାଇନାନ୍ସ ସୁରକ୍ଷିତ ଓ ମାଗଣା ଲକର ସୁବିଧା 'ବିଶ୍ୱାସ କି ତିଜୋରୀ'ର ଶୁଭାରମ୍ଭ କରାଯାଇଛି। ଏହି ୪୫ ଦିନିଆ ମେଳା ଅବସରରେ ସମସ୍ତ ଆଶାୟୀ ଶ୍ରଦ୍ଧାଳୁଙ୍କ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ଓ ଯତ୍ନବାନ୍ ସେବା ଯୋଗାଇ ଦେବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଏହି ଲକର ସେବା ଅଞ୍ଚଳରେ ୨୪/୭ ଘଣ୍ଟିଆ ସିସି ଟିଭି ସେବା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା (ସିକ୍ୟୁରିଟ ଗାର୍ଡ) ଏବଂ ଅଗ୍ନିନିର୍ବାପକ ଓ ଅତ୍ୟାଧୁନିକ ସମସ୍ତ ସୁରକ୍ଷା ସୁବିଧା କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଛି।

ଏ ନେଇ ଆଲେକଜାଣ୍ଡର କହିଥିଲେ, ଆମେ ଆମର ସ୍ୱତନ୍ତ୍ର ସେବା ଓ ମାଗଣା ଲକର ସୁବିଧା 'ବିଶ୍ୱାସ କି ତିଜୋରୀ'ର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ମହାକୁମ୍ଭରେ ସାମିଲ ବହୁ କୋଟି ଶ୍ରଦ୍ଧାଳୁଙ୍କର ବିଶ୍ୱାସଭାଜନ ସହିତ ସେମାନଙ୍କର ସାମଗ୍ରୀର ସୁରକ୍ଷିତ ରକ୍ଷଣାବେକ୍ଷଣା ପାଇଁ ଏହି ସୁବିଧାକୁ ସାର୍ବଜନିକ ଭାବେ ଆରମ୍ଭ କରିଛୁ।




# ଅଟୋମୋଟିଭ ଇସ୍ପାତ ଉତ୍ପାଦନ କରିବ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ

ନୂଆଦିଲ୍ଲୀ,୨୧।୧

ଆର୍ସେଲରମିତ୍ତଲ ଏବଂ ନିପ୍ପନ ଷ୍ଟିଲ୍‌ର ମିଳିତ ଉଦ୍ୟୋଗ 'ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ'ର ଅତ୍ୟାଧୁନିକ ଅଟୋମୋଟିଭ ଇସ୍ପାତ କାରଖାନାକୁ ୨୦୨୫ରେ କାର୍ଯ୍ୟକ୍ଷମ କରିବାକୁ ଘୋଷଣା କରାଯାଇଛି। ଚଳିତ ବର୍ଷଠାରୁ ଉନ୍ନତ ଅଟୋମୋଟିଭ ଇସ୍ପାତ ଦ୍ରବ୍ୟ ଉତ୍ପାଦନ ପାଇଁ କମ୍ପାନୀର ସମର୍ପିତ ଦୁଇଟି ଅତ୍ୟାଧୁନିକ ଉତ୍ପାଦନ ଲାଇନ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ସମଗ୍ର ଅଟୋମୋବାଇଲ କ୍ଷେତ୍ର ପାଇଁ ଆବଶ୍ୟକ ଉଚ୍ଚସ୍ତରୀୟ ଇସ୍ପାତ ଆମଦାନୀ ବଦଳରେ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ପ୍ରୋତ୍ସାହିତ କରାଯିବ। ଏହାବ୍ୟତୀତ ସମସ୍ତ ଉତ୍ପାଦ ମୂଳ କମ୍ପାନୀ ଆର୍ସେଲରମିତ୍ତଲ ଏବଂ ନିପ୍ପନ ଷ୍ଟିଲ୍‌ର ଗୁଣବତ୍ତା ମାନକ ସହ ମେଳଖାଇବ। ବର୍ତ୍ତମାନ ବିଶ୍ୱସ୍ତରରେ ଉପଲବ୍ଧ କିଛି ଅଫର ଭାରତରେ ପ୍ରଥମ ଥର ପାଇଁ ଉତ୍ପାଦନ କରାଯିବ।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଇଓ ଦିଲୀପ ଉମେନ କହିଛନ୍ତି, ଆମର ଉତ୍ସର୍ଗୀକୃତ ଦୁଇଟି ୟୁନିଟ୍ ଅଟୋମୋଟିଭ୍ କ୍ଷେତ୍ରର ବିକଶିତ ଆବଶ୍ୟକତା ଅନୁଯାୟୀ ଉଚ୍ଚମାନର ପ୍ରିମିୟମ ଇସ୍ପାତ ସମାଧାନ ପ୍ରଦାନ କରିବାର ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଆମର ବିସ୍ତୃତ ଉତ୍ପାଦ ଏବଂ ସେବା ସହ ଆମେ ଅଟୋମୋଟିଭ ନିର୍ମାତାମାନଙ୍କ ମଧ୍ୟରେ ଭଲ ଏବଂ ପସନ୍ଦଯୋଗ୍ୟ ସ୍ଥିତିରେ ରହିଛୁ। ଏହା କାର୍ଯ୍ୟକ୍ଷମ ହେବା ପରେ ଏହି ସଂଯୋଗଗୁଡ଼ିକ କେବଳ ନୂତନ ବିଶ୍ୱସ୍ତରରେ ବ୍ୟାପକ ଭାବେ ସ୍ୱୀକୃତିପ୍ରାପ୍ତ ଅଫର ଉତ୍ପାଦନ କରିବାକୁ ସକ୍ଷମ କରିବ ନାହିଁ ବରଂ ଆମର ପୋର୍ଟଫୋଲିଓ ଏବଂ ଆମର ବଜାର ଅଂଶ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ। ଦେଶର ଇସ୍ପାତ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହିତ କରିବ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜିଠୁ ଭାରତ-ଇଂଲଣ୍ଡ ଟି୨୦

**କୋଲକାତା, ୨୧।୧ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏହି ସିରିଜ ଖେଳିବାକୁ ଯାଉଥିବା ଭାରତୀୟ ଦଳରେ ପ୍ରତ୍ୟାବର୍ତ୍ତନକାରୀ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ଉପରେ ନଜର ରହିବ। ଆସନ୍ତା ମାସରେ ଚାମ୍ପିୟନ୍ସ ଟ୍ରଫି ଅନୁଷ୍ଠିତ ହେବ। ତେଣୁ ତା' ପୂର୍ବରୁ ଇଂଲଣ୍ଡ ବିପକ୍ଷ ଏହି ଟି୨୦ ସିରିଜ ଏବଂ ଏହାପରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୩ ଦିନିକିଆ ବିଶ୍ୱକପରେ ଶାମି ୪ଟି ମ୍ୟାଚ ଖେଳିପାରି ନ ଥିଲେ ହେଁ ଭାରତର ଟପ୍ ଉଇକେଟ ହାସଲକାରୀ ବିବେଚିତ ହୋଇଥିଲେ। ସେ ମୋଟ ୨୪ଟି ଉଇକେଟ ହାସଲ କରିଥିଲେ। ଏହା ମଧ୍ୟରେ ୱାଙ୍ଖେଡେ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ୭/୫୭ ସଫଳତା ସାମିଲ। ଟି୨୦ ସିରିଜରେ ତାଙ୍କ ଫିଟ୍‌ନେସର ଉପଯୁକ୍ତ ପ୍ରମାଣ ମଧ୍ୟ ମିଳିବ। ୨୦୨୩ ନଭେମ୍ବର ୧୯ରେ ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରିବା ପରଠାରୁ ଶାମି ଆଉ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନାହାନ୍ତି। ସେ ପାଦରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଥିଲା। ସେଥିରୁ ସୁସ୍ଥ ହେବା ପରେ ସେ ଘରୋଇ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ବାମ ଆଣ୍ଠୁ ଫୁଲିବା ଯୋଗୁ ଅନ୍ତର୍ଜାତୀୟ କ୍ରିକେଟକୁ ତାଙ୍କ ପ୍ରତ୍ୟାବର୍ତ୍ତନ ବିଳମ୍ବ ହୋଇଥିଲା। ଏବେ ସେ ଇଂଲଣ୍ଡ ବିପକ୍ଷ ସିରିଜ ଓ ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି।

ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ପିଠିରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ଚାମ୍ପିୟନ୍ସ ଟ୍ରଫିରେ ଖେଳିବା ନେଇ ସନ୍ଦେହ ରହିଛି। ଏପରିସ୍ଥଳେ ଶାମିଙ୍କ ପ୍ରତ୍ୟାବର୍ତ୍ତନ ଭାରତ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି। ୩୪ ବର୍ଷୀୟ ଏହି ବୋଲର ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟକୁ ଫେରି ରଣଜୀ ଟ୍ରଫିରେ ୭ ଉଇକେଟ ନେଇ ଚଳିତ ସିଜନରେ ବେଙ୍ଗଲକୁ ପ୍ରଥମ ବିଜୟ ସ୍ୱାଦ ଚଖାଇଛନ୍ତି। ଏହା ବ୍ୟତୀତ ସେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ୧୧ ଓ ବିଜୟ ହଜାରେ ଟ୍ରଫିରେ ୫ ଉଇକେଟ ହାସଲ କରିଛନ୍ତି।

ଟି୨୦ ଫର୍ମାଟରେ ଅକ୍ଷର ପଟେଲ ପ୍ରଥମଥର ପାଇଁ ଭାରତୀୟ ଦଳର ଉପ-ଅଧିନାୟକ ହୋଇଛନ୍ତି। ଗତବର୍ଷ କାରିବିୟାନ ମାଟିରେ ଭାରତର ଟି୨୦ ବିଶ୍ୱକପ ବିଜୟରେ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନର ପୁରସ୍କାର ସ୍ୱରୂପ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ସେ ୩୧ ବଲ୍‌ରୁ ମୂଲ୍ୟବାନ ୪୭ ରନର ଇନିଂସ ଖେଳିଥିଲେ। ଏହା ବ୍ୟତୀତ ସେ ୧୯.୨୨ ଆଭରେଜରେ ୯ ଉଇକେଟ ମଧ୍ୟ ହାସଲ କରିଥିଲେ। ତାଙ୍କ ଉପସ୍ଥିତି ଦଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ସନ୍ତୁଳିତ କରିଛି। ସଞ୍ଜୁ ସାମସନଙ୍କ କ୍ୟାରିୟର ପାଇଁ ମଧ୍ୟ ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ନୀତୀଶ କୁମାର ରେଡ୍ଡୀଙ୍କ ଉପସ୍ଥିତି ଭାରତ ପାଇଁ ପେସ୍-ବୋଲିଂ- ଅଲ୍ ରାଉଣ୍ଡରର ବିକଳ୍ପ ରଖିଛି।

ଟି୨୦ ବିଶ୍ୱକପ ପରେ ମାଥ୍ୟୁ ମୋଟ୍ସଙ୍କ ଇସ୍ତଫା ପରେ ନୂଆ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି। ଟେଷ୍ଟ କ୍ରିକେଟରେ ଆକ୍ରମଣାତ୍ମକ 'ବାଜ୍‌ବଲ୍' ପଦ୍ଧତି ଆପଣେଇ ଚର୍ଚ୍ଚାରେ ରହିଥିବା ମ୍ୟାକକୁଲମଙ୍କ ପାଇଁ ତାହାକୁ ସୀମିତ ଓଭର କ୍ରିକେଟରେ ପ୍ରତିଫଳିତ କରିବାର ସମୟ ଆସିଛି। ଇଂଲଣ୍ଡ ରିଶି ଟୋପ୍‌ଲେ, ସାମ୍ କୁରାନ ଓ ୱିଲ ଜ୍ୟାକ୍ସଙ୍କ ପରି କେତେଜଣ ତାରକା ଖେଳାଳିଙ୍କ ଅନୁପସ୍ଥିତି ଅନୁଭବ କରିବ। ଗତବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ୨୧ ବର୍ଷୀୟ ଜ୍ୟାକବ ବେଥେଲଙ୍କ ଉପରେ ନଜର ରହିବ। ବେଥେଲ ୭ଟି ଟି୨୦ ଅନ୍ତର୍ଜାତୀୟ କ୍ୟାରିୟରରେ ୫୭.୬୬ ଆଭରେଜ ଏବଂ ୧୬୭.୯୬ ଷ୍ଟ୍ରାଇକ ହାର ରଖିଛନ୍ତି। ଭାରତର ଶାମିଙ୍କ ପରି ଇଂଲଣ୍ଡ ଦଳକୁ ଜୋଫ୍ରା ଆର୍ଚର ଫେରିଛନ୍ତି। ତେଣୁ ବଟଲରଙ୍କ ଦଳ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। କୋଲକାତା ମ୍ୟାଚ ପରେ ଅବଶିଷ୍ଟ ୪ ମ୍ୟାଚ ୨୫ରେ ଚେନ୍ନାଇ, ୨୮ରେ ରାଜକୋଟ, ୩୧ରେ ପୁଣେ ଓ ଫେବୃଆରୀ ୨ରେ ମୁମ୍ବାଇରେ ଖେଳାଯିବ।

## ଖେଳାଳି ତାଲିକା

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅକ୍ଷର ପଟେଲ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଅର୍ଶଦୀପ ସିଂ, ମହମ୍ମଦ ଶାମି, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ।

ଇଂଲଣ୍ଡ ଦଳ: ଜୋସ ବଟଲର (ଅଧିନାୟକ), ହାରି ବ୍ରୁକ୍, ଫିଲ୍ ସଲ୍ଟ, ଜ୍ୟାକବ ବେଥେଲ, ଲିଆମ ଲିଭିଂଷ୍ଟୋନ, ଜୋଫ୍ରା ଆର୍ଚର, ଗୁସ ଆଟକିନସନ, ବେନ୍ ଡକେଟ, ଜେମି ଓଭର୍ଟନ, ଆଡିଲ ରଶିଦ, ମାର୍କ ଉଡ୍।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା।**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**


ଅଭ୍ୟାସ ଅବସରରେ ମହମ୍ମଦ ଶାମି ଓ ଅର୍ଶଦୀପ ସିଂ।

# ଶୁଟ୍‌ଆଉଟରେ ଜିତିଲା ଓଡ଼ିଶା ୱାରିୟର୍ସ


ମଙ୍ଗଳବାର ଓଡ଼ିଶା ୱାରିୟର୍ସ ଓ ସୁର୍‌ମା ହକି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ମହିଳା ହକି ଇଣ୍ଡିଆ ଲିଗ୍**

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ମଙ୍ଗଳବାର ଓଡ଼ିଶା ୱାରିୟର୍ସ ଶୁଟ୍‌ଆଉଟ ୨-୦ ଗୋଲରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ୱାରିୟର୍ସ ପକ୍ଷରୁ ସୋନିକା ଓ କାଟଲିନ ନବ୍ସ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ଲିଲି ଷ୍ଟୋଫେଲସ୍ମା ଓ ମୋଏସ ଫ୍ରେକ୍ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ସୁର୍‌ମା ପକ୍ଷରୁ ଷ୍ଟାପେନହର୍ଷ୍ଟ ଚାର୍ଲୋଟ, ଦୀପିକା ସୋରେଙ୍ଗ, ମାରିଆ ଭର୍ସଟୁର ଓ ଇଙ୍ଗଲେବର୍ଟ ଚାର୍ଲୋଟ ଫେଲ୍ ମାରିଥିଲେ। ଓଡ଼ିଶା ୱାରିୟର୍ସ ଗୋଲକିପର ଜୋସେଲିନ ବାର୍ଟରାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୫ ମ୍ୟାଚରୁ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହ ୱାରିୟର୍ସ ୧୦ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ସୁରମା ୫ ମ୍ୟାଚରୁ ୩ ବିଜୟ, ୧ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହିତ ୧୦ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଶୀର୍ଷସ୍ଥାନ ଅଧିକାର କରିଛି।

# ବେଙ୍ଗାଲୁରୁ ମୁକାବିଲା ପାଇଁ ଓଏଫ୍‌ସି ପ୍ରସ୍ତୁତ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

ଚଳିତ ଇଣ୍ଡିଆନ ସୁପରଲିଗ୍‌ରେ ଓଡ଼ିଶା ଏଫ୍‌ସିର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି ବେଙ୍ଗାଲୁରୁ ଏଫ୍‌ସି। ମ୍ୟାଚଟି ବୁଧବାର ବେଙ୍ଗାଲୁରୁର ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦୁଇ ଦଳ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମୁକାବିଲା ଗତ ଡିସେମ୍ବରରେ ହୋଇଥିଲା। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ୪-୨ ଗୋଲରେ ବିଜୟୀ ହୋଇଥିଲା। ସସପେଣ୍ଡ ଥିବାରୁ କାର୍ଲୋସ ଡେଲଗାଡୋ ଆଗାମୀ ମ୍ୟାଚ ପାଇଁ ଉପଲବ୍ଧ ହେବେନାହିଁ। କେରଳ ବ୍ଲାଷ୍ଟର୍ସ ବିପକ୍ଷ ପୂର୍ବ ମ୍ୟାଚରେ ସେ ରେଡ୍‌କାର୍ଡ ପାଇଥିଲେ। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି ଏହାର ପୂର୍ବ ୨ ମ୍ୟାଚରେ ମହମ୍ମଡାନ ସ୍ପୋର୍ଟିଂ ନିକଟରୁ ୦-୧ ପରାଜୟ ଓ ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ୧-୧ ଡ୍ର ପରେ ଓଡ଼ିଶା ଏଫ୍‌ସିକୁ ଭେଟିବାକୁ ଯାଉଛି। ବେଙ୍ଗାଲୁରୁ ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୧୬ ମ୍ୟାଚରୁ ୮ ବିଜୟ, ୪ ପରାଜୟ ଓ ୪ ଡ୍ର ସହ ୨୮ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ୧୬ ମ୍ୟାଚରୁ ୫ ବିଜୟ, ୬ ଡ୍ର ଓ ୫ ପରାଜୟ ସହିତ ୨୧ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ''ବେଙ୍ଗାଲୁରୁ ଏଫ୍‌ସି ଘରୋଇ ପରିବେଶରେ ସବୁବେଳେ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀ ବିବେଚିତ ହୋଇଥାଏ। ଗତ ମ୍ୟାଚରେ ଏହି ଦଳ ମହମ୍ମଡାନ ସ୍ପୋର୍ଟିଂ ନିକଟରୁ ହାରିଥିଲେ ମଧ୍ୟ ଏକ ଶକ୍ତିଶାଳୀ ଦଳ। ଆମେ ନିଜର ଦକ୍ଷତା ମୁତାବକ ଖେଳି ଶ୍ରେଷ୍ଠ ପ୍ରଦର୍ଶନ କରିବାର ଅଛି। ଆଗାମୀ ମୁକାବିଲା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ'' ବୋଲି ସୋମବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଥିଲେ।

**Classified Everyday**
**0674-2580101, 9692975378**


**REAL ESTATE**

**SALE**

**G+2 residential building Mukunda Prasad Housing Board near Industrial Police Station, Barunei Bypass Road, Khorda. Contact- 9337371391, 7978836746.** D-2653

**3/4 BHK Two Stored building for sale at- Jagatpur, Cuttack- Ph No.- 7008321705.** D-2656

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-2662

**ACCOMMODATION**

Free accommodation for senior citizens and mentally ill person & Drug addicted person with all facilities. Contact- 9337160036, 7325991853, 9439928693. D-2589


**CONSTRUCTION**

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630




Newly open health benefits spa by experience lady therapist. 7750040475 D-76188

Newly open health benefits SPA special Offer @ 799 Bapujinagar. 8018429809. D-76189

**AFFIDAVIT**

I, Benudhar Behera, At- Basantapur Sasan, P.S.- Dhauli, Dist.- Khurda, I have changed my daughter's name from Sony Behera to Roni Behera. Henceforth my daughter shall be known as Roni Behera for all future purpose. D-2665

By virtue of an affidavit sworn before the Executive Magistrate, Patnagarh, Bolangir, I Arpita Priyadarshinee Behera declare that I have changed my name from ARPITA PRIYADARSHINEE BEHERA to ARPITA PRIYADARSHINEE DASH due to wrong publish in my husband's service document. That both the names ARPITA PRIYADARSHINEE BEHERA and ARPITA PRIYADARSHINEE DASH is one and same person. Henceforth, I shall be known as ARPITA PRIYADARSHNEE DASH for all future purposes. D-2664

By virtue of an affidavit dt- 18.01.2025, before the Executive Magistrate, Kamakhyanagar, I Hemant Raut, S/o- Late Basudeb Raut, Vill- Khokasa, P.O.- Motta, P.S.- Kamakhyanagar, Dist.- Dhenkanal, have changed my name from Haladhar Das to Hemanta Raut. Henceforth, I shall be known as Hemanta Raut for all purposes. D-2650

By virtue of an affidavit sworn before Executive Magistrare, Banki, dated- 13.01.2025, I Chinmaya Jagadev Singh, resident of Vill- Singhanathpur, P.O.- Patapur, P.S.- Banki, Dist.- Cuttack, Odisha, 754008, declare that I have changed my name from Gopal Singh to Chinmaya Jagadev Singh. Henceforth, I shall be known as Chinmaya Jagadev Singh for all purposes.
Chinmaya Jagadev Singh D-2649

By virtue of an affidavit sworn before Notary, Bhubaneswar dated 20.01.2025, I, SATARUPA ROY of Uttarmundmuhan, Janla, P.S.- Infocity, Bhubaneswar- 752054 declare that I have changed my name from SATYARUPA ROY to SATARUPA ROY. Henceforth, I shall be known as SATARUPA ROY for all purposes. D-2651

By virtue of an affidavit sworn before the Executive Magistrate, Bhubaneswar, dated 15.01.2025, I, Sabita Baral, Address- Bidurpur, P.O.- Jenapur, Sripurusottampur, P.S.- Delanga, Dist.- Puri, PIN-752016 declare that I have changed my name from Sabita Behera to Sabita Baral. Henceforth, I shall be known as Sabita Baral for all purposes.
Sabita Baral D-2652

By virtue of an affidavit sworn before Mrs. Manisha Gupta, OAS-A (JB) dated 21.01.2025, I, Muna Mahapatra, At- Puania, P.O.- Gambharidihi, P.S.- Sarankul, Dist.- Nayagarh, PIN- 752070 declare that I have changed my name from Suna Mohapatra to Muna Mahapatra. Henceforth, I shall be known as Muna Mahapatra for all purposes. D-2657

Affidavit before Executive Magistrate, Puri, I, Susanta Kumar Debata (50), S/o- Late Rama Chandra Debata (as per Aadhaar Card). At- Utkalini Nivas, Senapati Bagicha, P.O.- Baliguali, P.S.- Talabania, Dist.- Puri state that my name wrongly recorded in my daughter Riddhi Priyadarshini's Birth Certificate Regd. No.- 3619/2006 as Susanta Ku. Debata and her Secondary School Examination 2022 year's Roll No.- 12163409, Regn. No- B122/15521/0021 as Susanata Kumar Debata. Both Susanta Ku. Debata and Suasanta Kumar Debata and Susanta Kumar Debata, S/o- Late Rama Chandra Debata are one and same person. D-2663

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଯାଆଁଳା, ଶ୍ରୀରାମ ଫାଇଟର ବିଜୟୀ

**ବାଙ୍କୁଆଳ ପ୍ରିମିୟର ଲିଗ**

**ପୁରୁଣା ଭୁବନେଶ୍ୱର, ୨୧।୧**
**(ସୁବାସ ଚନ୍ଦ୍ର ପ୍ରଧାନ)**

ସ୍ଥାନୀୟ ବାଙ୍କୁଆଳ ଖେଳ ପଡିଆରେ ଚାଲିଥିବା ଜଗବନ୍ଧୁ ସ୍ୱାଇଁ ବଙ୍କୁଆଳ ପ୍ରିମିୟର ଲିଗ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଶ୍ରୀରାମ ଫାଇଟର ଏବଂ ଯାଆଁଳା କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଶ୍ରୀରାମ ଫାଇଟର ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୨୧୩ରନ କରିଥିଲା। ଜବାବରେ ବିଏସଏ ବ୍ଲାଷ୍ଟର କ୍ରିକେଟ ଟିମ୍ ୧୫ ଓଭର ଖେଳି ୫ ଉଇକେଟ ହରାଇ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲା। ସୁଜିତ ସାହୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଯାଆଁଳା କ୍ରିକେଟ କ୍ଲବ୍ ଏବଂ ଯୁବି ରକଷ୍ଟାର ମଧ୍ୟରେ ଖେଳା ଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଯାଆଁଳା କ୍ରିକେଟ କ୍ଲବ୍ ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୨୩୭ ରନ କରିଥିଲା। ଜବାବରେ ଯୁବି ରକଷ୍ଟାର ୧୨.୪ ଓଭରରେ ୯୫ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ଅତିଥି ଭାବେ ଯୋଗ ଦେଇ କ୍ଷୀରୋଦ ସ୍ୱାଇଁ ଏବଂ ପ୍ରଫୁଲ୍ଲ କୁମାର ସ୍ୱାଇଁ ବିଜୟୀ ଦଳର ବୀର ଅଭିମନ୍ୟୁଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁନିଲ କୁମାରସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ।

# ଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ)**

ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀ ଚାମ୍ପିୟନଶିପ୍‌ର ଉଭୟ ୭ଏସ ଓ ୧୫ ଏସ୍ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଫାଇନାଲକୁ ଉନ୍ନୀତ ହୋଇଛି। କିଟ୍-କିସ୍ ଆଥଲେଟିକ୍ ଷ୍ଟାଡିୟମରେ ଚାଲିଥିବା ପ୍ରତିଯୋଗିତାର ୭ଏସ ବର୍ଗ ସେମିଫାଇନାଲରେ କିଟ୍ ୨୪-୫ରେ ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ୧୫ଏସ ବର୍ଗର ସେମିରେ କିଟ୍ ୧୦-୦ରେ ଶିବାଜୀ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ବୁଧବାର ୭ଏସ୍ ଫାଇନାଲ କିଟ୍ ଓ ଶିବାଜୀ ଏବଂ ୧୫ଏସ ଫାଇନାଲ କିଟ୍ ଓ ୟୁନିଭର୍ସିଟି ଅଫ୍ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବ। ଉଭୟ ବର୍ଗର ଫାଇନାଲ ପାଇଁ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।




**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଡାକ୍ତର ବିଜୟ କୁମାର ସାହୁ**
**ବୟାଳିଶବାଟି, ଗୋପ, ପୁରୀ**
ଆବିର୍ଭାବ: ତା୦୫।୦୨।୧୯୫୬
ତିରୋଧାନ: ତା୧୩।୦୧।୨୦୨୫
ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରେକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ। ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଆପଣଙ୍କର ଶୋକସନ୍ତପ୍ତ ପରିବାର**
ଧ-୨୬୫୪

# ପଞ୍ଚମ ବିଜୟ ସହ ଶୀର୍ଷରେ ୟୁପି ରୁଦ୍ରାସ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ):** ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ୟୁପି ରୁଦ୍ରାସ ୨-୦ ଗୋଲରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ବିଜୟୀ ଦଳ ପକ୍ଷରୁ ୩୭ତମ ମିନିଟରେ କସିନ୍ସ ଟଙ୍ଗୁ ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଏବଂ ୪୦ତମ ମିନିଟରେ କେନ୍ ରସେଲ ଆଉ ଏକ ପେନାଲ୍ଟି କର୍ଣ୍ଣରରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୮ ମ୍ୟାଚରୁ ୟୁପି ରୁଦ୍ରାସର ଏହାଥିଲା ୫ମ ବିଜୟ। ଫଳରେ ଦଳ ୧୫ ପଏଣ୍ଟ ସହିତ ଟେବୁଲର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ଗୋନାସିକା ସମାନ ସଂଖ୍ୟକ ମ୍ୟାଚରୁ ୬ଷ୍ଠ ପରାଜୟ ସହ ୭ ପଏଣ୍ଟରେ ସ୍ଥିର ରହିଛି। ତାମିଲନାଡୁ ଡ୍ରାଗନ୍ସ ୭ ମ୍ୟାଚରୁ ୧୫ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଛି। ହାଇଦ୍ରାବାଦ ତୋଫାନ୍ସ ୭ ମ୍ୟାଚରୁ ୧୩ ଓ ରର୍ ବେଙ୍ଗଲ ଟାଇଗର୍ସ ୭ ମ୍ୟାଚରୁ ୧୨ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ରହିଛନ୍ତି।

# ସୋରିଷ ଫସଲରେ ରୋଗପୋକ ପରିଚାଳନା



ଡ. ପରେଶ କୁମାର ପଣ୍ଡା

ସୋରିଷକୁ ସବୁବେଳେ ଧାଡ଼ିରେ ବୁଣିବା ଉଚିତ। ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୧୦ସେ.ମି. ଦୂରତାରେ ବୁଣିଲେ ଭଲ। ସୋରିଷ ଧାଡ଼ିକୁ ଉତ୍ତର-ଦକ୍ଷିଣ ଭାବେ ବୁଣିବା ଦରକାର। ଏହାଦ୍ୱାରା ଏଥିରେ ସୂର୍ଯ୍ୟାଲୋକର ଉପଯୋଗ ଠିକ୍ ହୁଏ। ତା'ସହ ଅମଳ ମଧ୍ୟ ବୃଦ୍ଧି ପାଏ। ଅଣଜଳସେଚିତ ତୋରିଆ ଫସଲରେ ଏକର ପ୍ରତି ୧୬:୮:୮ ଅର୍ଥାତ୍, ଡିଏପି ୧୮ କି.ଗ୍ରା., ୟୁରିଆ ୨୮ କି.ଗ୍ରା. ଏବଂ ପଟାସ ସାର ୧୩ କି.ଗ୍ରା. ପ୍ରୟୋଗ କରିବା ଦରକାର। ଏହାବ୍ୟତୀତ ଜଳସେଚିତ ତୋରିଆ ତଥା ଅଣଜଳସେଚିତ ରାଇ ଫସଲରେ ୨୦:୧୦:୨୦ (ଡିଏପି ୨୨ କି.ଗ୍ରା., ୟୁରିଆ ୩୫ କି.ଗ୍ରା. ଓ ପଟାସ ୩୩ କି.ଗ୍ରା.) ଏବଂ ଜଳସେଚିତ ରାଇ ଫସଲରେ ୩୨: ୩୬:୧୬ ହିସାବରେ ସାର ପ୍ରୟୋଗ କରନ୍ତୁ।

ଅଣଜଳସେଚିତ ଫସଲରେ ସମସ୍ତ ସାର, ମଞ୍ଜି ବୁଣିବା ପୂର୍ବରୁ ପ୍ରୟୋଗ ହୁଏ। ମାତ୍ର ଜଳସେଚିତ କ୍ଷେତ୍ରରେ ୫୦ ଭାଗ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାରକୁ ମୂଳସାର ଭାବେ ଏବଂ ଅବଶିଷ୍ଟ ୫୦ ଭାଗ ଯବକ୍ଷାରଜାନ ବୁଣିବାର ୩ ସପ୍ତାହ ପରେ ଘାସ ବାଛି ପ୍ରୟୋଗ କରିବା ଉଚିତ। ମୃତ୍ତିକା ପରୀକ୍ଷା ଭିତ୍ତିରେ ଯେଉଁ ମାଟିରେ ଦସ୍ତା ଓ ବୋରନ୍ (ଟାଙ୍ଗଣା)ର ଅଭାବ ଅଛି, ସେଠାରେ ଏକର ପ୍ରତି ଯଥାକ୍ରମେ ୫-୧୦ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ଓ ୪-୫ କି.ଗ୍ରା. ବୋରାକ୍ସ ପ୍ରୟୋଗ କରିବା ଉଚିତ।

**ଅନ୍ତଃଚାଷ, ଜଳସେଚନ ଓ ରୋଗପୋକ ପରିଚାଳନା**

ସୋରିଷ ଗଛ ବହଳିଆ ହୋଇଥିଲେ ଛୋଟ ଛୁଇଁ ମିଳିଥାଏ। ପ୍ରାରମ୍ଭିକ ଅବସ୍ଥାରେ ସୋରିଷଗଛର ଅଗ ଛିଡ଼ାଇ ଦେଲେ ଅଧିକ ଶାଖା ଆସିଥାଏ। ସୋରିଷଗଛ ବଢ଼ିବାର ୩ ସପ୍ତାହ ମଧ୍ୟରେ ଘାସ ବାଛିଦେବା ଭଲ। ନଚେତ୍ ଏକର ପ୍ରତି ଘାସମରା ଔଷଧ ଆଇସୋପ୍ରୋଟ୍ୟୁରନ୍ ୫୦ ପ୍ରତିଶତ, ଡବ୍ଲ୍ୟୁପି ୬୪୦ ଗ୍ରାମ ବୁଣିବାର ୩ ଦିନ ମଧ୍ୟରେ କୁଇଜାଲୋଫସ୍ ଇଥାଇଲ ୫ ପ୍ରତିଶତ ଇସି ୪୦୦ ମିଲି, ବୁଣିବାର ୧୫ଦିନ ବେଳକୁ ୨୦୦ ଲିଟର ପାଣିରେ ଗୋଳାଇ ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ସୋରିଷ ଚାଷରେ ଘାସ ନିୟନ୍ତ୍ରଣ କରାଯାଇଥାଏ। ଗଛ ଉଠିବାର ୨୫ ଦିନ ପରେ ପ୍ରଥମ ଏବଂ ଫଳ ଧରିବା (୫୫-୬୦ଦିନ ବେଳକୁ) ଅବସ୍ଥାରେ ଦ୍ୱିତୀୟ ଥର ହାଲୁକା ପାଣି ମଡ଼ାନ୍ତୁ। ଏହାଦ୍ୱାରା ସୋରିଷ ଗଛରେ ଡାଳ ଅଧିକ ହୋଇ ଫୁଲ, ଫଳ ଭଲ ହୁଏ।

**ରୋଗପୋକ ପରିଚାଳନା**

ସୋରିଷ ଚାଷ କରୁଥିଲେ ସେଥିରେ ରୋଗପୋକ ପରିଚାଳନା ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିବା ଦରକାର।

**ପାଉଁଶିଆ ରୋଗ**

ସୋରିଷ ଚାଷରେ ପାଉଁଶିଆ ରୋଗ ହେଲେ ସଲ୍‌ଫର ୮୦ ପ୍ରତିଶତ ଡବ୍ଲ୍ୟୁପିର ୪୦ ଗ୍ରାମ/ପ୍ରୋପିକୋନାଜଲ୍ ୨୫ ପ୍ରତିଶତ ଇ.ସି.ର ୧୦ ମି.ଲି. ପ୍ରୟୋଗ କରନ୍ତୁ।

**ନିମ୍ନମୁଖୀ ପାଉଁଶିଆ ଓ ଧଳା କଳଙ୍କ ରୋଗ**

ସୋରିଷ ଚାଷରେ ନିମ୍ନମୁଖୀ ପାଉଁଶିଆ ଓ ଧଳା କଳଙ୍କ ରୋଗ ହେଲେ ମେଟାଲାକ୍ସିଲ-ଏମ୍. ୩୧.୮ ପ୍ରତିଶତ ଇ.ଏସ୍. ୩୫ ମି.ଲି. ପ୍ରୟୋଗ କରନ୍ତୁ।

**କାଣ୍ଡପଚା ଓ ପତ୍ରପୋଡ଼ା ରୋଗ**

ସୋରିଷ ଚାଷରେ କାଣ୍ଡପଚା ଓ ପତ୍ରପୋଡ଼ା ରୋଗ ଦେଖାଦେଲେ ଏହାକୁ ଦମନ କରିବା ପାଇଁ ମାନ୍‌କୋଜେବ୍ ୭.୫ ପ୍ରତିଶତ, ଡବ୍ଲ୍ୟୁପି ୩୦ ଗ୍ରାମ/କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁପିର ୧୫ ଗ୍ରାମକୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଜଉ, ଚିତ୍ରିତ ବଗ୍ ପୋକ ଦମନ**

ସୋରିଷ ଚାଷରେ ଜଉ ଏବଂ ଚିତ୍ରିତ ବଗ୍ ପୋକ ଦମନ ପାଇଁ ଇମିଡାକ୍ଲୋପ୍ରିଡ୍ ୧୭.୮ପ୍ରତିଶତ ଏସ୍ଏଲ ୨.୮ ମିଲି/ଥାୟୋମେଥୋକାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୨ ଗ୍ରାମ ପ୍ରୟୋଗ କରନ୍ତୁ।

**ପତ୍ର ବୁଢ଼ିଆଣୀ ଓ ଠିକିରିଆପିଠିଆ ମଥ୍ ଦମନ**

ସୋରିଷ ଚାଷରେ ପତ୍ର ବୁଣିଆଣୀ ଠିକିରିଆପିଠିଆ ମଥ୍ ଦମନ ପାଇଁ ଫିପ୍ରୋନିଲ୍ ୫ ପ୍ରତିଶତ ଇ.ସି. ୨୦ ମିଲି/ଇଥୋଫେନ୍‌ପ୍ରକ୍ସ ୧୦ ପ୍ରତିଶତ ଇ.ସି. ୧୦ ମି.ଲି. ପ୍ରୟୋଗ କରନ୍ତୁ।

‘ସୋରିଷ ଗଛ ବହଳିଆ ହୋଇଥିଲେ ଛୋଟ ଛୁଇଁ ମିଳିଥାଏ। ପ୍ରାରମ୍ଭିକ ଅବସ୍ଥାରେ ସୋରିଷଗଛର ଅଗ ଛିଡ଼ାଇ ଦେଲେ ଅଧିକ ଶାଖା ଆସିଥାଏ। ସୋରିଷଗଛ ବଢ଼ିବାର ୩ ସପ୍ତାହ ମଧ୍ୟରେ ଘାସ ବାଛିଦେବା ଭଲ। ନଚେତ୍ ଏକର ପ୍ରତି ଘାସମରା ଔଷଧ ଆଇସୋପ୍ରୋଟ୍ୟୁରନ୍ ୫୦ ପ୍ରତିଶତ, ଡବ୍ଲ୍ୟୁପି ୬୪୦ ଗ୍ରାମ ବୁଣିବାର ୩ ଦିନ ମଧ୍ୟରେ କୁଇଜାଲୋଫସ୍ ଇଥାଇଲ ୫ ପ୍ରତିଶତ ଇସି ୪୦୦ ମିଲି, ବୁଣିବାର ୧୫ଦିନ ବେଳକୁ ୨୦୦ ଲିଟର ପାଣିରେ ଗୋଳାଇ ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ସୋରିଷ ଚାଷରେ ଘାସ ନିୟନ୍ତ୍ରଣ କରାଯାଇଥାଏ।’



**କରତିଆ ମାଛି, କୋବି ପ୍ରଜାପତି ଓ ବିହାରୀ ଲାଲ ଶୁଁବାଳୁଆ**

ସୋରିଷ ଚାଷରେ କରତିଆ ମାଛି, କୋବି ପ୍ରଜାପତି ଓ ବିହାରୀ ଲାଲ ଶୁଁବାଳୁଆର ପ୍ରାଦୁର୍ଭାବ ଦେଖାଦେଲେ ଏଗୁଡ଼ିକୁ ଦମନ ପାଇଁ କୁଇନାଲଫସ୍ ୨୫ ପ୍ରତିଶତ ଇ.ସି. ୨୮ ମି.ଲି./ଆସିଫେଟ୍ ୭୫ ପ୍ରତିଶତ ଏସ୍‌ପି ୧୦ ଗ୍ରାମ ପ୍ରୟୋଗ କରନ୍ତୁ।

**ଫ୍ଲି ମାଛି ଓ ଉଇ**

ଏହି ଚାଷରେ ଫ୍ଲି ମାଛି ଓ ଉଇ ନିୟନ୍ତ୍ରଣ କ୍ଲୋରୋପାଇରିଫସ୍ ୨୦ ପ୍ରତିଶତ ଇସିର ୨୦-୪୦ ମି.ଲି./ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍‌ସି ୨୦-୩୦ ମି.ଲି. ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅନ୍ୟପକ୍ଷରେ ମହୁମାଛିମାନଙ୍କ ଚଳପ୍ରଚଳରେ ବାଧା ନ ଉପୁଜିବା ପାଇଁ ଅପରାହ୍ନରେ କୀଟନାଶକ ପ୍ରୟୋଗ କରିବା ପ୍ରୟୋଜନ।

**ଅମଳ ଓ ସାଇତା**

ସୋରିଷ ଗଛରେ ଛୁଇଁଗୁଡ଼ିକ ହଳଦିଆ ପଡ଼ି ପତ୍ର ଝଡ଼ିବା ଅବସ୍ଥାରେ ଗଛ କାଟିବା ଦରକାର। ବିହନ ମଧ୍ୟରେ ଜଳୀୟ ଅଂଶ ୮ ପ୍ରତିଶତରୁ ଅଧିକ ରହିବା ଉଚିତ ନୁହେଁ। ଏଥିପାଇଁ ସୋରିଷ ଗଛ କାଟି ସାରି ବିଡ଼ା ବାନ୍ଧି ଭଲ ଭାବରେ ଖରାରେ କିଛିଦିନ ଶୁଖାଇ ଅମଳ କରାଯାଏ। ଅମଳ ସୋରିଷକୁ ଉଡ଼ାଇବା ପରେ ପୁଣି ଥରେ ଖରାରେ ଶୁଖାଇ ବିହନ ହିସାବରେ ସାଇତି ରଖାଯାଏ। ତୋରିଆ ସୋରିଷ ହାରାହାରି ଏକରରୁ ୪-୬ କୁଇଣ୍ଟାଲ ଅମଳ ମିଳିଥାଏ। ରାଇ ସୋରିଷ ଅମଳ ତୋରିଆ ସୋରିଷଠାରୁ ଅଧିକ ବା ୫-୮ କୁଇଣ୍ଟାଲ ହୋଇଥାଏ।

-ରାଜ୍ୟ ଜୈବ ରସାୟନବିତ୍, ଭୁବନେଶ୍ୱର
ମୋ : ୯୪୩୭୧୧୨୭୦୪

## ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ...



ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେରହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗ୍ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟାକଲମୀ କିମ୍ବା ଗୁଟିକଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।

## ଗେଣ୍ଡୁ ଫୁଲର ଉନ୍ନତ କିସମ



ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।





ଶଟ୍ ଖେଳିବା ଅବସରରେ ନୋଭାକ୍ ଜୋକୋଭିଚ୍।

# ସେମିରେ ଜୋକୋଭିଚ୍

**ମେଲବୋର୍ନ, ୨୧।୧ (ଏପି)**

ସର୍ବୀୟ ଷ୍ଟାର ଖେଳାଳି ନୋଭାକ ଜୋକୋଭିଚ୍, ଜର୍ମାନୀର ଆଲେଜାଣ୍ଡର ଜେଭରେଭ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ସ୍ପେନର ପାଉଲା ବଦୋସା ଓ ବେଲାରୁଷର ଆରିନା ସାବାଲେଙ୍କା ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଜୋକୋଭିଚ୍ ୪-୬, ୬-୪, ୬-୩, ୬-୪ ସେଟ୍‌ରେ କାର୍ଲୋସ ଅଲ୍‌କାରାଜଙ୍କୁ ହରାଇ ଦେଇଛନ୍ତି। ଏଠାରେ ଏହା ହେଉଛି ତାଙ୍କର ୧୨ତମ ସେମିଫାଇନାଲ। ମାର୍ଗାରେଟ୍ କୋର୍ଟଙ୍କ ରେକର୍ଡ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡକୁ ଭଙ୍ଗ କରିବା ଲାଗି ଏହି ଖେଳାଳିଙ୍କର ଏକ ସ୍ୱପ୍ନ ରହିଛି। ୨୭ବର୍ଷୀୟ ଜେଭେରେଭ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆମେରିକାର ଟମି ପଲ୍‌ଙ୍କୁ ୭-୬ (୭-୧), ୭-୬ (୭-୦), ୨-୬, ୬-୧ରେ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ବଦୋସା କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହିଥିବା ଆମେରିକାର କୋକୋ ଗଫ୍‌ଙ୍କ ବିପକ୍ଷରେ ୭-୫, ୬-୪ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ସେହିପରି କ୍ରମାଗତ ତୃତୀୟ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନଶିପ୍ ଟାଇଟଲ ଲକ୍ଷ୍ୟରେ ଥିବା ନମ୍ବର ୱାନ ଖେଳାଳି ସାବାଲେଙ୍କା ଆନାସ୍ତାସିଆ ପାଭଲୁଚେଙ୍କୋଭାଙ୍କୁ ୨୬, ୬-୨, ୬-୩ ସେଟରେ ହରାଇ ଦେଇଛନ୍ତି। ଗୁରୁବାର ସେମିଫାଇନାଲରେ ସେ ୧୧ଶ ସିଡ୍ ତଥା ତାଙ୍କ ଜଣେ ପ୍ରିୟ ବାନ୍ଧବୀଙ୍କୁ ଭେଟିବେ।

# ଜର୍ସିରେ ପାକିସ୍ତାନ ଲେଖାକୁ ନେଇ ବିବାଦ

**ନୂଆଦିଲ୍ଲୀ, ୨୧।୧**

ପାକିସ୍ତାନ ଓ ଦୁବାଇରେ ଖେଳାଯିବାକୁ ଥିବା ଆଗାମୀ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନେଇ ସାନି ବିବାଦ ମୁଣ୍ଡ ଟେକିଛି। ଖବର ଅନୁସାରେ ଟିମ୍ ଜର୍ସିରେ 'ପାକିସ୍ତାନ' (ଆୟୋଜକ ଦେଶ) ଲେଖାକୁ ନେଇ ଭାରତ ଆପତ୍ତି ଉଠାଇଛି। ପାକିସ୍ତାନ ଯଦିଓ ଟୁର୍ନାମେଣ୍ଟର ଅଫିସିଆଲ ଆୟୋଜକ ହୋଇଛି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଦେଶକୁ ଦଳ ପଠାଇବା ଲାଗି ରାଜି ହେଲାନି। ଫଳରେ ଟୁର୍ନାମେଣ୍ଟ ପାଇଁ ଏକ ହାଇବ୍ରିଡ୍ ମଡେଲ ପ୍ରସ୍ତାବକୁ




ଗ୍ରହଣ କରାଗଲା। ତଦନୁସାରେ ଭାରତ ଏହାର ଚାମ୍ପିୟନ୍ସ ଟ୍ରଫି ଗେମ୍‌ଗୁଡ଼ିକ ଦୁବାଇରେ ଖେଳିବ। ତେବେ ଖେଳାଳିମାନଙ୍କ ଜର୍ସିରେ ଆୟୋଜକ ଦେଶର ନାମ ସ୍ଥାନିତ କରାଯାଇଥିବାରୁ ସାନି ବିବାଦ ଦେଖାଦେଇଛି। ପାକିସ୍ତାନ କ୍ରିକେଟ ବୋର୍ଡର ଜଣେ ଅଫିସିଆଲ କହିଛନ୍ତି, ବିସିସିଆଇ କ୍ରିକେଟକୁ ନେଇ ରାଜନୀତି କରୁଛି। ଖେଳପାଇଁ ଏହା ଠିକ୍ ନୁହେଁ। ବିସିସିଆଇ ପୂର୍ବରୁ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନରେ ଅଂଶଗ୍ରହଣକାରୀ ଦଳର ଅଧିନାୟକମାନଙ୍କୁ ନେଇ ଆୟୋଜନ କରିଥିବା ଏକ କାର୍ଯ୍ୟକ୍ରମକୁ ଅଧିନାୟକ ରୋହିତ ଶର୍ମାଙ୍କୁ ପଠାଇବା ଲାଗି ମନା କରିଦେଇଥିଲା। ପିସିବି ଅଫିସିଆଲ ଜଣକ କହିଛନ୍ତି, ଆଇସିସି ଏହି ପ୍ରସଙ୍ଗରେ ପାକିସ୍ତାନକୁ ସହାୟତା କରିବ ବୋଲି ଆଶା।

## ବୋପାନ୍ନା-ଝାଙ୍ଗ୍ ଯୋଡ଼ିଙ୍କ ବିଦାୟ

**ମେଲବୋର୍ନ, ୨୧।୧ (ପି.ଟି.):** ରୋହନ ବୋପାନ୍ନା ଓ ଶୁଆଇ ଝାଙ୍ଗ୍ ଅଷ୍ଟ୍ରେଲିଆନ ଓପନ୍ ମିକ୍ସଡ ଡବଲ୍ସ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। କିଆ ଆରେନାରେ ଖେଳାଯାଇଥିବା ଏହି ମ୍ୟାଚରେ ସ୍ଥାନୀୟ ୱାଇଲ୍ଡ କାର୍ଡ ଜନ୍ ପିଅର୍ସ ଓ ଓଲିଭିଆ ଗାଡେକିଙ୍କଠାରୁ ୬-୨, ୪-୬, ୯-୧୧ରେ ହାରିଯାଇଛନ୍ତି। ଏହି ପରାଜୟ ସହ ସିଜନ ଆରମ୍ଭ ଗ୍ରାଣ୍ଡସ୍ଲାମରେ ଭାରତର ଅଭିଯାନ ଶେଷ ହୋଇଛି। ବୋପାନ୍ନା ପୂର୍ବରୁ ପୁରୁଷ ଡବଲ୍ସରୁ ବିଦାୟ ନେଇ ସାରିଥିଲେ। ଅଷ୍ଟ୍ରେଲିଆନ ଓପନରେ ଭାଗ ନେଇଥିବା ଭାରତର ଅନ୍ୟ ପ୍ରତିଯୋଗୀ ଯଥା ସୁମିତ ନାଗାଲ ଏବଂ ଡବଲ୍ସ ସ୍ପେଶାଲିଷ୍ଟ ୟୁକି ଭାମ୍ବ୍ରି ଓ ଏନ୍. ଶ୍ରୀରାମ ବାଲାଜୀ ମଧ୍ୟ ସେମାନଙ୍କ ମ୍ୟାଚ ହାରି ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି।

## ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର, ୨୧।୧ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୦-୨ ଗୋଲରେ ମଦୁରାଇର ସେଥୁ ଏଫ୍‌ସି ନିକଟରୁ ହାରି ଯାଇଛି। ମ୍ୟାଚଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ବିଜୟୀ ଦଳ ପକ୍ଷରୁ ଅମନା ନବାବି ୬୯ ଓ ୮୨ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ନୀତା ଫୁଟବଲ ଏକାଡେମୀ ବିପକ୍ଷରେ ୨୮ ତାରିଖରେ ଖେଳିବ।

## ବୈଷ୍ଣବୀଙ୍କ ହ୍ୟାଟ୍ରିକ୍: ଭାରତ ୧୦ ଉଇକେଟରେ ବିଜୟୀ

**କୁଆଲାଲମ୍ପୁର, ୨୧।୧ (ପି.ଟି.):** ନବାଗତ ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମା ହ୍ୟାଟ୍ରିକ ସହ ୫ଉଇକେଟ ସଫଳତା (୫/୫) ସହାୟତାରେ ଭାରତ ଏଠାରେ ଚାଲିଥିବା ୧୯ବର୍ଷରୁ କମ୍ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ମାଲେସିଆକୁ ୧୦ ଉଇକେଟରେ ହରାଇ ଦେଇଛି। ଟୁର୍ନାମେଣ୍ଟ ଇତିହାସରେ ବୈଷ୍ଣବୀଙ୍କ ବୋଲିଂ ଫିଗର ସର୍ବଶ୍ରେଷ୍ଠ ବିବେଚିତ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ ୧୮ ଓଭର ଭିତରେ ଶେଷ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ମାଲେସିଆ ୧୪.୩ ଓଭରରେ ମାତ୍ର ୩୧ ସ୍କୋରରେ ଅଲଆଉଟ ହୋଇଯାଇଥିଲା।




**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

ଭାରତର ଅନ୍ୟ ଜଣେ ସଫଳ ବୋଲର ଆୟୁଷୀ ଶୁକ୍ଲା ୮ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଭାରତ ୩୨ ରନର ବିଜୟ ଲକ୍ଷ୍ୟକୁ ୨.୫ ଓଭରରେ ବିନା କୌଣସି ଉଇକେଟରେ ହାସଲ କରି ନେଇଥିଲା। ଜି. ତ୍ରିଶା ୧୨ ବଲ୍‌ରେ ୫ ଚୌକା ସହ ୨୭ ରନ କରି ଅପରାଜିତ ରହିଥିଲେ। ମହିଳା ଅନ୍ତର୍ଜାତୀୟ ଟି୨୦ରେ ସର୍ବନିମ୍ନ ସ୍କୋର ହେଉଛି ୬ରନ। ଏହା ଦୁଇଟି ଦେଶ ମାଳଦ୍ୱୀପ ଓ ମାଲିଙ୍କ ନାମରେ ରହିଛି। ପୁରୁଷ ଗେମ୍ ରେକର୍ଡ ଆଇଭରିକୋଷ୍ଟ ନାମରେ ରହିଛି। ଗତବର୍ଷ ଲାଗୋସଠାରେ ଦଳ ମାତ୍ର ୭ ରନ ସ୍କୋର କରିଥିବା ବେଳେ ନାଇଜେରିଆ ୨୬୪ ରନରେ ବିଜୟ ଲାଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ଓ ଶ୍ରୀଲଙ୍କା ସମାନ ୪ ପଏଣ୍ଟ ଲେଖାଏଁ ସ୍କୋର କରିଥିବା ବେଳେ ଶ୍ରୀଲଙ୍କା (+୫.୫) ତୁଳନାରେ +୯.୧ ରନ ରେଟ ଯୋଗୁ ଭାରତ ନିଜ ଗ୍ରୁପ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛି।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ